# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

ODISHA EXPRESS

SIGHTS TRUTH WRITES TRUTH

ଠିକ୍ ଦେଖେ ଠିକ୍ ଲେଖେ

ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୫୭
୨୩ ଜାନୁଆରୀ, ୨୦୨୬ ଶୁକ୍ରବାର
କେନ୍ଦ୍ରାପଡ଼ା

Pages-8
Price ₹ 5.00
Vol. 17, Issue No. : 257
23rd January, 2026 Friday
Kendrapara

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ







ଯା କୁନ୍ଦେନ୍ଦୁ ତୁଷାରହାର ଧବଳା ଯା ଶୁଭ୍ର ବସ୍ତ୍ରାବୃତା
ଯା ବୀଣାବରଦଣ୍ଡମଣ୍ଡିତକରା ଯା ଶ୍ୱେତପଦ୍ମାସନା ।
ଯା ବ୍ରହ୍ମାଚ୍ୟୁତ ଶଂକରପ୍ରଭୃତିଭିର୍ଦେବୈଃ ସଦା ବନ୍ଦିତା
ସା ମାଂ ପାତୁ ସରସ୍ୱତୀ ଭଗବତୀ ନିଃଶେଷଜାଡ୍ୟାପହା ॥

## ସରକାରୀ ଭାଷଣ ପଢ଼ିବାକୁ ରାଜ୍ୟପାଳ ଅମଙ୍ଗ

**ବେଙ୍ଗାଲୁରୁ,୨୨।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦେଶର ବିଭିନ୍ନ ଅଣ ବିଜେପି ଶାସିତ ରାଜ୍ୟରେ ଏବେ ସରକାର ବନାମ ରାଜ୍ୟପାଳ ବିବାଦ ତେଜିବାରେ ଲାଗିଛି । ପ୍ରଥମେ ତାମିଲନାଡୁରେ ରାଜ୍ୟପାଳ ଆରଏନ ରବି ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଭାଷଣ ପଢ଼ିବାକୁ ମନା କରି ବିଧାନସଭାରୁ

### ତାମିଲନାଡୁ ପରେ କର୍ଣ୍ଣାଟକ

ଚାଲି ଯାଇଥିଲେ । କେରଳରେ ରାଜ୍ୟପାଳ ରାଜ୍ୟ ସରକାରଙ୍କ ଭାଷଣକୁ କାଣ୍ଟଛାଣ୍ଟ କରି ପଢ଼ିଥିଲେ । ଏବେ ଏହି ତାଲିକାରେ କର୍ଣ୍ଣାଟକ ଯୋଡ଼ି ହୋଇଯାଇଛି ।

କର୍ଣ୍ଣାଟକ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ଭାଷଣ ପଢ଼ିବାକୁ ମନା କରି ବିଧାନସଭାରୁ ବାହାରି ଯାଇଛନ୍ତି ରାଜ୍ୟପାଳ ଥାୱରଚାନ୍ଦ ଗେହଲଟ । ପରମ୍ପରା ଅନୁସାରେ ବିଧାନସଭା ଅଧିବେଶନର ପ୍ରଥମ ଦିନରେ ରାଜ୍ୟପାଳ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଭାଷଣ ପଢ଼ନ୍ତି । ସବୁ ରାଜ୍ୟରେ ଏପରି ବ୍ୟବସ୍ଥା ରହିଛି । ହେଲେ କର୍ଣ୍ଣାଟକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ।



ମନରେଗା ବଦଳରେ କେନ୍ଦ୍ର ସରକାର ଆଣିଥିବା ବିଭି-ଜି ରାମ-ଜି ବିଲର କାର୍ଯ୍ୟକାରିତାକୁ ନେଇ କର୍ଣ୍ଣାଟକ ସରକାର ଭାଷଣରେ ଉଲ୍ଲେଖ କରିଥିବା ବିଷୟବସ୍ତୁକୁ ରାଜ୍ୟପାଳ ଗେହଲଟ ପସନ୍ଦ କରିନଥିଲେ । ଏଥିପାଇଁ ସେ ଭାଷଣ ପଢ଼ିବାକୁ ମନା କରିବା ସହ ଗୃହରୁ ଚାଲି ଯାଇଥିଲେ । ଏହାକୁ ନେଇ ରାଜ୍ୟପାଳ ବନାମ ସରକାର ବିବାଦ ପୁଣି ତୀବ୍ର ହୋଇଛି ।

ଯୁଗ୍ମ ଅଧିବେଶନକୁ ସମ୍ବୋଧିତ କରି ରାଜ୍ୟପାଳ କହିଥିଲେ ଯେ, ମୋ ସରକାର ରାଜ୍ୟର ଆର୍ଥିକ, ସାମାଜିକ ଓ ଭୌତିକ ବିକାଶ ଦ୍ୱିଗୁଣିତ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏହା କହିବା ପରେ ସେ ଜୟ ହିନ୍ଦ୍ ଜୟ କର୍ଣ୍ଣାଟକ କହି ଭାଷଣ ଶେଷ କରିଦେଇଥିଲେ । ସରକାର ପ୍ରସ୍ତୁତ କରିଥିବା ଭାଷଣ ସଂପୂର୍ଣ୍ଣ ଭାବେ ନିଜସ୍ୱ ଅପପ୍ରଚାର ବୋଲି ସେ କହି ଏହାକୁ ବିରୋଧ କରିଥିଲେ । ଏହାପରେ ସେ ଭାଷଣ ନ ଦେଇ ବିଧାନସଭାରୁ ଚାଲି ଯାଇଥିଲେ ।

ରାଜ୍ୟପାଳ ବିଧାନସଭାରୁ ଚାଲି ଯାଉଥିବା ବେଳେ କଂଗ୍ରେସ ବିଧାୟକମାନେ ନାରାବାଜୀ କରିଥିଲେ । ଏପରି କି ରାଜ୍ୟପାଳଙ୍କୁ ଘେରାଉ କରିବାକୁ ଚେଷ୍ଟା କରିଥିଲେ । ହେଲେ ଏହି ବିବାଦ ମଧ୍ୟରେ ରାଜ୍ୟପାଳଙ୍କୁ ମାର୍ଶଲମାନେ ସୁରକ୍ଷିତ ଭାବେ ଭିଡରୁ ବାହାର କରି ବାହାରକୁ ନେଇଥିଲେ ।

ଏହି ଘଟଣାକୁ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା ତୀବ୍ର ବିରୋଧ କରିଛନ୍ତି । ସେ କହିଛନ୍ତି ଯେ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଭାଷଣକୁ ଗୃହରେ ପଢ଼ିବା ରାଜ୍ୟପାଳଙ୍କ ସାମ୍ବିଧାନିକ କର୍ତ୍ତବ୍ୟ । ହେଲେ ରାଜ୍ୟପାଳ ଗେହଲଟ କେନ୍ଦ୍ରର ହାତବାରିସ ଭାବେ କାମ କରୁଛନ୍ତି । ରାଜ୍ୟପାଳଙ୍କ ଭାଷଣରେ ଥିବା ବିଷୟବସ୍ତୁକୁ କ୍ୟାବିନେଟ ଅନୁମୋଦନ ଦେଇଛି ।

ରାଜ୍ୟପାଳ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଖାଇକୁ ଖସିଲା ସେନା ଗାଡ଼ି ୧୦ ଯବାନ ଶହୀଦ

**ନୂଆଦିଲ୍ଲୀ,୨୨।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଜମ୍ମୁ କାଶ୍ମୀରର ଡୋଡାରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି । ସେନାର ଟ୍ରକ୍ ସେହି ଅଞ୍ଚଳ ଦେଇ ଯାଉଥିବା ସମୟରେ ଘାଟି ତଳକୁ ଖସି ପଡ଼ିଥିଲା ଯେଉଁଥିରେ ୧୦ ଜଣ ସୈନିକଙ୍କ ମୃତ୍ୟୁ ହୋଇଥିଲା ଏବଂ ୧୦ ଜଣ ଆହତ ହୋଇଥିଲେ । ସେନାର ଏହି କାସପର ଟ୍ରକଟି ଡୋଡାର ଭାଦରୱାହ-ଚମ୍ବା ରାସ୍ତାରେ ଯାତ୍ରା କରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଯାଇଛି । କାସପର ଟ୍ରକ୍ ପ୍ରାୟ ୨୦୦ ଫୁଟ ଗଭୀର ଘାଟି ତଳକୁ ଖସିଛି ବୋଲି ସୂଚନା ମିଳୁଛି । ଯବାନଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ଧାର କାର୍ଯ୍ୟ ଜାରି ରହିଛି ଏବଂ ଉଦ୍ଧାର ଦଳ ଦ୍ରୁତ ଗତିରେ କାର୍ଯ୍ୟ କରୁଛନ୍ତି । ଜଣେ ଅଧିକାରୀ କହିଛନ୍ତି ଯେ ଘଟଣା ଖବର ପାଇବା ପରେ ତୁରନ୍ତ ଉଦ୍ଧାର ଏବଂ ରିଲିଫ୍ ଦଳକୁ ଘଟଣାସ୍ଥଳକୁ ପଠାଯାଇଥିଲା । ଆହତ ଯବାନମାନଙ୍କୁ ଦୁର୍ଘଟଣାସ୍ଥଳରୁ ବାହାର କରାଯାଇ ନିକଟସ୍ଥ ଏକ ମେଡିକାଲକୁ ନିଆଯାଇଥିଲା ଯେଉଁଠାରେ ତିନି ଜଣ ଯବାନଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି ।



ସେନା ଗାଡ଼ିଟି ଉଚ୍ଚ ପାହାଡରେ ଥିବା ପୋଷ୍ଟ ଆଡକୁ ଯାଉଥିବା ବେଳେ ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ଗାଡ଼ିଟି ୨୦୦ ଫୁଟ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଭିଜିଲାନ୍ସ ଜାଲରେ ଆରଆଇ

**କଟକ,୨୨।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଭିଜିଲାନ୍ସ ଜାଲରେ କଟକ ସଦର ତହସିଲ କଖଡ଼ି ରାଜସ୍ୱ ନିରୀକ୍ଷକ (ଆରଆଇ) ଜାନକୀ ରଂଜନ ମଲ୍ଲିକ । ୧୦ହଜାର ଟଙ୍କା ଲାଂଚ ନେବା ବେଳେ ମାଡ଼ିବସିଲା କଟକ ଭିଜିଲାନ୍ସ ଟିମ । ଜମି ମ୍ୟୁଟେସନ ରିର୍ପୋଟ ପାଇଁ ୧୦ହଜାର ଟଙ୍କା ଲାଂଚ ନେବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଆରଆଇ ଶ୍ରୀ ମଲ୍ଲିକ ଗିରଫ ହୋଇଛନ୍ତି ।



ଭିଜିଲାନ୍ସ ସୂଚନା ମୁତାବକ, ଆରଆଇ ଶ୍ରୀ ମଲ୍ଲିକ ଏକ ମ୍ୟୁଟେସନ ମାମଲାରେ ଅନୁକୂଳ ରିର୍ପୋଟ ଦେବା ପାଇଁ ଜଣେ ଜମି ମାଲିକଙ୍କ ଠାରୁ ୧୦ ହଜାର ଟଙ୍କା ଦାବି କରିଥିବା ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା । କିନ୍ତୁ ଜମି ମାଲିକ ଦାବି କରାଯାଉଥିବା ଲାଂଚ ଦେବାକୁ ଅକ୍ଷମତା ପ୍ରକାଶ କରିଥିଲେ । ତଥାପି ଆରଆଇ ଶ୍ରୀ ମଲ୍ଲିକ ଜମି ମାଲିକଙ୍କ ଠାରୁ ଲାଂଚ ନେବାକୁ ଜିଦ ଧରିଥିଲେ । ଅନ୍ୟ କୌଣସି ଉପାୟ ନପାଇ ଜମି ମାଲିକ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଘଟଣା ବିଷୟରେ ଜଣାଇଥିଲେ । ଏହା ପରେ ଓଡ଼ିଶା ଭିଜିଲାନ୍ସର ଏକ ଟିମ ଗୁରୁବାର ଆରଆଇ ଶ୍ରୀ ମଲ୍ଲିକଙ୍କୁ ତାଙ୍କ କାର୍ଯ୍ୟାଳୟରେ ଜମି ମାଲିକଙ୍କ ଠାରୁ ୧୦ହଜାର ଟଙ୍କା ଲାଂଚ ନେଉଥିବା ସମୟରେ ଗିରଫ କରିଛି । ଅଭିଯୁକ୍ତ ଆରଆଇ ଶ୍ରୀ ମଲ୍ଲିକଙ୍କ ନିକଟରୁ ସମସ୍ତ ଲାଂଚ ଟଙ୍କା ପ୍ରମାଣ ଭାବରେ ଭିଜିଲାନ୍ସ ଦ୍ୱାରା ଜବତ କରାଯାଇଛି । ଗିରଫ ପରେ ସମ୍ଭାବ୍ୟ ଆୟ ବର୍ହିଭୂତ ସଂପତିର ତଦନ୍ତ ପାଇଁ ଶ୍ରୀ ମଲ୍ଲିକଙ୍କ ସହିତ ଜଡ଼ିତ ଥିବା ୩ଟି ସ୍ଥାନରେ ଏକକାଳୀନ ତଲାସୀ କରାଯାଇଛି । ଚଢ଼ାଉବେଳେ ଆରଆଇ ଶ୍ରୀ ମଲ୍ଲିକଙ୍କ ସ୍ଥାନୀୟ କନିକାଛକ ସ୍ଥିତ ଭଡ଼ାଘରୁ ୩ଲକ୍ଷ ୩୭ହଜାର ଟଙ୍କା ଜବତ ହୋଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି । ଏ ନେଇ କଟକ ଭିଜିଲାନ୍ସ ଥାନାରେ କେସ ନଂ ୩/ ୨୦୨୬, ୟୁଏସ/-୭ପିସି ସଂଶୋଧନ ଆଇନ ୨୦୧୮ରେ ଆରଆଇ ଶ୍ରୀ ମଲ୍ଲିକଙ୍କ ବିରୋଧରେ ଏକ କେସ ରୁଜୁ ହୋଇଛି । ମାମଲାର ଅଧିକ ତଦନ୍ତ ଜାରି ରହିଛି ।

## ଦଳ ବିରୋଧୀଠୁ ନେଇ ଲୋକଙ୍କୁ ହଇରାଣ ଯାଏ ସବୁ ଅଭିଯୋଗ ଡାହା ମିଛ

**ଭୁବନେଶ୍ୱର,୨୨।୧: ଏକ୍ସପ୍ରେସ୍ ନ୍ୟୁଜ୍**

ମୁଁ ଆଶ୍ଚର୍ଯ୍ୟ । ଜାନୁଆରୀ ୧୫ ସନ୍ଧ୍ୟାରେ ନିଲମ୍ବିତ ହେଲି । ସେତେବେଳେ କାରଣ ଦର୍ଶାଗଲା, ଯେ ମୁଁ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ । ତା'ପରେ କୁହାଗଲା ବିଶ୍ୱାସଘାତକତା କରିଛି । ପରେପରେ ବିଧାୟକମାନଙ୍କୁ ନେଇ ମୁଁ ଗୋଷ୍ଠୀ କରିଥିଲି ସତ୍‌ସାହସ ଥିଲେ ସ୍ପଷ୍ଟ ଭାବେ କୁହନ୍ତୁ । ବାପା ବିଜୟ ମହାପାତ୍ରଙ୍କୁ ମୋ ରାଜନୈତିକ କାର୍ଯ୍ୟକଳାପ ସହ ସଂପୃକ୍ତ କରାନଯାଉ । ସେ ରାଜ୍ୟସଭା ପ୍ରାର୍ଥୀ ପାଇଁ କେବେ ଆଗ୍ରହ ପ୍ରକାଶ କରିନାହାନ୍ତି କି ମୋ

### ଅଭିଯୋଗର ତାଲିକା ଏତିକି ନା ଆହୁରି ଲମ୍ବିବ ?

କୁହାଗଲା, ମିଡ ଡେ ଅପରେସନରେ ମୁଁ ସଂପୃକ୍ତ । ଶେଷରେ କାଲି କୁହାଗଲା, ମୁଁ ପାଟକୁରାବାସୀଙ୍କୁ ହଇରାଣ କରୁଛି । ଅଭିଯୋଗ ଏତିକି ନା ଆହୁରି ଅଛି ? ଏପରି କଟାକ୍ଷ କରିଛନ୍ତି ପାଟକୁରାର ଯୁବ ବିଧାୟକ ଅରବିନ୍ଦ ମହାପାତ୍ର । ସେ ଦୃଢ଼ତାର ସହ କହିଛନ୍ତି, ପାଟକୁରାବାସୀଙ୍କ ସମର୍ଥନ ମୋ ସହିତ ଅଛି । ନବୀନ ବାବୁଙ୍କୁ ଏ ମନଗଢ଼ା ତଥ୍ୟ କିଏ ଦେଉଛି ?

ଅରବିନ୍ଦ କହିଛନ୍ତି, କେଉଁ କେଉଁ ଆଡୁ କେବେ ତାଙ୍କ ସହ ଏଥିନେଇ ଆଲୋଚନା କରିନାହିଁ । ଏପରି ଅଭିଯୋଗ ସଂପୂର୍ଣ୍ଣ ଅମୂଳକ । ଏବେ କୁହାଯାଉଛି- ମୁଁ କାଳେ ମୋ ପାଟକୁରାବାସୀଙ୍କୁ ହଇରାଣ କରୁଛି । ବିଧାୟକ ଭାବେ ଦେଢ଼ବର୍ଷର କାର୍ଯ୍ୟକାଳ ଭିତରେ ଲଗାତାର ନିର୍ବାଚନ ମଣ୍ଡଳୀକୁ ଯାଇ ଲୋକମାନଙ୍କୁ ଭେଟୁଛି । ଏପରିକି ବିରୋଧୀ ଦଳ ନେତା ନବୀନବାବୁଙ୍କୁ ବହୁବାର ଦେଖା କରିଛି । କେବେ ବି ସେ ମୋତେ କହିନାହାନ୍ତି ଯେ ପାଟକୁରାବାସୀ ମୋ ଦ୍ୱାରା



ହଇରାଣ ହେଉଛନ୍ତି । ଆଜି ହଠାତ୍ ଏପରି ମନଗଢ଼ା କଥା ଆସିଲା କୋଉଠୁ ? ଯେଉଁମାନେ ନବୀନ ନିବାସରେ ଗତକାଲି ମେଳି ବାନ୍ଧିଥିଲେ ସେମାନଙ୍କ ମଧ୍ୟରୁ ୩/୪ଜଣଙ୍କୁ ଛାଡ଼ିଦେଲେ ବାକି ସମସ୍ତେ ଗତ ବିଧାନସଭା ନିର୍ବାଚନରେ ମୋତେ ଖୋଲାଖୋଲି ବିରୋଧ କରିଥିଲେ । ଏ କଥା ସମସ୍ତେ ଦେଖିଛନ୍ତି, ଜାଣିଛନ୍ତି । ଗତ ବିଧାନସଭା ଅଧିବେଶନ କାଳରେ ନବୀନବାବୁଙ୍କୁ ଭେଟିଥିଲି । ସେତେବେଳେ ସେ ମୋତେ ପଚାରିଥିଲେ- how is your father ? ଏବର ଅଭିଯୋଗ ତାଲିକାରୁ ଗୋଟିଏ ବି ସେତେବେଳେ ତ ନବୀନବାବୁଙ୍କ ମୁହଁରୁ ଶୁଣିବାକୁ ମିଳୁନଥିଲା ?

ସେ ଏହା ମଧ୍ୟ କହିଛନ୍ତି, ଭୋଜି ଭାତକୁ ମୁଁ ଯାଇନାହିଁ କେବେ । ବିଧାୟକ ପାଣ୍ଠି ଠିକ୍ ଭାବେ ଖର୍ଚ୍ଚ କରିଛି । ସାମ୍ନା ସାମ୍ନି ଆସି କ୍ୟାମେରା ଆଗରେ ଏଥିନେଇ ଆଲୋଚନା କରିବାକୁ ଆହ୍ୱାନ ଦେଉଛି । ଡେରାବିଶ ମହୋତ୍ସବକୁ ଆଜି, ରାଜନଗର ବିଧାୟକ ବି ଆସିଥିଲେ । ଜିଲ୍ଲା ନେତାଙ୍କ ସହିତ ମୋର ଭଲ ସମ୍ପର୍କ । ନବୀନ ବାବୁ ବାହାରକୁ ଆସି ମୋ ବିରୋଧରେ ମନଗଢ଼ା ଅଭିଯୋଗ ବାଢ଼ିବା ପରେ ଆଉ ତାଙ୍କୁ ଭେଟିବାର ଆବଶ୍ୟକତା ନାହିଁ ।

ଅତନୁ ସବ୍ୟସାଚୀଙ୍କୁ ଟାର୍ଗେଟ୍ କରି ଅରବିନ୍ଦ କହିଛନ୍ତି, ବିଜେଡି *(ଶେଷ ପୃଷ୍ଠା ଦେଖନ୍ତୁ)*

## ସୋମବାର ଖୋଲା ନନ୍ଦନକାନନ

**ଭୁବନେଶ୍ୱର,୨୨।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ସୋମବାର ଜାନୁଆରୀ ୨୬ରେ ନନ୍ଦନକାନନ ଚିଡ଼ିଆଖାନା ଖୋଲା ରହିବ । ସାଧାରଣତନ୍ତ୍ର ଦିବସ ଅବସରରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଏବଂ ବଟାନିକାଲ ଗାର୍ଡେନ ମଧ୍ୟ ଖୋଲା ରହିବ ବୋଲି ଚିଡ଼ିଆଖାନା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ସୋମବାର ପରିବର୍ତ୍ତେ ଏହା ମଙ୍ଗଳବାର ବନ୍ଦ ରହିବ ।

ସୂଚନା ଥାଉକି, ପ୍ରତି ସୋମବାର ନନ୍ଦନକାନନ ପ୍ରାଣୀ ଉଦ୍ୟାନ ବନ୍ଦ ରହିଥାଏ । ସାଧାରଣତନ୍ତ୍ର ଦିବସ ଏହି ଦିନ ପଡୁଥିବାରୁ ଏହା ପର୍ଯ୍ୟଟକଙ୍କ ପାଇଁ ଖୋଲା ରହିବ ।

## ସବୁଥିରେ କେନ୍ଦ୍ରାପଡ଼ା ପଛରେ

### ଉଚ୍ଚତର ଶିକ୍ଷା, ଉନ୍ନତ ସ୍ୱାସ୍ଥ୍ୟସେବା, ପର୍ଯ୍ୟଟନ ଓ କର୍ମସଂସ୍ଥାନର ସୁଯୋଗ

**କେନ୍ଦ୍ରାପଡ଼ା,୨୨।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଏକବିଂଶ ଶତାବ୍ଦୀରେ ଉଚ୍ଚତର ଶିକ୍ଷା, ଗବେଷଣା, ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା, ପର୍ଯ୍ୟଟନ ଓ କର୍ମସଂସ୍ଥାନର ସୁଯୋଗ ଥିବା ସହର ବିକଶିତ ସହର ଭାବେ ପରିଗଣିତ ହେଉଛନ୍ତି । ହେଲେ ସ୍ୱାଧୀନତାର ୭୮ବର୍ଷ ପରେ ବି ରାଜ୍ୟର ସର୍ବ ପ୍ରଥମ କେନ୍ଦ୍ରାପଡ଼ା ମୁନିସିପାଲଟି ବିକଶିତ ହେବା ତ ଦୂରର କଥା ଅନେକ ସମସ୍ୟାକୁ ନେଇ ବହୁ ପଛରେ ପଡ଼ିଛି । ଏହି ମୁନିସିପାଲଟିକୁ ଦେଖିଲେ ଏହା ଯେ ରାଜ୍ୟର ସର୍ବ ପ୍ରଥମ ମୁନିସିପାଲଟି ତାହା କେହି କେବେ ବିଶ୍ୱାସ କରିପାରିବେନି । ଅବଶ୍ୟ କେନ୍ଦ୍ରାପଡ଼ା ମୁନିସିପାଲଟିକୁ ବିକାଶରେ ରାଜ୍ୟର ଏକ ନମ୍ବର କରିବାକୁ ପ୍ରତିଶ୍ରୁତି ଦେଇ ବହୁବାର ରାଜନୈତିକ ଫାଇଦା ହାସଲ କରାଯାଇଛି । କିନ୍ତୁ ବିକାଶ ତ ଦୂରେ ଥାଉ ଏହାର ବହୁବିଧ ସମସ୍ୟାର ସମାଧାନ ଏଯାଏ ସମ୍ଭବ ହୋଇନାହିଁ ।

ପ୍ରାୟ ୧୧ ବର୍ଗ କିଲୋମିଟର ଅଂଚଳରେ ଥିବା ଏହି ମ୍ୟୁନିସିପାଲିଟିରେ ୨୧ ଟି ୱାର୍ଡ ଅଛି । କିନ୍ତୁ ସବୁ ୱାର୍ଡ଼କୁ ସଂଯୋଗ କଲାଭଳି ପ୍ରଶସ୍ତ ରାସ୍ତାଟିଏ ସମ୍ଭବ ହୋଇପାରିନାହିଁ । ସହରର ମୁଖ୍ୟରାସ୍ତା ଯାହାକୁ କୁହାଯାଉଛି ତାହା ଅନ୍ୟାନ୍ୟ ସହର ର କୌଣସି ଗଳି ରାସ୍ତା ଠାରୁ ବି ହୀନ । ଏଯାଏ ଏହି ମୁନିସିପାଲଟିରେ ସ୍ୱେରେଜ ବ୍ୟବସ୍ଥା ହୋଇପାରିନଥିବାରୁ ଅସରାଏ ବର୍ଷାରେ ସହରରେ ବର୍ଷା ପାଣି ନାଳନର୍ଦ୍ଦମାର ପାଣି ସହିତ ଏକାକାର ହୋଇ ପ୍ଲାବିତ ହେଉଛି । ପୂର୍ବରୁ ଏହି ମୁନିସିପାଲଟି ରେ ଥିବା ପାରମ୍ପରିକ ଜଳ ନିଷ୍କାସନ ପଥ ମଧୁସାଗର ରାଜନୈତିକ ଓ ପ୍ରଶାସନିକ ଉଦାସିନତା କାରଣରୁ ଜବର ଦଖଲକୁ ଚାଲିଯିବା ସହିତ ଅନେକଙ୍କ ମାଲିକାନାରେ ପରିଣତ ହୋଇଯାଇଛି ।

ଏଠାରେ ଲୋକଙ୍କ ଜୀବନଧାରଣର ମାନରେ ମଧ୍ୟ ସେପରି କୌଣସି ଉନ୍ନତି ଆସିପାରିନାହିଁ । ୨୦୧୧ ଜନଗଣନା ଅନୁସାରେ ଏଠାରେ ପ୍ରାୟ୪୭ ହଜାର ଲୋକ ବସବାସ କରୁଥିଲାବେଳେ ସଂପ୍ରତି ଏହି ସଂଖ୍ୟା ୬୦ ହଜାରକୁ ଟପିଗଲାଣି । ମୁନିସିପାଲଟିରେ କିମ୍ବା ଆଖପାଖରେ କୌଣସି ବୈଷୟିକ ତଥା ବୃତ୍ତିଗତ ଶିକ୍ଷାନୁଷ୍ଠାନ କି କର୍ମନିଯୋଜନର ସୁଯୋଗ ସୃଷ୍ଟି ନହେବା ଫଳରେ ଦାରିଦ୍ର୍ୟ ଭରିରହିଛି । ମାତ୍ର ୩୧.୭ପ୍ରତିଶତ ଲୋକେ କୌଣସି ମତେ କର୍ମସଂସ୍ଥାନ ଯୋଗାଡ଼ରେ ସଫଳ ହୋଇପାରିଛନ୍ତି । ସେଥିରୁ ମହିଳାଙ୍କ ହାର ମାତ୍ର ୮.୯ପ୍ରତିଶତ ବୋଲି କୁହାଯାଉଛି । ସବୁଠାରୁ ଦୁଃଖର କଥା ହେଲା କେନ୍ଦ୍ରାପଡ଼ା ମୁନିସିପାଲଟିର ଏକ କେନ୍ଦ୍ରାଂଚଳରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଟି ଅନ୍ୟତ୍ର ସ୍ଥାନାନ୍ତର ହୋଇଯିବା ପରେ ଏହି ମୁନିସିପାଲଟି ଏକ ପ୍ରକାର ଚିକିତ୍ସାଳୟ ଶୂନ୍ୟ ହୋଇପଡ଼ିଛି । ଅତଏବ ରାଜ୍ୟର ସର୍ବ *(ଶେଷ ପୃଷ୍ଠା ଦେଖନ୍ତୁ)*

## ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରି ମୁକୁଳିଲେ ୨ ସଚିବ

**କଟକ,୨୨।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଅଦାଲତ ଅବମାନନା ମାମଲାରୁ ମୁକୁଳିଲେ ରାଜ୍ୟର ଦୁଇ ବରିଷ୍ଠ ଆଇଏଏସ ଅଧିକାରୀ । ଉଚ୍ଚଶିକ୍ଷା ସଚିବ ଏବଂ ଗଣଶିକ୍ଷା ସଚିବ ଉଭୟଙ୍କ ବିରୁଦ୍ଧରେ ଗତ ୧୬ତାରିଖରେ ଗିରଫ ପରୱାନା ହାଇକୋର୍ଟ ଜାରି କରିଥିଲେ । ୨୨ ତାରିଖ ସୁଦ୍ଧା ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇନଥିଲେ, ଉଭୟଙ୍କୁ ଗିରଫ କରିବା ଲାଗି କୋର୍ଟଙ୍କ ନିର୍ଦ୍ଦେଶ ଥିଲା । ତେବେ ଉଭୟ ଅଧିକାରୀଙ୍କ ପକ୍ଷରୁ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇଥିବା ନେଇ

### ଅଦାଲତ ଅବମାନନା ମାମଲା

ସତ୍ୟପାଠ ଦାଖଲ କରାଯାଇଛି । ଉଭୟ ସଚିବ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କଲାପରେ ହାଇକୋର୍ଟ ଅଦାଲତ ଅବମାନନା ମାମଲାକୁ ରଦ୍ଦ କରିଛନ୍ତି । ସୂଚନାଯୋଗ୍ୟ, କୁଜଙ୍ଗ କଲେଜର ଅବସରପ୍ରାପ୍ତ ଲିଡ଼ର ତପନ ପଟ୍ଟନାୟକ ଏବଂ ବେଣୁଧର ଦାସ ନାମକ ଜଣେ ସରକାରୀ କର୍ମଚାରୀ ଉଭୟ ଉଚ୍ଚଶିକ୍ଷା ସଚିବ ଓ ଗଣଶିକ୍ଷା ସଚିବଙ୍କ ବିରୁଦ୍ଧରେ ୨ଟି ପୃଥକ ପୃଥକ ମାମଲା ଦାୟର କରିଥିଲେ । ତେବେ ସମାନ ଢ଼ଙ୍ଗରେ ଢ଼େଙ୍କାନାଳ ଡିଇଓଙ୍କ ବିରୁଦ୍ଧରେ ମଧ୍ୟ ଗିରଫ ପରୱାନା ଜାରି ହୋଇଥିଲା । ତେବେ ଡିଇଓ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ଲାଗି ମହଲତ ଲୋଡ଼ିଛନ୍ତି, ଯାହାକୁ ହାଇକୋର୍ଟ ମଞ୍ଜୁରୀ ଦେଇଛନ୍ତି । ଆସନ୍ତା ୩୦ ତାରିଖ ଦିନ ଡିଇଓଙ୍କ ବିରୁଦ୍ଧରେ ଦାୟର ହୋଇଥିବା ଅଦାଲତ ଅବମାନନା ମାମଲାର ଶୁଣାଣି ହେବ ।

## ହାତୀକୁ ଅନ୍ୟ ସ୍ଥାନରେ ପୋତିବା ବଡ଼ ଅପରାଧ: ମନ୍ତ୍ରୀ

**ଭୁବନେଶ୍ୱର,୨୨।୧: ଏକ୍ସପ୍ରେସ୍ ନ୍ୟୁଜ୍**

ବାଲିଗୁଡାରେ ହାତୀ ମୃତଦେହକୁ ପୋତିବା ଘଟଣାରେ ପ୍ରତିକ୍ରିୟା ରଖିଲେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ । ମନ୍ତ୍ରୀ କହିଛନ୍ତି, ଏଭଳି ଲୋକ ସରକାରୀ ଚାକିରିରେ ରହିବା ଯୋଗ୍ୟ ନୁହେଁ । ହାତୀକୁ ଅନ୍ୟ ସ୍ଥାନରେ ପୋତିବା ବଡ଼ ଅପରାଧ । ଏନେଇ ବିଭାଗ ତଦନ୍ତ କରୁଛି । ଯେଉଁମାନେ ଏଥିରେ ସମ୍ପୃକ୍ତ ଏବଂ ଯେଉଁମାନେ ସାହାଯ୍ୟ କରିଛନ୍ତି ସମସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ । ସଠିକ୍ ତଦନ୍ତ କିଭଳି ହେବ ସେନେଇ ପିସିସିଏଫ ଏବଂ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା ହୋଇଛି । ଇନଚାର୍ଜ ରେଞ୍ଜର ଫେରାର ଅଛନ୍ତି । ପିସିସିଏଫ ତଦନ୍ତ କରୁଛନ୍ତି । ବିଭାଗ ସନ୍ଦେହ ସୃଷ୍ଟି ହେଉଥିବାରୁ ସ୍ୱତନ୍ତ୍ର ଭାବେ ତଦନ୍ତ ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ହୋଇଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ କହିଛନ୍ତି ।

ସୂଚନାଯୋଗ୍ୟ ଯେ, ମୁଣ୍ଡୁଟି ଜଙ୍ଗଲରୁ ହାତୀ ମୃତ୍ୟୁ ଓ ଶବକୁ ନେଇ ଅନ୍ୟତ୍ର ପୋତିଦେବା ଘଟଣାରେ ବନ ବିଭାଗ ପକ୍ଷରୁ ରେଞ୍ଜର ବିନୟ ବିଶିଙ୍କୁ ମଙ୍ଗଳବାର ଚାକିରିରୁ ନିଲମ୍ବନ କରାଯାଇଥିଲା । ତେବେ ହାତୀର ଶବ ମିଳିନଥିଲା । ବାଲିଗୁଡା ଡିଏଫଓ ଏହି ଘଟଣାର ତଦନ୍ତ କରୁଥିଲେ । ବୁଧବାର ଯୁଗ୍ମ ଟାସ୍କଫୋର୍ସ ଟିମ୍ ସହ ବାଲିଗୁଡ଼ା ଡିଏଫଓ ଘନଶ୍ୟାମ ମହନ୍ତ ଓ ତୁମୁଡିବନ୍ଧ ରେଞ୍ଜର କାଳୀଚରଣ ବେହେରା ନିଲମ୍ବିତ ରେଞ୍ଜର ବିନୟ ବିଶିଙ୍କ ଗାଁ କେସିଙ୍ଗାର ତହସିରରେ ପହଞ୍ଚି ତନାଘନା କରିଥିଲେ ।

ହାତୀ ଶବ ପୋତିବା ଘଟଣାରେ ସଂଶ୍ଲିଷ୍ଟ ଥିବା ବ୍ୟକ୍ତିମାନଙ୍କ ସୂଚନା ଆଧାରରେ ବାଲିଗୁଡା ବନଖଣ୍ଡ ବିଭାଗ ଓ କଳାହାଣ୍ଡି ବନଖଣ୍ଡ ବିଭାଗ ଅଧିକାରୀମାନେ ତହସିର ଡ୍ୟାମ୍ ନିକଟରେ *(ଶେଷ ପୃଷ୍ଠା ଦେଖନ୍ତୁ)*

## ବଜ୍ରକାପ୍ତା କାଟି ଡିଲ୍: ରେଞ୍ଜ ଅଫିସ୍‌ରେ ପଶି ଆସାମୀଙ୍କ ସମ୍ମୁଖରେ ଗର୍ଜିଲେ ଆଇଆଇସି

**ରାଜନଗର,୨୨।୧: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବନଖଣ୍ଡ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ଷଣ୍ଢପଲୀ ଗ୍ରାମରେ ବଜ୍ରକାପ୍ତା କାଟି ଡିଲ ବେଳେ ଏସଟିଏଫ ସହ ବନବିଭାଗ ଟିମ ତିନିଜଣ ଆସାମୀଙ୍କୁ ଧରି ରାଜନଗର ରେଂଜ କାର୍ଯ୍ୟାଳୟକୁ ଆଣିଥିଲା । ରେଂଜ କାର୍ଯ୍ୟାଳୟରେ ରେଂଜ ଅଫିସର ଚିତରଂଜନ ବେଉରାଙ୍କ ଉପସ୍ଥିତିରେ ସହକାରୀ ବନସଂରକ୍ଷକ ଗଗନବିହାରୀ ମଲ୍ଲିକ ଆସାମୀଙ୍କୁ ପଚରା ଉଚରା କରୁଥିବା ବେଳେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରିଣୀ ବନ୍ଦନା ପାତ୍ର ହଠାତ୍ ରେଂଜ କାର୍ଯ୍ୟାଳୟକୁ ପଶିଥିଲେ । ଆସାମୀମାନଙ୍କୁ ପଚରା ଉଚରା କରୁଥିବା ସହକାରୀ ବନସଂରକ୍ଷକ ଗଗନ ବିହାରୀ ମଲ୍ଲିକଙ୍କୁ କାହିଁକି ଆପଣ ମୋତେ ଜଣାଇଲେ ନାହିଁ । ସହକାରୀ ବନସଂରକ୍ଷକ ଶ୍ରୀ ମଲ୍ଲିକ ଆଇଆଇସି ଶ୍ରୀମତୀ ପାତ୍ରଙ୍କୁ ମୁଁ ଆସାମୀମାନଙ୍କୁ ପଚରା ଉଚରା କରୁଛି ଆପଣ ବସନ୍ତୁ ବୋଲି କହିଥିଲେ । ଆଇଆଇସି ଶ୍ରୀମତୀ ପାତ୍ର ଏ ଲୋମାନଙ୍କୁ ଆଣିଲା ବେଳେ ମୋତେ କାହିଁକି ଜଣାଇଲେ ନାହିଁ ବୋଲି ବାରମ୍ବାର ପ୍ରଶ୍ନ କରିଥିଲେ । ଆପମାନଙ୍କ ବିରୁଦ୍ଧରେ ମୁଁ କେଶ କରିବି ବୋଲି ଧମକ ଦେବାକୁ ପଛାଇନଥିଲେ । ଆପଣମାନେ କେତେବେଳେ ଗଲେ, କେତେବେଳେ ଧରିଲେ ସବୁ ଖବର ମୋ ପାଖରେ ଅଛି । ଏମିତି କାମ ଆପଣ କରନ୍ତୁନି ବୋଲି ବଡ ପାଟିରେ କହି ଚାଲିଥିଲେ । ଅଫିସ ଷ୍ଟାଫ ଓ ବାହାରେ କିଛି ସାମ୍ବାଦିକଙ୍କ ପାଟି ଶୁଣିବାରୁ ତରବରିଆ ଭାବେ ଚାଲି ଯାଇଥିଲେ ।

ଏଠାରେ ପ୍ରଶ୍ନଉଠୁଛି ଯେ, ଆଇଆସି ଯଦି ଏସଟିଏଫ ବଜ୍ରକାପ୍ତା କାଟି ଚୋରା ଚାଲାଣ କରୁଥିବା ଆନ୍ତରାଜ୍ୟ ରାକେଟର ଆସାମୀମାନଙ୍କୁ ଧରିବା ଜାଣିଥିଲେ, ସେମାନଙ୍କୁ ରେଂଜ କାର୍ଯ୍ୟାଳୟକୁ ଆଣିବା ମଧ୍ୟ ଜାଣିଥିଲେ, ତାଙ୍କଠାରୁ ଜଣେ ବରିଷ୍ଠ ଅଧିକାରୀଙ୍କୁ ଏଭଳି ବ୍ୟବହାର କଲେ ନାହିଁକି ? ସେ ଯଦି ଏସଂପର୍କରେ ଅବଗତ ଥିଲେ ତାହା ହେଲେ ଏଭଳି ଏକ ଆନ୍ତରାଜ୍ୟ ରାକେଟର ସଦସ୍ୟମାନଙ୍କୁ ପୂର୍ବରୁ ଗିରଫ କଲେ ନାହିଁ କାହିଁକି ? କେବଳ କଣ ବନବିଭାଗ ସେମାନଙ୍କୁ ଗିରଫ କରିବ, ପୋଲିସର ଏନେଇ କିଛି କର୍ତବ୍ୟ ଅଛି କି ନାହିଁ, ଆସାମୀମାନଙ୍କ ସମ୍ମୁଖରେ ବନବିଭାଗର ବରିଷ୍ଠ ଅଧିକାରୀଙ୍କ ଉପରେ ଗର୍ଜିବା କେତେଦୂର ଠିକ ? ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଆସାମୀମାନେ ଆଦର୍ଶ ଥାନା ଅଂଚଳର ହୋଇଥିବା ବେଳେ ରାଜନଗରରେ କାର୍ଯ୍ୟାଳୟ ପଟ୍ଟାମୁଣ୍ଡାଇ ଗ୍ରାମାଂଚଳ ଥାନାକୁ ଲାଗି ରହିଛି । ରେଂଜ କାର୍ଯ୍ୟାଳୟକୁ ଆସିବା ପୂର୍ବରୁ ଗ୍ରାମାଂଚଳ ଆଇଆଇସିଙ୍କୁ ଏ ସଂପର୍କରେ ଜଣାଇଥିଲେ କି ? ଯାହାକି ବୁଦ୍ଧିଜିବୀ ମହଲରେ ଆଲୋଡନ ସୃଷ୍ଟି କରିଛି । ଯାହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ବନକର୍ମଚାରୀ ସଂଘ ଦାବୀ କରିଛି ।

ଏନେଇ ଆଦର୍ଶ ଥାନା ଆଇଆଇସି ଶ୍ରୀମତୀ ପାତ୍ରଙ୍କୁ ପଚାରିବାରୁ ମୁଁ କାହାକୁ ଉଦ୍ଦେଶ୍ୟମୂଳକ ଭାବେ କାହାକୁ ଅପଦସ୍ତ କରିବା ଉଦ୍ଦେଶ୍ୟ ନଥିଲା । ମୁଁ ମଧ୍ୟ ଏସିଏଫଙ୍କୁ ଜାଣିନାହିଁ । ଗିରଫ ହୋଇଥିବା ରାଜକିଶୋର ମଳିକଙ୍କ ସ୍ତ୍ରୀ ଓ ପୁଅଙ୍କ ସହିତ ଗାଁର ୩୦ରୁ ଉର୍ଦ୍ଧ୍ୱ ଲୋକ ଥାନାରେ ପହଂଚି ରାଜୁଙ୍କୁ କିଛି ଲୋକ ବନ୍ଧୁକ ଦେଖାଇ ଅପହରଣ କରି ନେଇଗଲେ ବୋଲି ଅଭିଯୋଗ କରିଥିଲେ ।

ଏପରିକି ରାଜକିଶୋରଙ୍କ ସ୍ତ୍ରୀ ଥାନାରେ ଚେତା ହରାଇବାରୁ ମୁଁ ଏହାକୁ ଗମ୍ଭୀରତାର ସହ ନେଇ ମୋବାଇଲ ଫୋନ ଟ୍ରାକିଂ କରି ସେଠାରେ ପହଂଚିଥିଲି । ଆପଣ ତାଙ୍କ ଆଣିବା ପରେ ତାଙ୍କ ପରିବାର ସଦସ୍ୟ କିମ୍ବା ମୋତେ ଜଣାଇଲେ ନାହିଁ ବୋଲି ଉଚ୍ଚ ସ୍ୱରରେ କହିଥିଲି । ଯାହା ମୋର ଭୁଲ ବୋଲି କହିଥିଲେ । ଏସଂପର୍କରେ ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକରଙ୍କୁ ପଚାରିବାରୁ ୧୯୭୨ ବନ୍ୟପ୍ରାଣୀ ଆଇନ ଅନୁଯାୟୀ, ଏଭଳି ରାକେଟକୁ ଆମର ଧରିବାରେ ମଧ୍ୟ ନିୟମ ରହିଛି । ଏପରିସ୍ଥିତିରେ ଆଇଆଇସି ଶ୍ରୀମତୀ ପାତ୍ର ଆମ ରେଂଜ କାର୍ଯ୍ୟାଳୟରେ ପଶି ଏତାଦୃଶ ବ୍ୟବହାର ସଂପର୍କରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଛି ।

ସୂଚନା ଥାଉକି, ରାଜ୍ୟ ଏସଟିଏଫ ଟିମ ବିଶ୍ୱସ୍ତ ସୂତ୍ରରୁ ବଜ୍ରକାପ୍ତା କାଟି ଚାଲାଣ ହେଉଥିବା ଖବରପାଇ ତିନି ଆସାମୀଙ୍କ ସହିତ ମୋବାଇଲରେ କଥା ହୋଇଥିଲେ । ୧୪ଟି କାତିକୁ ସାତ ଲକ୍ଷ ଟଙ୍କା ଦେବାକୁ ସ୍ଥିର ହେବା ପରେ ତିନିଜଣ ଷଣ୍ଢପଲୀ ଗାଁ ରାସ୍ତା ଉପରକୁ ଆସିଥିଲେ । ଦୁଇଟି ବାଇକରେ ତିନି ଆସାମୀ ବଜ୍ରକାପ୍ତା ଆଣି ପହଂଚିବା ପରେ ଏସଟିଏଫ ଟିମ୍‌ଙ୍କ ସହିତ ଭେଟ ହୋଇଥିଲା । ଏସଟିଏଫ ଟିମ୍ କାତି ଦେଖିବା ପରେ ତିନିଜଣ ଆସାମୀଙ୍କୁ ଧରି ନେଇଥିଲେ । କିଛି ଦୂରରେ ଥିବା ବନବିଭାଗ ଟିମ ପହଂଚି ଦୁଇଟି ବାଇକ ସହ କାତି, ୩ଟି ମୋବାଇଲ *(ଶେଷ ପୃଷ୍ଠା ଦେଖନ୍ତୁ)*

## ବନ୍ଦ ବିଦ୍ୟାଳୟ ପରିସର ପାଲଟିଛି ମଦ୍ୟପଙ୍କ ଆଡ୍ଡାସ୍ଥଳୀ

**ଖଣ୍ଡପଡା: ଏକ୍ସପ୍ରେସ ନ୍ୟୁଜ୍**

ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ କମ ଯୋଗୁଁ ଖଣ୍ଡପଡ଼ା ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ଅବସ୍ଥିତ କେତେକ ପ୍ରାଥମିକ ବିଦ୍ୟାଳୟକୁ ପ୍ରଶାସନ ପକ୍ଷରୁ ବନ୍ଦ କରି ଦିଆଯାଇଛି । ଏବେ ସେହି ବନ୍ଦ ବିଦ୍ୟାଳୟ ଗୁଡିକ ଅସାମାଜିକ ବ୍ୟକ୍ତି ଓ ନିଶାଖୋରଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ଜଣାଯାଇଛି । ଏକଦା ଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଛତୁ ଫୁଟିଲା ପରି ପ୍ରାଥମିକ ବିଦ୍ୟାଳୟ ଗୁଡିକ ସ୍ଥାପନ କରାଯାଇଥିଲା । ଏ ବାବଦରେ ରାଜ୍ୟ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା । ମାତ୍ର ବିଦ୍ୟାଳୟ ଗୁଡିକ ବନ୍ଦ ହୋଇଯିବା ପରେ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡିବା ସାର ହୋଇଛି । ବନ୍ଦ ବିଦ୍ୟାଳୟ ପରିସରରେ ଆଡ୍ଡା ଜମାଉଥିବା ଅସାମାଜିକ ବ୍ୟକ୍ତିଙ୍କ ଭୟରେ କେହି ହେଲେ ସେମାନଙ୍କ ବିରୋଧରେ ଅଭିଯୋଗ କରିବାକୁ ସାହାସ ଜୁଟାଇ ପାରୁ ନାହାଁନ୍ତି । ତେବେ ବନ୍ଦ ହୋଇ ପଡି ରହିଥିବା ବିଦ୍ୟାଳୟଗୁଡିକୁ ପ୍ରଶାସନ କୌଣସି କାର୍ଯ୍ୟରେ ବ୍ୟବହାର କରିପାରିଲେ ଉକ୍ତ ବିଦ୍ୟାଳୟ ଗୁଡିକ ଆଉ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟାନ୍ତାନି ବୋଲି ସାଧାରଣରେ ଆଲୋଚନା ହେଉଛି । ବନ୍ଦ ହୋଇ ପଡି ରହିଥିବା ବିଦ୍ୟାଳୟଗୁଡିକ ପରିସରରେ ଅଙ୍ଗନବାଡି କେନ୍ଦ୍ର ନତୁବା ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜିତ କରିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି । ଏଥିପ୍ରତି ନୟାଗଡ ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲାପାଳ ଓ ଖଣ୍ଡପଡ଼ା ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଜୁନ ସୁଦ୍ଧା ନୂଆ ପୌରପରିଷଦ ନିର୍ବାଚନ

**କବିସୂର୍ଯ୍ୟନଗର: ଏକ୍ସପ୍ରେସ ନ୍ୟୁଜ୍**

ରାଜ୍ୟରେ ୨୪ଟି ନୂଆ ପୌରପରିଷଦ, ଏନଏସିରେ ଜୁନ ସୁଦ୍ଧା ସରିବ ନିର୍ବାଚନ । ଏନେଇ ଗଞ୍ଜାମ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ସୂଚନା ଦେଲେ ଓଡିଶା ନିର୍ବାଚନ କମିଶନର । ନିର୍ବାଚନ କମିଶନରଙ୍କ ସୂଚନାକୁ ନେଇ ନୂଆ ନୂଆ ଏନଏସି ଓ ପୌରପରିଷଦରେ ଅଣ୍ଟାଭିଡ଼ିଲେଣି ଦଳୀୟ କର୍ମୀ ଓ ନେତା ହେଲେ ନିର୍ବାଚନକୁ ନେଇ ସାଧାରଣ ଲୋକେ ଖୁସି ନାହାନ୍ତି । ଏମିତି ସମୟଭିତରେ ଆମେ ସ୍ଥିତି ପରଖିଥିଲୁ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ନୂଆ ପୌରପରିଷଦ ଅଞ୍ଚଳରେ । ନିର୍ବାଚନକୁ ଏଠି ଲୋକେ ଖୁସି ନାହାନ୍ତି । କୁହାଯାଉଛି ୬୫ ବର୍ଷର କବିସୂର୍ଯ୍ୟନଗର ଏନଏସିରେ ଏଠିଲୋକଙ୍କୁ ମିଳିନି ମୌଳିକ ସୁବିଧା । ଏତେ ପୁରାତନ ସହରରେ ସଧାରଣ ଶୌଚାଳୟଟିଏ ନାହିଁ, ସାହିକୁ ଭଲ ରାସ୍ତା ନାହିଁ, ବିକାଶ ଠାରୁ ବହୁ ଦୂରରେ କବିସୂର୍ଯ୍ୟନଗର । ବର୍ଷେ ହେଲା ଖାଲି ପଡିଛି ଅଧକ୍ଷ ପଦବୀ ସେହିପରି ସ୍ଥାୟୀ କାର୍ଯ୍ୟନିର୍ବାହୀ ଅଧକାରୀ ନଥିବାରୁ କୋଦଳା ଅଧିକାରୀଙ୍କୁ ମିଳିଛି କବିସୂର୍ଯ୍ୟନଗର ଦାୟିତ୍ୱ । ଆବଶ୍ୟକ କର୍ମଚାରୀ ନାହାନ୍ତି । କୋଟି କୋଟି ଟଙ୍କା ବ୍ୟୟରେ ମାଳ ମାଳ ପ୍ରକଳ୍ପ ଅଚଳ ହୋଇପଡିଛି, ତିନୋଟି ପାର୍କ ଅଚଳ ଅବସ୍ଥାରେ ରହିଛି । ଦୁର୍ନୀତି ଭିଜିଲାନ୍ସ ତଦନ୍ତ ଭିତରେ ରହିଛି ଅନେକ ଫାଇଲ । ଏଣୁ ମୁନ୍ସିପାଲଟି ଘୋଷଣା ଏହା ଏକ ରାଜନୈତିକ ବ୍ୟାପାର ବୋଲି କବିସୂର୍ଯ୍ୟନଗର ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି ।

ଆଉ ରହିଲା ନିର୍ବାଚନ । ନିର୍ବାଚନକୁ ନେଇ ଲୋକେ ଖୁସି ନାହାନ୍ତି । ଏଠି ନା ଅଛନ୍ତି ଅଧକ୍ଷ ନା ଅଛନ୍ତି ଅଧିକାରୀ । ଗଣତାନ୍ତ୍ରିକ ବ୍ୟବସ୍ଥା ଭିତରେ ସବୁ ଫେଲ ମାରିଛି । ଆମେ ଆଜି ଯାଇ କବିସୂର୍ଯ୍ୟନଗର ସହରର କିଛି ବ୍ୟକ୍ତି ବିଶେଷ, ରାଜନେତାଙ୍କୁ ମିଶି ପ୍ରତିକ୍ରିୟା ନେଇଥିଲୁ ହେଲେ ଭିତ୍ତି ଭୂମି ନଥାଇ ତରବରିଆ ଭାବେ ମୁନ୍ସିପାଲିଟି ଘୋଷଣା, ତାପରେ ନିର୍ବାଚନ । ଯାହା କି ଏହା ଗଣତନ୍ତ୍ର ପ୍ରତି ଶୁଭଙ୍କର ନୁହେଁ ବୋଲି ସେମାନେ ପ୍ରତିକ୍ରିୟାରେ କହିଛନ୍ତି ।

ସେହିପରି କବିସୂର୍ଯ୍ୟନଗର ମୁନ୍ସିପାଲଟିରେ ମିଶ୍ରଣ ହୋଇଥିବା ଗଙ୍ଗାପୁର ପଞ୍ଚାୟତର ବଡ଼ ଆଗୁଳ ଗ୍ରାମବାସୀ ଏବଂ ଗୁଡିଆଳି ପଞ୍ଚାୟତକୁ ଯାଇ ଲୋକଙ୍କ ପ୍ରତିକ୍ରିୟା ନେବା ପରେ ସେମାନେ ଯାହା ପ୍ରତିକ୍ରିୟା ରଖିଲେ ପ୍ରଶାସନକୁ ସମ୍ପୂର୍ଣ୍ଣ ଦାୟୀ କରିଥିବା ଜଣାଯାଇଛି । ପଞ୍ଚାୟତରୁ ଏବେ ମୁନ୍ସିପାଲଟିରେ ସାମିଲ ହେବା ପରେ ଇତିମଧ୍ୟରେ ପୂର୍ବତନ ସରପଞ୍ଚ କୁମାର ଜେନା ନିର୍ବାଚନକୁ ନେଇ ଅସନ୍ତୁଷ୍ଟ ଥିବା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ନିର୍ବାଚନକୁ ନେଇ ରାଜନୀତି ଜୋର ଧରିନଥିବା ବେଳେ ୨୪ ବର୍ଷର ବିଜେଡି ସରକାରରେ କବିସୂର୍ଯ୍ୟନଗର ଏନଏସି ରହିଛି ବିଜେଡି ହାତରେ । କିନ୍ତୁ ସରକାର ବଦଳିବା ପରେ ବିଜେଡି ନେତୃତ୍ୱ ଦୁର୍ବଳ ହୋଇପଡିଥିବା ବେଳେ ବିଜେପି ସରକାରରେ ଥାଇ ସଂଗଠନ ଦୁର୍ବଳ ରହିଛି । ଏଣୁ ନୂଆ ପୌର ପରିଷଦରେ ନୂଆ ରାଜନୀତିକ ଗଣିତରେ ଅଙ୍କ କଷିବାକୁ କିଏ କେତେ ସଫଳ ହେବେ ଏବେ ସମୟକୁ ଅପେକ୍ଷା ।

## ଆସ୍ଥା ହରାଇଲେ ବ୍ଲକ ଅଧକ୍ଷା

**ଗୁଣୁପୁର: ଏକ୍ସପ୍ରେସ ନ୍ୟୁଜ୍**

ରାୟଗଡା ଜିଲ୍ଲା ଗୁଡାରୀ ବ୍ଲକ ଅଧକ୍ଷା ଲକ୍ଷ୍ମୀ ଶବରଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରି ଅନାସ୍ଥା ପ୍ରସ୍ତାବ ପାଇଁ ଗୁଣୁପର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବ୍ଲକର ସମିତି ସଭ୍ୟ, ସରପଞ୍ଚମାନେ ଆବେଦନ କରିଥିଲେ । ଉପଜିଲ୍ଲାପାଳ ଏହାର ବିଚାର କରି ଅନାସ୍ଥା ପାଇଁ ଭୋଟ ଗ୍ରହଣ ତାରିଖ ଧାର୍ଯ୍ୟ କରିଥିଲେ । ୨୦୨୫ ଜୁଲାଇ ୨୪ତାରିଖରେ ଭୋଟ ଗ୍ରହଣ ହୋଇଥିଲା । ହେଲେ ଭୋଟ ପରେ ଫଳାଫଳ ପ୍ରକାଶ ହୋଇପାରିବ ନାହିଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ପରେ ଭୋଟ ବକ୍ସ ଗୁଣୁପୁର ଉପ କୋଷାଗାରରେ ରଖାଯାଇଥିଲା । ପୁଣି କୋର୍ଟ ଗୁରୁବାର ଗଣତି ନେଇ ଦିନ ଧାର୍ଯ୍ୟ କରିଥିଲେ । ଏହିକ୍ରମରେ ଗୁଡାରୀ ବ୍ଲକ ପରିସରରେ ଗୁରୁବାର ପୋଲିସର କଡା ସୁରକ୍ଷା ମଧ୍ୟରେ ଭୋଟ ଗଣତି ପ୍ରକ୍ରିୟା ସରିଛି । ଏହି ଭୋଟ ଗ୍ରହଣ ପ୍ରକ୍ରିୟାରେ ମୋଟ ୧୯ ଜଣ ମଧ୍ୟରୁ ୧୬ ଜଣ ଅନାସ୍ଥା ସପକ୍ଷରେ ରହିଥିବା ଜଣାପଡିଛି ।

## ୧୮ ମାସରେ ତିନି ଆଇଆଇସିଙ୍କ ବଦଳି

**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**



କଟକ ଜିଲ୍ଲା ନିଆଳି ଥାନା ଅତି ସମ୍ବେଦନଶୀଳ ଅଟେ । ୨୩ ପଞ୍ଚାୟତ ପାଇଁ ଗୋଟିଏ ଥାନା ଏବଂ ଗୋଟିଏ ବିଟ ହାଉସ ରହିଛି । ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ ପତିଷ୍ଠାନ ରହିଛି । ଏହା ସାଙ୍ଗକୁ ନିଆଳି ଅଞ୍ଚଳର ଅସାମାଜିକ ବ୍ୟକ୍ତିମାନଙ୍କ ପେଣ୍ଠସ୍ଥଳୀ କହିଲେ ଭୂଲ ହେବ ନାହିଁ । କିନ୍ତୁ ଦୁଃଖ ଓ ପରିତାପର ବିଷୟ ୧୮ ମାସରେ ତିନି ଆଇଆଇସି ବଦଳି ହେବା ଘଟଣାକୁ ନେଇ ନିଆଳି ଅଞ୍ଚଳରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଛି ।

କାହିଁକି ଓ କେଉଁ ପରିସ୍ଥିତିରେ କରତି କରମା ଆଇଆଇସିଙ୍କୁ ବଦଳି କରାଯାଉଛି । ଏ ବଦଳି ପଛରେ କେଉଁମାନଙ୍କ ହାତ ରହିଛି ଏବଂ ଘରୋଇ ବିଭାଗ କାହିଁକି ଏତେ ହତୋତ୍ସାହିତ ହେଉଛି ବୋଲି ସାଧାରଣ ଲୋକେ ପ୍ରଶ୍ନ କରିଛନ୍ତି ।

ମିଳିଥିବା ସୂଚନା ଅନୁସାରେ କଟକ ଜିଲ୍ଲା ନିଆଳି ଥାନା ୧୮ ମାସରେ ତିନି ଆଇଆଇସି ମୁହଁ ଦେଖି ସାରିଲେଣି । ବିଜେପି ସରକାର ପରଠାରୁ ଏବଂ ନିଆଳି ବିଧାନସଭା ଆସନରେ ବିଜେପି ବିଧାୟକ ଛବି ମଲ୍ଲିକ ପରଠାରୁ ଏପର୍ଯ୍ୟନ୍ତ ତିନି ଆଇଆଇସି ବଦଳି ହେଲେଣି । ଆଗକୁ ଏ ବଦଳି ପାଲାରେ ରୋକ ଲାଗୁଛି କି ବଳବତ୍ତର ରହୁଛି ସମୟ କହିବ କିନ୍ତୁ ବଦଳି ହୋଇଥିବା ଆଇଆଇସିଙ୍କ କାର୍ଯ୍ୟ କଳାପ ଉପରେ ଥରେ ନଜର ପକେଇ ଦେବା । ତପନ କୁମାର ରାଉତ ୨୦୨୩ ଜୁଲାଇ ୨୨ ତାରିଖରେ ଯୋଗ ଦେବା ପରେ ନିଆଳି ଅଞ୍ଚଳରେ ସର୍ବାଧିକ ୱାରେଣ୍ଟି ଗିରଫ ସାଙ୍ଗକୁ ଆଇନ ଶୃଙ୍ଖଳା ସୁଧାର ଆଣିବାରେ ସିଦ୍ଧହସ୍ତ ଥିଲେ, ଏଥିପାଇଁ ଶ୍ରୀ ରାଉତ ଡ଼ିଜିଙ୍କ ଠାରୁ ପୁରସ୍କୃତ ହୋଇଥିଲେ । କିନ୍ତୁ ୨୦୨୪ ଅକ୍ଟୋବର ୨୨ ତାରିଖରେ ତାଙ୍କୁ ହଠାତ୍ ବଦଳି କରାଯାଇ ବିଜୟ କୁମାର ମଲ୍ଲିକଙ୍କୁ ନିଆଳି ଥାନା ଆଇଆଇସି ଭାବରେ ନିଯୁକ୍ତି ମିଳିଥିଲା । ଶ୍ରୀ ମଲ୍ଲିକ ୨୦୨୪ ମସିହା ଅକ୍ଟୋବର ୨୨ ତାରିଖ ଦିନ ଯୋଗଦାନ ପରେ ୨୦୨୫ ଅକ୍ଟୋବର ୧୬ ତାରିଖ ଦିନ ବଦଳି କରାଯାଇଥିଲା । ପାଖାପାଖି ବର୍ଷକ ମଧ୍ୟରେ ନିଆଳି ଥାନା କଟକ ଜିଲ୍ଲାରେ ଏକ ନମ୍ବର ମାନ୍ୟତା ପାଇବା ସହିତ ରାଜ୍ୟରେ କିଛି ମାସ ପାଇଁ ନିଆଳି ଥାନା ଏକ ନମ୍ବର ମାନ୍ୟତା ତାଲିକାରେ ସ୍ଥାନ ପାଇଥିଲା । ଶ୍ରୀ ମଲ୍ଲିକଙ୍କ କାର୍ଯ୍ୟକଳାପ ସମୟରେ ଅପରାଧ ପ୍ରବଣ ନିଆଳି ଶାନ୍ତ ହେବା ସହିତ ଚୋରା ମଦ ଠାରୁ ଆରମ୍ଭ କରି ଗଣ୍ଡଗୋଳ, ଚୋରା ବାଲି ଘାଟ, ଅସାମାଜିକ କାର୍ଯ୍ୟକଳାପ ଉପରେ ରୋକ ଲାଗିଥିଲା । ଏଥିପାଇଁ ଶ୍ରୀ ମଲ୍ଲିକ ଡିଜି ଏବଂ କଟକ ଜିଲ୍ଲା ଏସପିଙ୍କ ଠାରୁ ପୁରସ୍କୃତ ହୋଇଥିଲେ । କଟକ ଜିଲ୍ଲା ଏହି ଦୁଇ ଜଣ ସଚ୍ଚୋଟ ଏବଂ ଦକ୍ଷ ପୋଲିସ ଅଧିକାରୀମାନଙ୍କୁ ରାତି ଅଧରେ ହଠାତ୍ ବଦଳି ହେବା ଯୋଗୁଁ ଘରୋଇ ବିଭାଗ ଉପରେ ସାଧାରଣ ଲୋକେ ପ୍ରଶ୍ନ ଉଠାଇଛନ୍ତି । ଦକ୍ଷ ଅଧିକାରୀ କାର୍ଯ୍ୟ ଦକ୍ଷତା ଉପରେ କଟକ ଜିଲ୍ଲା ପୋଲିସ ପ୍ରଶାସନ ଆଖି ବୁଜି ଦେବା ଘଟଣା ସମଗ୍ର ଜିଲ୍ଲା ପାଇଁ ପ୍ରଶ୍ନ ସୃଷ୍ଟି କରିଛି । ଏବେ ପୁଣି ଦୁଇ ମାସ ଅନ୍ତରରେ ନିଆଳି ଥାନା ଆଇଆଇସି ଦିଲିପ କୁମାର କାଣ୍ଡିଙ୍କୁ ହଠାତ୍ ସଂଧ୍ୟାରେ ବଦଳି ଘଟଣା କଟକ ଜିଲ୍ଲା ଏସପିଙ୍କ କାର୍ଯ୍ୟକଳାପ ଉପରେ ସନ୍ଦେହ ସୃଷ୍ଟି ହୋଇଛି ।

## ଗ୍ରାହକସେବା କେନ୍ଦ୍ର ପରିଚାଳକଙ୍କୁ ମାଡ଼

**ବାଲିଆପାଳ: ଏକ୍ସପ୍ରେସ ନ୍ୟୁଜ୍**

ଜମାକାରୀଙ୍କ ଲକ୍ଷାଧିକ ଟଙ୍କା ଆତ୍ମସାତ ଅଭିଯୋଗରେ ଭାରତୀୟ ଷ୍ଟେଟବ୍ୟାଙ୍କର ଗ୍ରାହକ ସେବା କେନ୍ଦ୍ର ଦାୟିତ୍ୱରେ ଥିବା ପରିଚାଳକ ରଞ୍ଜନ ରଣାଙ୍କୁ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ନିର୍ଦ୍ଧୁମ ପିଟିଛନ୍ତି ଉତ୍ୟକ୍ତ ଜମାକାରୀ ।

ଏଭଳି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ଦେଉଳା ପଞ୍ଚାୟତ ଭାରତୀୟ ଷ୍ଟେଟବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ରରେ । ଘଟଣା ଅନୁସାରେ, ଗ୍ରାହକ ସେବା କେନ୍ଦ୍ରର ପରିଚାଳକ ଜମାକାରୀଙ୍କୁ ସେମାନଙ୍କ ଟଙ୍କା ଦୀର୍ଘଦିନ ଧରି ଫେରାଉ ନଥିଲେ । ଗୁରୁବାର ପୂର୍ବାହ୍ନରେ ଶହଶହ ଉତ୍ୟକ୍ତ ଜମାକାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାହକ ସେବା କେନ୍ଦ୍ରର ପରିଚାଳକ ରଞ୍ଜନ ରଣାଙ୍କୁ ସେମାନଙ୍କ ଜମାଥିବା ଟଙ୍କା ମାଗିଥିଲେ । ମାତ୍ର ରଞ୍ଜନ ସେମାନଙ୍କୁ ଫାଙ୍କିଥିଲେ । ଉତ୍ୟକ୍ତ ଜମାକାରୀ ରଞ୍ଜନକୁ ନିକଟରେ ଥିବା ଏକ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ନିର୍ଦ୍ଧୁମ ମାଡ଼ ମାରିଥିଲେ । ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବାରୁ ବାଲିଆପାଳ ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲା । ସୂଚନା ଅନୁଯାୟୀ ରଞ୍ଜନ ଦୀର୍ଘବର୍ଷ ଧରି ଦେଉଳା ଠାରେ ଭାରତୀୟ ଷ୍ଟେଟବ୍ୟାଙ୍କର ଗ୍ରାହକ ସେବାକେନ୍ଦ୍ର ଚଳାଇ ଆସୁଥିବା ବେଳେ ଶତାଧିକ ଜମାକାରୀଙ୍କ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଛି । ରଞ୍ଜନ ପୂର୍ବରୁ ମଧ୍ୟ ସାଇବର ଅପରାଧରେ ଗିରଫ ହୋଇ କାରାଗାର ଯାଇଥିଲେ । ଜମାକାରୀ ବାରମ୍ବାର ଦୌଡିଦୌଡି ନିରାଶ ହେବା ପରେ ଗୁରୁବାର ରଞ୍ଜନଙ୍କୁ ବାନ୍ଧି ନିର୍ଦ୍ଧୁମ ପିଟିଛନ୍ତି । ତେବେ ରଞ୍ଜନ ରଣାଙ୍କୁ ବାଲିଆପାଳ ପୋଲିସ ଉତ୍ୟକ୍ତ ଲୋକଙ୍କ କବଳରୁ ଉଦ୍ଧାର କରି ଥାନାକୁ ନେଇ ଅଧିକ ତଦନ୍ତ କରୁଥିବା ଜାଣିପଡ଼ିଛି ।

## ଗୋ ମାଫିଆଙ୍କ ଆକାଉଣ୍ଟ ଯାଞ୍ଚ

**ଆଙ୍କର: ଏକ୍ସପ୍ରେସ ନ୍ୟୁଜ୍**

ଘଟଗାଁର ବିଭିନ୍ନ ବ୍ୟାଙ୍କରେ ପୋଲିସର ଚଢ଼ାଉ ଗୋମାଫିଆଙ୍କ ଆକାଉଣ୍ଟ ଏବଂ ସମ୍ପର୍କୀୟଙ୍କ ଆକାଉଣ୍ଟ ଯାଞ୍ଚ ସହ ଫ୍ରିଜପାଇଁ ନିର୍ଦ୍ଦେଶ ଦେଲା ପୋଲିସ । କେନ୍ଦୁଝର ପୋଲିସ ପକ୍ଷରୁ କିଛିଦିନ ପୂର୍ବରୁ ରାଜ୍ୟର ରାଜ୍ୟର ବିଭିନ୍ନ ଜିଲ୍ଲାରେ ଗୋ ମାଫିଆଙ୍କ ବାସଭବନ ଗୁଡିକରେ ଅତର୍କିତ ଚଢ଼ାଉ କରି କୋଟି କୋଟି ଟଙ୍କା ସମେତ କୋଟି କୋଟି ଟଙ୍କାର ସମ୍ପତ୍ତି ଜବତ କରିଥିଲା ପୋଲିସ୍ । ସେହି ଆଧାରରେ ଗୁରୁବାର ଗୋ ମାଫିଆଙ୍କ ବ୍ୟାଙ୍କ ଏକାଉଣ୍ଟ ଓ ଲକର ଯାଞ୍ଚ କରୁଛି ପୋଲିସ । ଗୁରୁବାର କେନ୍ଦୁଝର ଜିଲ୍ଲାରେ ଥିବା ବିଭିନ୍ନ ବ୍ୟାଙ୍କ ଗୁଡ଼ିକରେ ଗୋ ମାଫିଆଙ୍କ ଏକାଉଣ୍ଟକୁ ଯାଞ୍ଚ କରୁଥିବା ବେଳେ ଘଟଗାଁର ଏସବିଆଇ ବ୍ୟାଙ୍କ୍ ଓ ଢେଙ୍କିକୋଟ ସ୍ଥିତ ବ୍ୟାଙ୍କ ଅଫ ଇଂଣ୍ଡିଆ ଏବଂ ଇଉନିଅନ ବ୍ୟାଙ୍କରେ ଗୋ ମାଫିଆଙ୍କ ଏକାଉଣ୍ଟ ଏବଂ ସମ୍ପର୍କୀୟଙ୍କ ଆକାଉଣ୍ଟ ଗୁଡ଼ିକୁ ଯାଞ୍ଚ କରିବା ସହିତ ଏକାଉଣ୍ଟ ଗୁଡ଼ିକୁ ଫ୍ରିଜ କରିବାକୁ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଛି ଘଟଗାଁ ପୋଲିସ ।

## କଣ୍ଟେନର-ଟ୍ରକ୍ ମୁହାଁମୁହିଁ ଧକ୍କା

**ଗଞ୍ଜାମ: ଏକ୍ସପ୍ରେସ ନ୍ୟୁଜ୍**

ଗଞ୍ଜାମସ୍ଥିତ ହୁମ୍ମା ଫାଣ୍ଡି ଅନ୍ତର୍ଗତ ଲକ୍ଷ୍ମୀପୁର ଓଭରବ୍ରିଜ ନିକଟ ୧୬ ନମ୍ବର ଜାତୀୟ ରାଜପଥରେ ବୁଧବାର ବିଳମ୍ବିତ ରାତିରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଯାଇଛି । ଏକ କଣ୍ଟେନର (ଏନ୍ଏଲ୍ଓ ୧ଏଏଫ୍ ୯୧୮୦) ଅନ୍ୟ ଏକ ଟ୍ରକ୍ (ଟିଏନ୍ ୩୪ ଏମ୍ଏ ୫୧୮୫)କୁ ଜୋରଦାର ଧକ୍କା ଦେଇଥିଲା । ଏହି ଦୁର୍ଘଟଣାରେ ଟ୍ରକ୍ ଚାଳକ ସାମାନ୍ୟ ଆହତ ହୋଇ ଅଳ୍ପକେ ବର୍ତ୍ତି ଯାଇଛନ୍ତି ।

ସୂଚନାନୁଯାୟୀ, ପୁଣ୍ଟେତୋଳାଠାରୁ ହୁମ୍ମା ପର୍ଯ୍ୟନ୍ତ ରାସ୍ତା କାମ ଚାଲୁଥିବାରୁ ଗୋଟିଏ ପାର୍ଶ୍ୱରେ ଯାନବାହନ ଚଳାଚଳ କରୁଛି । ଏହି କାରଣରୁ ଦୁଇଟି ଯାକ ଗାଡ଼ି ମଧ୍ୟରେ ଧକ୍କା ହୋଇଥିଲା । ରାସ୍ତା ମଝିରେ ଗାଡ଼ି ଦୁଇଟି ରହିଯିବା ଫଳରେ ଜାତୀୟ ରାଜପଥରେ ଟ୍ରାଫିକ୍ ସମସ୍ୟା ଦେଖାଦେଇଛି । ଘଟଣାସ୍ଥଳରେ ହୁମ୍ମା ଫାଣ୍ଡି ଅଧିକାରୀ ସତ୍ୟଜିତ ବେଣୀଆ ପୋଲିସ ଫୋର୍ସ ସହ ପହଞ୍ଚି ଗାଡ଼ିଗୁଡ଼ିକୁ ରାସ୍ତାରୁ ହଟାଇବା ସହ ଯାତାୟାତ ସ୍ୱାଭାବିକ କରିବାକୁ ପ୍ରୟାସ ଜାରି ରଖିଛନ୍ତି ।

## ଦିନରେ ମାଙ୍କଡ଼ ଓ ରାତିରେ ବାରହାଙ୍କ ଉତ୍ପାତ: ଚିନ୍ତାରେ ଚାଷୀ

**ସାକ୍ଷୀଗୋପାଳ: ଏକ୍ସପ୍ରେସ ନ୍ୟୁଜ୍**



ସତ୍ୟବାଦୀ ବ୍ଲକରେ ପ୍ରାୟ ସମସ୍ତ ଗ୍ରାମରେ ମାଙ୍କଡ ଉପଦ୍ରବ ବୃଦ୍ଧି ପାଉଥିବା ବେଳେ ସ୍ଥାନୀୟ ଶାସନ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତରେ ଜଙ୍ଗଲି ବାରହାଙ୍କ ଉତ୍ପାତ ଦିନକୁ ଦିନ ବଢିବାରେ ଲାଗିଛି । ସେମାନଙ୍କ ଯୋଗୁଁ ବ୍ୟାପକ ଫସଲ ନଷ୍ଟ ହୋଉଥିବା ବେଳେ ବନବିଭାଗ ପକ୍ଷରୁ କୌଣସି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଏନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ରାତିରେ ଗଛରେ ଲୁଚି ରହୁଥିବା ବେଳେ ବେଳେ ଦିନରେ ମାଙ୍କଡ଼ ଗୁଡ଼ିକ ଗ୍ରାମ ନିକଟରେ ଥିବା ଜମିରେ ଫସଲ ନଷ୍ଟ କରୁଛନ୍ତି । ଫନି ବାତ୍ୟାରେ ସତ୍ୟବାଦୀ ବ୍ଲକରେ ଲକ୍ଷାଧିକ ନଡ଼ିଆ ଗଛ ଭାଙ୍ଗି ଯାଇଥିଲା । ଯେଉଁ କେତୋଟି ଗଛ ଲୋକଙ୍କ ବାଡ଼ି ବଗିଚାରେ ରହି ଯାଇଛି ମାଙ୍କଡ଼ ଦଳ ଗଛରୁ ଫୁଲ ଖୋଷା ଖାଇ ଯାଉଛନ୍ତି । ଯାହା ଦ୍ୱାରା କି ନଡ଼ିଆ ଗଛ ଥାଇ କି ନଥିଲା ଭଳି ଅବସ୍ଥା ହେଲାଣି । ଆମ୍ବ ଗଛରୁ ମାଙ୍କଡ଼ ଦଳ ବଉଳ ଗୁଡ଼ିକ ଖାଇ ଯିବା ସହ ବିଭିନ୍ନ ଘରେ ପସି ଖାଦ୍ୟ ପଦାର୍ଥ ବୋହି ନେଇ ଯାଉଛନ୍ତି । ମାଙ୍କଡ଼ କାମୁଡ଼ାରେ ଅନେକ ବୟସ୍କ ଓ ଛୋଟ ପିଲା କ୍ଷତାକ୍ତ ହେବାର ମଧ୍ୟ ନଜିର ରହିଛି । ସେହିପରି ରାତିରେ ଜଙ୍ଗଲି ବାରହା ବ୍ୟାପକ ଭାବେ ଧାନ ଫସଲ ଓ ପରିବା ଆଦିକୁ ନଷ୍ଟ କରିଦେଉଛନ୍ତି । ଗ୍ରାମ ମଧ୍ୟକୁ ପଶି ଆସୁଥିବାରୁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହୁଛନ୍ତି । ଏହି ବାରହାମାନେ ଦଳବଦ୍ଧ ଭାବେ ନିକଟସ୍ଥ ବୁଦୁବୁଦିଆ ଜଙ୍ଗଲ ଓ ଗାଁ ନିକଟସ୍ଥ ଜଙ୍ଗଲରୁ ଆସି ଫସଲ ଦଳି ଚକଟି ନଷ୍ଟ କରିଦେଉଛନ୍ତି । ମାଙ୍କଡ଼ ଓ ବାରହାଙ୍କ ଉତ୍ପାତ ଯୋଗୁଁ ଚାଷୀମାନେ ଚାଷ ପ୍ରତି ବିମୁଖତା ହେବାରେ ଲାଗିଛନ୍ତି । କାରଣ ଯେଉଁ ପରିମାଣର ଫସଲ ଉତ୍ପାଦନ ହେବାକଥା ସେହିପରି ହୋଇପାରୁନାହିଁ । ଫଳ ସ୍ୱରୂପ ସ୍ଥାନୀୟ ଗ୍ରାମ ଆଳସରଙ୍ଗ, ଭୁତପଡା, ଚନ୍ଦ୍ରବରମପୁର, ପରହାଟ, ନହଳା, ମଠସାହି ଓ ବଗୁଲାପାରି, ନରେନ୍ଦ୍ରପୁର, ଗ୍ରାମର ଚାଷୀମାନଙ୍କର ବ୍ୟାପକ ଫସଲ କ୍ଷତି ହେଉଛି ବୋଲି ପରିବେଶବିତ୍ ଆଦିତ୍ୟ ମିଶ୍ର କହିଛନ୍ତି । ଚାଷଜମିମାନଙ୍କରେ ମୁଗ, ବିରି, ପନିପରିବା ସାରୁ, କଦଳୀ, ସପୁରୀ ଲକ୍ଷ ଲକ୍ଷ ଟଙ୍କାର ଚାଷ ନଷ୍ଟ କରିଦେଉଥିବା ଚାଷୀମାନେ କହିଛନ୍ତି । ଏହି ପରି ସମସ୍ୟା ଯଦି ଲାଗିରହେ ତେବେ ସମସ୍ତ ଜମି ପଡ଼ିଆ ପଡ଼ିବ ବୋଲି ଚାଷୀ, ଶହଦେବ ମହାପାତ୍ର ବିଶ୍ୱନାଥ ମହାପାତ୍ର, ବିନୟ ବିଶ୍ୱାଳ, ରାଧାଶ୍ୟାମ ବିଶ୍ୱାଳ, ପଞ୍ଚୁଆ ଭୋଇ ଗୋଲକ ପ୍ରଧାନ, ରମେଶ ଭୋଇ, ଲକ୍ଷ୍ମୀଧର ପରିଡା, ଲକ୍ଷ୍ମୀନାଥ ପରିଡା ପ୍ରମୁଖ ପ୍ରକାଶ କରିଛନ୍ତି । ଏହି ସମସ୍ୟାର ସମାଧାନ କିପରି ହେବ ସରକାର ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି । ଏଣୁ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ବନବିଭାଗ ପକ୍ଷରୁ ଅଞ୍ଚଳରେ କର୍ମଚାରୀ ନିୟୋଜନ କରାଯାଇ ସେମାନଙ୍କୁ ଜନବସତିରୁ ହଟାଇ ଜଙ୍ଗଲ ଓ ପରିବେଶ ବିଭାଗ ମାଙ୍କଡ଼ମାନଙ୍କ ଉପଦ୍ରବ କମାଇବା ପାଇଁ ମଙ୍କି ସ୍କ୍ୱାର୍ଡ ଯୋଜନା ବା ଟିପା ଯନ୍ତ୍ର ସାହାଯ୍ୟରେ ନିକଟସ୍ଥ ଜଙ୍ଗଲକୁ ଘଉଡାଇବା ପାଇଁ ଅଞ୍ଚଳବାସୀମାନେ ଜିଲ୍ଲା ପ୍ରଶାସନ ଓ ସରକାରଙ୍କୁ ଅନୁରୋଧ କରିଛନ୍ତି ।

## ବାଣିଜ୍ୟ

### ପତଞ୍ଜଳି ଜରୁରୀକାଳୀନ ଏବଂ ଗୁରୁତର ଚିକିତ୍ସା ହସ୍ପିଟାଲର ଉଦ୍‌ଘାଟିତ

**ଜାତୀୟ/ହରିଦ୍ୱାର: ଏକ୍ସପ୍ରେସ ନ୍ୟୁଜ୍**



ପତଞ୍ଜଳି ଯୋଗପୀଠ ଦ୍ୱାରା ପରିଚାଳିତ ବିଶ୍ୱର ପ୍ରଥମ ସମନ୍ୱିତ ଔଷଧ ପ୍ରଣାଳୀ ଏବଂ ଯୋଗ, ଆୟୁର୍ବେଦ ଏବଂ ଆଧୁନିକ ଚିକିତ୍ସାର ସମନ୍ୱୟ ପାଇଁ ଏକ ବିଶ୍ୱସ୍ତରୀୟ କେନ୍ଦ୍ର, ପତଞ୍ଜଳି ଜରୁରୀକାଳୀନ ଏବଂ ଗୁରୁତର ଚିକିତ୍ସା ହସ୍ପିଟାଲ, ସମଗ୍ର ଭାରତରେ ନାଗରିକମାନଙ୍କୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ସେବା ପ୍ରଦାନ କରିବ । ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ଏହି ହସ୍ପିଟାଲର ଉଦଘାଟନ କରିଛନ୍ତି । ଗସ୍ତ ସମୟରେ, ଗୃହ ମନ୍ତ୍ରୀ ଅମିତ ଶାହ ଜରୁରୀକାଳୀନ ଏବଂ ଗୁରୁତର ଚିକିତ୍ସା ହସ୍ପିଟାଲର ପରିଦର୍ଶନ କରିଥିଲେ ଏବଂ ସମନ୍ୱିତ ଔଷଧ ପ୍ରଣାଳୀର ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ ଏହି ହସ୍ପିଟାଲ ବିଶ୍ୱର ପ୍ରଥମ ହାଇବ୍ରିଡ୍ ହସ୍ପିଟାଲ ପାଲଟିଛି ।

ସୂଚନାଯୋଗ୍ୟ ଯେ ଗୃହମନ୍ତ୍ରୀ ପତଞ୍ଜଳିର ଦୁଇ ଦିନିଆ ଗସ୍ତରେ ଥିଲେ । ଏହି ସମୟରେ, ସେ ପୂଜ୍ୟ ସ୍ୱାମୀଜୀଙ୍କ ସହିତ ଯୋଗ, ଆୟୁର୍ବେଦ ଏବଂ ସନାତନ ଜୀବନଶୈଳୀକୁ ବିଶ୍ୱସ୍ତରରେ ପ୍ରତିଷ୍ଠା କରି କିପରି ଏକ ରୋଗମୁକ୍ତ ବିଶ୍ୱ ସୃଷ୍ଟି କରାଯାଇପାରିବ ସେ ବିଷୟରେ ଗଭୀର ଆଲୋଚନା ଏବଂ ମ୍ୟନ ଅଧିବେଶନ କରିଥିଲେ । ବୁଧବାର ରାତିରେ, ଗୃହମନ୍ତ୍ରୀ ପତଞ୍ଜଳି ଯୋଗପୀଠ ପରିସରରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ରାତ୍ରି ବିଶ୍ରାମ ନେଇଥିଲେ ଏବଂ ପୂଜ୍ୟ ସ୍ୱାମୀ ରାମଦେବ ଜୀ ଏବଂ ଆର୍ଯ୍ୟ ବାଳକୃଷ୍ଣ ମହାରାଜଙ୍କ ସହିତ ବିଶ୍ୱ ସ୍ତରରେ ଚିକିତ୍ସା, ଶିକ୍ଷା, ସନାତନ ଜୀବନଶୈଳୀ ଏବଂ ଋଷିମାନଙ୍କ ଜ୍ଞାନର ଐତିହ୍ୟକୁ ପ୍ରତିଷ୍ଠା ପ୍ରଦାନ କରିବା ପାଇଁ ଆଲୋଚନା ଏବଂ ମ୍ୟନ କରିଥିଲେ ଏବଂ ଭବିଷ୍ୟତରେ ପତଞ୍ଜଳି ଏହି ଦିଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ବିଷୟରେ ପଚାରିଥିଲେ ।

ତାଙ୍କର ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଗମନ ପତଞ୍ଜଳି ପରିବାରରେ ଗର୍ବ, ପ୍ରେରଣା ଏବଂ ଶକ୍ତି ସଞ୍ଚାର କରିଥିଲା ଏବଂ ପତଞ୍ଜଳି ଯୋଗପୀଠ ପରିବାର ପକ୍ଷରୁ, ପୂଜ୍ୟ ସ୍ୱାମୀ ରାମଦେବ ଜୀ ମହାରାଜ ଏବଂ ପୂଜ୍ୟ ଆର୍ଯ୍ୟ ବାଳକୃଷ୍ଣ ଜୀ ମହାରାଜଙ୍କ ସହିତ ପତଞ୍ଜଳି ଗୁରୁକୁଳମ୍ ଏବଂ ଆର୍ଯ୍ୟକୁଳମ୍ର ଅନେକ ଭକ୍ତ, ଶିଷ୍ୟ, ଛାତ୍ର ତାଙ୍କୁ ସ୍ୱାଗତ ଏବଂ ଅଭିନନ୍ଦନ ଜଣାଇଥିଲେ ।

ଏହି ଅବସରରେ, ପତଞ୍ଜଳି ଯୋଗପୀଠର ପ୍ରତିଷ୍ଠାତା ଅଧକ୍ଷ ସ୍ୱାମୀ ରାମଦେବ କହିଛନ୍ତି ଯେ ସମଗ୍ର ପତଞ୍ଜଳି ପରିବାର ପାଇଁ ଗର୍ବର ବିଷୟ ଯେ ଆଜି ବିଶ୍ୱ ଇତିହାସର ପ୍ରଥମ ସମନ୍ୱିତ ହସ୍ପିଟାଲକୁ ଦେଶର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଭାଇ ଶାହଙ୍କ ଦ୍ୱାରା ଉଦଘାଟନ କରାଯାଇଛି, ଯିଏ ସର୍ବୋପରି ସନାତନ ଧର୍ମକୁ ନିଜର ଜାତୀୟ କର୍ତ୍ତବ୍ୟ ସହିତ ମାନନ୍ତି ଏବଂ ଯୋଗ ଏବଂ ଆୟୁର୍ବେଦକୁ ସର୍ବୋଚ୍ଚ ମନେ କରନ୍ତି ।

## ଲୁଚିଛପି ବିବାହ କଲେ ଅମୀର !

### ସିନେମାଫିନେମା ଟିଭିଫିବି

ବଲିଉଡର ମିଷ୍ଟର ପରଫେକ୍ସନିଷ୍ଟ ଭାବରେ ଜଣାଶୁଣା ଅମୀର ଖାନ । ପୁଣିଥରେ ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ଚର୍ଚ୍ଚାକୁ ଆସିଛନ୍ତି । ସେ ତାଙ୍କ ପ୍ରେମିକା ଗୌରୀ ସ୍ପ୍ରେଟଙ୍କ ପ୍ରତି ନିଜର ଭାବନା ପ୍ରକାଶ କରିଛନ୍ତି । ଅମୀର କହିଛନ୍ତି ଯେ ସେ ପୂର୍ବରୁ ଗୌରୀଙ୍କୁ ହୃଦୟରୁ ବିବାହ କରି ସାରିଛି ।

ବର୍ତ୍ତମାନ ଅମୀର ଏବଂ ତାଙ୍କ ପ୍ରେମିକା ଗୌରୀ ମୁମ୍ବାଇର ଏକ ସୁନ୍ଦର ଆପାର୍ଟମେଣ୍ଟରେ ଏକାଠି ରହୁଛନ୍ତି । ସେମାନେ ବହୁତ ସମୟ ହେବ ରିଲେସନଶିପରେ ଅଛନ୍ତି । ୨୦୨୫ ମସିହାରେ, ଅମୀର ତାଙ୍କର ୬୦ତମ ଜନ୍ମଦିନରେ ଗୌରୀଙ୍କୁ ତାଙ୍କର ପ୍ରେମିକା ଭାବରେ ଜନସାଧାରଣଙ୍କ ସମ୍ମୁଖରେ ପରିଚିତ କରାଇଥିଲେ ।

ଏକ ସାକ୍ଷାତକାର ସମୟରେ, ଅମୀର ଖାନ ହୃଦୟରୁ ଗୌରୀଙ୍କୁ ବିବାହ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ । ଏହା ଅମୀରଙ୍କ ପ୍ରଶଂସକଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ଅମୀର ଏହା ମଧ୍ୟ କହିଥିଲେ ଯେ ସେମାନେ ଆଇନଗତ ଭାବରେ ବିବାହ କରିବେ କି ନାହିଁ ତାହା ପରେ ନିଷ୍ପତ୍ତି ନିଆଯିବ । ସେମାନଙ୍କର ସମ୍ପର୍କ ବହୁତ ମଜବୁତ ଏବଂ ସେମାନେ ପରସ୍ପରକୁ ବହୁତ ଭଲ ପାଆନ୍ତି ।

ଅମୀର ଖାନ ଗୌରୀଙ୍କ ପୂର୍ବରୁ ଦୁଇଥର ବିବାହ କରିଛନ୍ତି । ତାଙ୍କର ପ୍ରଥମ ପତ୍ନୀ ରୀନା ଦତ୍ତାଙ୍କ ସହିତ ଦୁଇଟି ସନ୍ତାନ ଅଛି । ତାଙ୍କର ଦ୍ୱିତୀୟ ପତ୍ନୀ କିରଣ ରାଓଙ୍କ ସହିତ ତାଙ୍କର ଏକ ପୁଅ ମଧ୍ୟ ଅଛି । କିରଣଙ୍କ ଠାରୁ ଅଲଗା ହେବା ପରେ ଗୌରୀ ତାଙ୍କ ଜୀବନକୁ ଆସିଥିଲେ ଏବଂ ସେବେଠାରୁ ଏହି ଦମ୍ପତି ପରସ୍ପର ପ୍ରତି ବହୁତ ସିରିଅସ ଅଛନ୍ତି ।



## ଚୋରାବାଲି ଉତ୍ତୋଳନ ବନ୍ଦ ହେବ କେବେ ?

**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଉତ୍ତର ବାଲେଶ୍ୱର ଅଞ୍ଚଳର ଜୀବନ ରେଖା, ସୁବର୍ଣ୍ଣରେଖା ନଦୀର ଉନ୍ନତମାନର ବାଲି, ତଟବର୍ତ୍ତୀ ଅଞ୍ଚଳର ଉର୍ବର ପଟୁ ମାଟି, ରାଇବଣିଆର ନାଲି ଗୁଡିର ଚାହିଦା କାହିଁରେ କ'ଣ । ଫଳରେ ବର୍ଷ ବର୍ଷ ଧରି ସରକାରୀ ଗଳା ବାଟରେ କୋଟି କୋଟି ଟଙ୍କାର ଲଘୁ ଖଣିଜ ଦ୍ରବ୍ୟ ଚୋରା ଉତ୍ତୋଳନ ହୋଇ ପଶ୍ଚିମବଙ୍ଗ, ବାଙ୍ଗଲାଦେଶକୁ ଅବାଧରେ ଚାଲାଣ ହେଉଛି । ଏନ୍‌ଜିଟିର ଛାଟ, ନ୍ୟାୟାଳୟର ତାଗିଦ୍, ଗ୍ରାମବାସୀଙ୍କ ବିରୋଧ ଯୋଗୁଁ ବହୁ ସ୍ଥାନରେ ବାଲି ଉତ୍ତୋଳନରେ ବିଳମ୍ବ ହେଲେ ମଧ୍ୟ ପରିବେଶ, ପ୍ରଦୂଷଣ, ସ୍ଥାନୀୟ ପରିସ୍ଥିତିକୁ ଭ୍ରୁକ୍ଷେପ ନକରି ପରବର୍ତ୍ତି ସମୟରେ ବ୍ୟାପକ ବେଆଇନ ଉତ୍ତୋଳନ ଓ ଚାଲାଣ ହୋଇ କୋଟି କୋଟି ଟଙ୍କା ରାଜସ୍ୱ ହାନି ହେଉଛି । ନିଲାମ ହୋଇଥିବା ଖାଦାନରେ ବ୍ୟାପକ ଅନିୟମିତତା, ସ୍ଥାନୀୟ ଲୋକେଙ୍କ ସମ୍ପୃକ୍ତି ଏହା ଯୁବପୀଢ଼ିଙ୍କ ରୋଜଗାରର ସହଜ ମାଧ୍ୟମ ସାଜିଥିବାରୁ ବେଆଇନ ଉତ୍ତୋଳନ ଓ ଚାଲାଣ ସହଜରେ ସଂଘଟିତ ହେଉଛି । ଫଳରେ ସାଧାରଣ ଜନତା, ସ୍ଥାନୀୟ ଲୋକେ ପ୍ରଭାବିତ ହୋଇ ବିରୋଧ କରିବାରୁ ମାଫିଆଙ୍କ କ୍ରୋଧର ଶୀକାର ମଧ୍ୟ ହେଉଛନ୍ତି । ବିଶେଷ କରି ଜଳେଶ୍ୱର ଅଞ୍ଚଳରେ ଛତୁ ଫୁଟିଲା ଭଳି ହେଉଥିବା ବଡ଼ ବଡ଼ ମେଳା ମହୋତ୍ସବକୁ ସେମାନେ ମୋଟା ଅଙ୍କର ଚାନ୍ଦା ଦେଇ ପ୍ରଭାବଶାଳୀ ଲୋକଙ୍କ ମୁହଁକୁ ସହଜରେ ବନ୍ଦ କରିପାରୁଛନ୍ତି ବୋଲି ଚର୍ଚ୍ଚା ହେଉଛି । ବେଧଡକ ଉତ୍ତୋଳନ ଓ ଚାଲାଣ ଜନିତ ମାମଲା ବଢିବା ସଂଗେ ସଂଗେ ନିଶା ପାନ, କ୍ରମାଗତ ଛିନ୍ତାଇ, ଲୁଟ୍, ସଡ଼କ ଦୁର୍ଘଟଣା ଯୋଗୁଁ ବ୍ଲକରେ ଆଇନ୍ ଶୃଙ୍ଖଳା ସମ୍ପୂର୍ଣ୍ଣ ବିଗିଡି ଯାଇଛି । ନୂତନ ଆଇଆଇସି ଓ ଏସଡିପିଓଙ୍କ ଠାରୁ ଜଳେଶ୍ୱରବାସୀ ବହୁତ୍ କିଛି ଆଶା ରଖିଥିଲେ । କିନ୍ତୁ ସମ୍ବେଦନଶୀଳ ସୀମାନ୍ତ ଅଞ୍ଚଳ ଆଇନ୍ ଶୃଙ୍ଖଳାକୁ ଅଧିକ ସଶକ୍ତ କରିବା ଦିଗରେ ସେମାନେ ବିଫଳ ହୋଇଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ଜଳେଶ୍ୱର ଥାନା ସମ୍ମୁଖ ସଡକରେ ପ୍ରତ୍ୟହ ବିନା ପାଲ ଘୋଡ଼େଇ ଶହଶହ ଟ୍ରାକ୍ଟର, ଡମ୍ପର ଯୋଗେ ବେପରୁଆ ବାଲି ପରିବହନ ପୁଲିସ ପ୍ରଶାସନର ପାରିଲା ପଣିଆକୁ ବିଦ୍ରୂପ କରୁଛି । କେତେକ ସ୍ଥାନରେ ଉଦ୍ଦେଶ୍ୟ ରଖି ପ୍ରାୟୋଜିତ ଚଢ଼ାଉ ପରେ ମାମଲାକୁ ରଫାଦଫା କରିବା ଚର୍ଚ୍ଚା ଜୋର ଧରିଛି । ପ୍ରାଶାସନିକ ଅଫିସର୍ କର୍ତ୍ତବ୍ୟ ପରିବର୍ତ୍ତେ ମେଳା ମହୋତ୍ସବ, ଟୁର୍ଣ୍ଣାମେଣ୍ଟ ଆଦି ଉଦଘାଟନରେ ଅତିଥି ଭାବେ ପର୍ଯ୍ୟାପ୍ତ ସମୟ ଦେଉଥିବା ବେଳେ ଦାୟିତ୍ୱ ପ୍ରସଙ୍ଗ ଆସିଲେ ଭିତ୍ତିଭୂମି ଓ ଆବଶ୍ୟକ କର୍ମଚାରୀ ନଥିବା ସଫେଇ ଦେଉଛନ୍ତି । ଫଳରେ ନିଶା କାରବାର, ଟ୍ରାଫିକ ସମସ୍ୟା, ବେଆଇନ୍ ଉତ୍ତୋଳନ ଓ ବେପରୁଆ ପରିବହନ ଯୋଗୁଁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଏସମ୍ପର୍କରେ ସମାଜ କଲ୍ୟାଣ ବିକାଶ ପରିଷଦ ପକ୍ଷରୁ ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ରାମଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ସୀମାନ୍ତ ଅଞ୍ଚଳର ସମସ୍ୟା ଓ ଦାବି ସମ୍ପର୍କରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭେଟି ସବିଶେଷ ଆଲୋଚନା କରିଥିଲେ । ମନ୍ତ୍ରୀ ଜଳେଶ୍ୱର ଅଞ୍ଚଳର ନିଶା କାରବାରର ପ୍ରାଦୁର୍ଭାବ, ଚୋରା ଚାଲାଣ, ଆଇନ୍ ଶୃଙ୍ଖଳା ସମ୍ପର୍କରେ ପଚାରି ବୁଝିଥିଲେ । ଅଞ୍ଚଳରେ ଅସ୍ୱଭାବିକ ପରିସ୍ଥିତିକୁ ଦର୍ଶାଇ, ଜଳେଶ୍ୱରରେ ଜଣେ ଆଇପିଏସ୍ କ୍ୟାଡ଼ର ଦକ୍ଷ ଅଫିସର୍ ଏବଂ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ସମ୍ପୂର୍ଣ୍ଣ ରୋକିବା ଲାଗି ସୀମା ସୁରକ୍ଷା ବାହିନୀ ନିୟୋଜିତ କରିବାକୁ ପ୍ରତିନିଧି ମଣ୍ଡଳୀ ଦାବି ରଖିଥିଲେ । ପ୍ରସ୍ତାବଟି ଶୁଣିବାକୁ ଅସହଜ ଲାଗୁଥିଲେ ମଧ୍ୟ ମନ୍ତ୍ରୀ ଏ ପ୍ରସଙ୍ଗକୁ ଗୁରୁତ୍ୱ ଆକାରେ ନେଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନା ଦେଇଥିବା ପରିଷଦ ପକ୍ଷରୁ ଭେଟି ଥିବା ପ୍ରତିନିଧି ମଣ୍ଡଳୀ ସମୀକ୍ଷା ବୈଠକରେ ପ୍ରକାଶ କରିଛନ୍ତି ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର । ୨୩ ଜାନୁଆରୀ ୨୦୨୬ । ଶୁକ୍ରବାର

# ପୁରୁଣାଗଡ଼ ମାଟି ତଳେ ଲୁଚି ରହିଛି କି ଦ୍ୱିତୀୟ ନଗରୀ ସଭ୍ୟତା?



**୨୨।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସମ୍ବଲପୁର ଜିଲ୍ଲା । ରେଢ଼ାଖୋଲ ଏନଏସି ଅନ୍ତର୍ଗତ ପୁରୁଣାଗଡ଼ ମାଟି ତଳେ ଲୁଚି ରହିଛି କି ଖ୍ରୀଷ୍ଟ ପୂର୍ବ ଷଷ୍ଠ ଶତାବ୍ଦୀ ଦ୍ୱିତୀୟ ନଗରୀକରଣ ସଭ୍ୟତା? ପୂର୍ବରୁ ଅନୁସନ୍ଧାନ ସମୟରେ ମାଟି ତଳୁ ମିଳିଛି ଅନେକ ପୁରୁଣା ପାତ୍ର । ଯାହାକି ୧୦୦୦ରୁ ୨୦୦୦ ବର୍ଷର ପୁରୁଣା ହୋଇଥିବାର ଅନୁମାନ କରାଯାଇଛି । ଏହା ଉପରେ ଅଧିକ ତଥ୍ୟ ଜାଣିବା ପାଇଁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ କରିବ ପ୍ରତ୍ନତାତ୍ତ୍ୱିକ ଖନନ । ଏଥି ପାଇଁ କେନ୍ଦ୍ର ସରକାର ଅନୁମତି ଦେଇଛନ୍ତି । ଆସନ୍ତା ଫେବୃଆରୀ ମାସରୁ ଖନନ କରାଯିବା ନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଡ଼. ଅତୁଲ କୁମାର ପ୍ରଧାନ ।

ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ବିଗତ ଦିନରେ ରେଢ଼ାଖୋଲ ଓ ନାକଟିଦେଉଳ ଅଞ୍ଚଳରେ ପ୍ରାକ ଐତିହାସିକ ଯୁଗର ଜିନିଷ ମିଳିଛି । ବିଗତ ୨ ବର୍ଷ ହେଲା ପ୍ରାକ ଐତିହାସିକ ଯୁଗର ଜିନିଷ ମିଳିଛି । ବିଗତ ୨ ବର୍ଷ ହେଲା ଏହି ଅଞ୍ଚଳରେ ସର୍ବେକ୍ଷଣ କରିଛୁ । ଏହାଦ୍ୱାରା ଜାଣିଛୁ ଯେ ଏହି ଅଞ୍ଚଳ ସଂସ୍କୃତି ସଭ୍ୟତାର ଗନ୍ତାଘର ଅଟେ । ତେବେ ସେଠାରେ କୌଣସି ପ୍ରତ୍ନତାତ୍ତ୍ୱିକ ଖନନ ହେଉ ନଥିଲା । ତେଣୁ ସମ୍ବଲପୁର ଓ ପଶ୍ଚିମ ଓଡିଶାର ଇତିହାସକୁ ସାଂସ୍କୃତିକ କାଳକ୍ରମ ଦେବା ପାଇଁ ଭାରତ ସରକାରଙ୍କୁ ଅନୁମତି ମାଗିଥିଲୁ, ଆଉ ବର୍ତ୍ତମାନ ଅନୁମତି ମିଳିଛି ।

ସେ ଆହୁରି କହିଛନ୍ତି, 'ପ୍ରାଥମିକ ଅନୁସନ୍ଧାନ ସମୟରେ ମାଟି ତଳୁ ଯାହା ସବୁ ପାତ୍ର ମିଳିଛି ତାହା ୧୫ଶହ ରୁ ୨ ହଜାର ବର୍ଷ ପୁରୁଣା ପରି ଲାଗୁଛି । ଏହା ସହ ପ୍ରଥମ ଥର ପାଇଁ ସେଠାରେ ପାରମ୍ପରିକ ଲୁହା ତିଆରି କରିବାର ଶୈଳୀର ଚିହ୍ନ ମିଳିଛ । ଏହା ସହ ଏହି ସ୍ଥାନରୁ ଶିଳବଟା, ମୁଦି, କର୍ଣ୍ଣ କୁଣ୍ଡଳ ଆଦି ଆଭୂଷଣ ମଧ୍ୟ ମିଳିଥିଲା । ଏଠାରେ ସାଂସ୍କୃତିକ ସହର ଲୁଚିକି ରହିଥିବା ଆମେ ଜାଣିବାକୁ ପାଇଥିଲୁ ବୋଲି ପ୍ରକାଶ କରିଛନ୍ତି । ଏହା ସହ ଆସନ୍ତା ଫେବୃଆରୀରୁ ଏହି ଖନନ କରାଯିବ । ଏଥିରେ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ଇତିହାସ ବିଭାଗର ଛାତ୍ରଛାତ୍ରୀ ସହ ରାଜ୍ୟ ତଥା ରାଜ୍ୟ ବାହାରର ଗବେଷକ ଓ ଏଏସଆଇର କିଛି ସଦସ୍ୟଙ୍କୁ ମିଶାଇ ପ୍ରାୟ ୬୦ ରୁ ୭୦ ଜଣ ସଦସ୍ୟ ସାମିଲ ହେବେ । ତେବେ ଏଠାରେ ୧୫ ଶହ ବର୍ଷ ପୁରୁଣା ସଭ୍ୟତା ଥାଇପାରେ ବୋଲି ଅନୁମାନ କରା ଯାଇଛି । ସର୍ଭେକ୍ଷଣ କରିବା ପରେ ଏହାର ସବୁ କିଛି ଜଣାପଡିବ ବୋଲି କହିଛନ୍ତି ଡ଼ ଅତୁଲ୍ୟ କୁମାର ପ୍ରଧାନ ପ୍ରକାଶ କରିଛନ୍ତି ।

## ଆଜିର ରାଶିଫଳ

| ତାରିଖ | ଶୁକ୍ରବାର– ପଞ୍ଚମୀ |
|---|---|
| ୨୩.୧.୨୦୨୬ | ନକ୍ଷତ୍ର– ପୂର୍ବଭାଦ୍ର, କୁମ୍ଭଚନ୍ଦ୍ର |

| | |
|---|---|
| ମେଷ | : ଶୁଭଖବର ପାଇବେ । |
| ବୃଷ | : ଭଲ କାମ କରି ଖୁସି ହେବେ । |
| ମିଥୁନ | : ପୂଜାରେ ଲାଭ ମିଳିବ । |
| କର୍କଟ | : ଅଯଥା ଖର୍ଚ୍ଚାନ୍ତରେ ପଡ଼ିବେ । |
| ସିଂହ | : ପ୍ରୀତି ବୃଦ୍ଧି ପାଇବ । |
| କନ୍ୟା | : କର୍ମେ ଉନ୍ନତି ହେବ । |
| ତୁଳା | : ବନ୍ଧୁମିଳନ ହୋଇପାରେ । |
| ବିଛା | : ଅପମାନ ଯୋଗ ରହିଛି । |
| ଧନୁ | : ଦ୍ରବ୍ୟପ୍ରାପ୍ତି ହେବ । |
| ମକର | : ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ପାଇବ । |
| କୁମ୍ଭ | : କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ । |
| ମୀନ | : ଦିନଟି ଅଶାନ୍ତିରେ କଟିବ । |

# ବୃକ୍ଷ ଶୂନ୍ୟ ହେବାରେ ଲାଗିଛି ଖଳିସାହି- କୋସକା ରାସ୍ତା



**ଖଣ୍ଡପଡ଼ା, ୨୨।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ଅଞ୍ଚଳରୁ ସମୟାନୁକ୍ରମେ ଜଙ୍ଗଲ ସମ୍ପଦ ଧ୍ୱଂସ ହେବା ପରେ ଏବେ କାଠ ମାଫିଆ ଅସାମାଜିକ ବ୍ୟକ୍ତିଙ୍କ ଲୋଲୁପ ଦୃଷ୍ଟି ପଡିଛି ବିଭିନ୍ନ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ମହାଦ୍ରୁମ ଆମ୍ବ ଓ ଅନ୍ୟାନ୍ୟ ବୃକ୍ଷ ଗୁଡିକ ଉପରେ । ଖଣ୍ଡପଡ଼ା ବ୍ଲକ ଅଧିନ ଖଳିସାହିରୁ କୋସକା, ଆଡକଟା ଛକକୁ ସଂଯୋଗ କରୁଥିବା ରାସ୍ତାଟି ପୂର୍ତ୍ତବିଭାଗ ଅଧିନରେ ରହିଛି । ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ରାଜରାଜୁଡା ଅମଳରୁ ୨୦୦ରୁ ଉର୍ଦ୍ଧ୍ୱ ହେବ ମହାଦ୍ରୁମ ଆମ୍ବ ଓ ଏକାଧିକ ଅନ୍ୟାନ୍ୟ ବୃକ୍ଷ ଲଗାଯାଇଥିଲା । ଏହି ବୃକ୍ଷ ଗୁଡିକ ଦୀର୍ଘବର୍ଷ ଧରି ଫଳ ଓ ଛାୟା ପ୍ରଦାନ କରି ଆସୁଥିଲା ବେଳେ କେତେକ ଅସାମାଜିକ ବ୍ୟକ୍ତି ଓ କାଠ ମାଫିଆ ପ୍ରଶାସନିକ ସ୍ଥାଣୁତାର ସୁଯୋଗ ନେଇ ଉକ୍ତ ରାସ୍ତା ପାର୍ଶ୍ୱରୁ ମୂଲ୍ୟବାନ ବୃକ୍ଷ ଗୁଡିକ କାଟି ନେଉଥିବା ଅଭିଯୋଗ ହେଉଛି । ଫଳରେ ବେଳକୁ ବେଳ ରାସ୍ତା ପାର୍ଶ୍ୱ ବୃକ୍ଷ ଶୂନ୍ୟ ହେବାରେ ଲାଗିଛି । ଏ ସମ୍ପର୍କରେ ବନବିଭାଗ କର୍ତ୍ତୃପକ୍ଷ ଓ ତହସିଲ ପ୍ରଶାସନ ଅବଗତ ଥିଲେ ହେଁ କାଠ ମାଫିଆଙ୍କ ବିରୁଦ୍ଧରେ ସେଭଳି କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପରିତାପର ବିଷୟ ଅଟେ । ଏବେ ଉକ୍ତ ରାସ୍ତା ପାର୍ଶ୍ୱସ୍ଥ ବିଭିନ୍ନ ସ୍ଥାନରୁ ଏକାଧିକ ବୃକ୍ଷ କଟା ଯାଇଥିବା ନଜରକୁ ଆସୁଛି । ତେଣୁ ରାସ୍ତା ପାର୍ଶ୍ୱସ୍ଥିତ ଆମ୍ବ ବୃକ୍ଷଗୁଡିକର ସୁରକ୍ଷା ଦିଗରେ ପ୍ରଶାସନ ଦୃଷ୍ଟି ଦେବା ସହ ରାସ୍ତାର ଉଭୟ ପାର୍ଶ୍ୱରେ ପଥପାର୍ଶ୍ୱ ବନୀକରଣ ଯୋଜନାରେ ବ୍ୟାପକ ଚାରାରୋପଣ କରିବାକୁ ସାଧାରଣରେ ଦାବି ହେଉଛି ।

# ବୃଦ୍ଧଙ୍କ ଗଳା କାଟି ହତ୍ୟା

**ସୁକିନ୍ଦା, ୨୨।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ମାଟିଗାଡିଆ ଗାଁରୁ ଏଭଳି ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । ଯୁବକଙ୍କ ଗଳା କାଟି ହତ୍ୟା କରାଯାଇଚି । ମୃତକ ହେଲେ ସେହି ଗାଁର ଦଶରଥ ବେହେରା । ଘଟଣାକୁ ନେଇ ସୁକିନ୍ଦା ଥାନାରେ ଅଭିଯୋଗ ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି । ଏଥିସହ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଆରମ୍ଭ କରିଛି ।

ଲେମ୍ବୋ ପଞ୍ଚାୟତର ମାଟିଗଡ଼ିଆ ଗ୍ରାମର ଦଶରଥ ବେହେରା ତାଙ୍କ ଘରେ ଥିବାବେଳେ କେହି ଜଣେ ଦୁର୍ବୃତ୍ତ ତାଙ୍କୁ ମାଟିଗଡ଼ିଆ ଛକ ଡାକି ନେଇଥିଲେ । ସେଠାରେ ତାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଥିବା ତାଙ୍କ ପୁଅ ଥାନାରେ ଅଭିଯୋଗ କରିଛି । ମାଟିଗାଡ଼ିଆ ଛକର ରାସ୍ତା ଉପରେ ଗଳାକାଟି ହତ୍ୟା କରିବା ପରେ ରାସ୍ତା କଡ଼କୁ ଘୋଷାରି ନେଇ ଏକ ଗଛ ମୂଳେ ଫିଙ୍ଗି ଦେଇଥିଲା । ତାଙ୍କ ଗାଁ ଠାରୁ ଅନତିଦୂରରେ ବାଲିଆ ଛକରେ ଏକ ଛୋଟ ଦୋକାନ କରିଥିବା ମୃତକର ପୁଅକୁ ଗାଁ ଲୋକମାନେ ଫୋନ କରି ଘଟଣା ବିଷୟରେ ଥାନାକୁ ଜଣାଇଥିଲେ । ସୁକିନ୍ଦା ପୁଲିସ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସାହାଯ୍ୟରେ ହତ୍ୟାକାଣ୍ଡ ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି ।

# ଦିନକୁ ଦିନ ହ୍ରାସ ପାଉଛି ଛାତ୍ରଛାତ୍ରୀଙ୍କ ଦୃଷ୍ଟିଶକ୍ତି

**ବାଲିପାଟଣା, ୨୨।୧ : ଏକ୍ସପ୍ରେସ୍ ନ୍ୟୁଜ୍**

କ୍ରମାଗତ ଭାବରେ ପ୍ରତି ବର୍ଷ କୁନି କୁନି ଛାତ୍ରଛାତ୍ରୀଙ୍କ ପାଖରୁ ହ୍ରାସ ପାଉଛି ଦୃଷ୍ଟି ଶକ୍ତି । ଏହି କଥା ଆମେ କହୁନୁ ବରଂ ଡାକ୍ତରଖାନାରୁ ହସ୍ତଗତ ହେଇଥିବା ତଥ୍ୟରୁ ଜଣାଯାଇଛି ।

ସୂଚନା ଅନୁଯାୟୀ ୨୦୨୨–୨୩ ଆର୍ଥିକ ବର୍ଷରେ ବାଲିପାଟଣା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ତଥ୍ୟ ଅନୁଯାୟୀ ଏଠାରେ ଥିବା ବିଦ୍ୟାଳୟମାନଙ୍କରେ ୪୦୭ଜଣ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା ସେମାନଙ୍କ ମଧ୍ୟରୁ ୧୨୫ ଜଣଙ୍କୁ ଚଷମା ବ୍ୟବହାର କରିବାକୁ ଡାକ୍ତରଖାନା ତରଫରୁ ଦିଆଯାଇଥିଲା ଓ ୫୫ ଜଣଙ୍କୁ ବଡ ଡାକ୍ତରଖାନାକୁକୁ ରେଫର୍ କରାଯାଇଥିଲା । ସେହିପରି ୨୦୨୩–୨୪ ଆର୍ଥିକ ବର୍ଷରେ ୩୨୪ ଜଣ ଛାତ୍ର ଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା ସେମାନଙ୍କ ମଧ୍ୟରୁ ୧୪୦ ଜଣଙ୍କୁ ଚଷମା ବ୍ୟବହାର କରିବାକୁ ଡାକ୍ତରଖାନା ତରଫରୁ ଦିଆଯାଇଥିଲା ଓ ୬୫ ଜଣଙ୍କୁ ଅନ୍ୟତ୍ର ରେଫର୍ କରାଯାଇଥିଲା । ସେହିପରି ୨୦୨୪–୨୫ ଆର୍ଥିକ ବର୍ଷରେ ୪୩୩ ଜଣ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୨୪୦ ଜଣ ପିଲାଙ୍କୁ ଚଷମା ବ୍ୟବହାର କରିବାକୁ ଡାକ୍ତରଖାନା ତରଫରୁ ଦିଆଯାଇଥିଲା ଓ ୧୧ ଜଣ ଙ୍କୁ ଅନ୍ୟତ୍ର ରେଫର୍ କରାଯାଇଥିଲା । ଏହି ତଥ୍ୟକୁ ଦେଖିଲେ ବୁଝାପଡୁଚି ଯେ ଦିନକୁ ଦିନ କୁନି କୁନି ପିଲାଙ୍କର ଦୃଷ୍ଟିଶକ୍ତି ହ୍ରାସ ପାଉଛି ବା ଦୃଷ୍ଟି ଶକ୍ତି ହ୍ରାସ ପାଉଥିବା ପିଲାଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗୁଛି । ଏହିଭଳି ଦୃଷ୍ଟି ଶକ୍ତି ହ୍ରାସ ପାଉଥିବା ପିଲାଙ୍କ ସଂଖ୍ୟା ବୃଦ୍ଧି ପାଇବା ନିଶ୍ଚିତ ଭାବରେ ଭବିଷ୍ୟତରେ ବହୁ ସମସ୍ୟା ବୃଦ୍ଧି ପାଇବ । ଯେମିତିକି ଏହି ପିଲାମାନେ ସାରା ଜୀବନ ଚଷମା ଉପରେ ନିର୍ଭର କରିବେ । ସାମରିକ ବିଭାଗ ଗୁଡିକରେ ଏମାନେ ଭାଗ ନେଇ ପାରିବେ ନାହିଁ ଇତ୍ୟାଦି । ଏହି ସମସ୍ୟା ବିଷୟରେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଶ୍ରୀକାନ୍ତ ବେହେରା ପଚରା ଯିବାରୁ ସେ କହିଥିଲେ ପ୍ରଥମତଃ ଅଭିଭାବକମାନେ ସଚେତନ ଥିଲେ ମଧ୍ୟ ପିଲାଙ୍କ ଜିଦ୍‌ରେ ମୋବାଇଲ ଦେଖିବାକୁ ଦେବା ସେମାନଙ୍କ ଦୃଷ୍ଟି ଶକ୍ତି ହ୍ରାସ ପାଉଛି । ଦିତୀୟ କାରଣ ପିଲା ମାନଙ୍କ ଆଧୁନିକ ଜୀବନଶୈଳୀ ପିଲାଙ୍କ ଦୃଷ୍ଟିଶକ୍ତି ଉପରେ କୁପ୍ରଭାବ ପକାଉଛି ଯେମିତିକି ସବୁଜ ପନିପରିବାକୁ ନଖାଇ ଫାଷ୍ଟଫୁଡକୁ ଗୁରୁତ୍ୱ ଦେବା ଫଳରେ ପିଲାଙ୍କ ପାଖରୁ ଭିଟାମିନର ଘୋର ଅଭାବ ଦେଖାଯାଇଛି, ବହୁତ ସମୟ ଧରି ଟିଭି ଦେଖିବା, ଡେରି ରାତି ଯାଏଁ ଚେଇଁ ରହିବା ମଧ୍ୟ ପିଲାଙ୍କ ପାଖରୁ ଦୃଷ୍ଟିଶକ୍ତି ହ୍ରାସ ପାଉଛି । ଏବେ ଠାରୁ ସଚେତନ ନହେଲେ ଆଗକୁ ପିଲାମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ ବୋଲି କହିଛନ୍ତି ଡାକ୍ତର ଶ୍ରୀଯୁକ୍ତ ବେହେରା ।

# ନୀଳଗିରିରେ ଭାଲୁ ଆତଙ୍କ

**ନୀଳଗିରି, ୨୨।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ନୀଳଗିରି ସହରରେ ଭାଲୁ ଆତଙ୍କ । ଭାଲୁ ଆକ୍ରମଣରେ ୩ ଜଣ ଗୁରୁତର ହୋଇଥିବା ସୂଚନା । ଆଜି ସକାଳ ୬ଟା ସମୟରେ ନୀଳଗିରି ସହର ଭିତରୁ ଏକ ଭାଲୁ ଏନସି ୮ ନମ୍ବର ୱାର୍ଡ ସାନହତା ଗାଁ ଦେଇ ପାହାଡ଼କୁ ଫେରୁଥିଲାଛ ସେହି ସମୟରେ କିଛି ଗ୍ରାମବାସୀ ଭାଲୁ ହାବୁଡ଼ରେ ପଡି ଯାଇଥିଲେଛ ପୁଷ୍ପ ବୈଠା ନାମକ ମହିଳା ଫୁଲ ତୋଳିବା ବେଳେ ଭାଲୁ ତାଙ୍କୁ ଆକ୍ରମଣ କରି ରକ୍ତାକ୍ତ କରି ପକାଇ ଥିଲା । ଏହାପରେ କନକ କୁଅଁର ନାମକ ବୃଦ୍ଧାଙ୍କୁ ଭାଲୁ କଚାଡି ଦେବାରୁ ତାଙ୍କର ଗୋଡ଼ ଭାଙ୍ଗି ଯାଇଛି । ପରେ ନିତ୍ୟାନନ୍ଦ ସାହୁ ଘରୁ ଆସୁଥିବା ବେଳେ ତାଙ୍କୁ ମଧ୍ୟ ଭାଲୁ ଆକ୍ରମଣ କରିଥିଲା । ତିନି ଜଣଙ୍କୁ ଗୁରୁତର ଭାବେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ତେବେ ସକାଳେ ସହରରେ ଭାଲୁ ବୁଲିବା ନେଇ ସହରବାସୀ ଆତଙ୍କିତ ହୋଇପଡିଛନ୍ତି ।

# ଖୋର୍ଦ୍ଧା ଜିଲ୍ଲାରେ ଧାନ ମଣ୍ଡିରେ ଚାଷୀ ଶୋଷଣ!

**ଖୋର୍ଦ୍ଧା, ୨୨।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସ୍ଥାନରେ ସମବାୟ ସମିତି ଅଧିନରେ ଧାନ ମଣ୍ଡି ଖୋଲାଯାଇଛି । ପଞ୍ଜିକରଣ କରିଥିବା ଚାଷୀମାନଙ୍କ ଠାରୁ ସରକାରୀ ଦରରେ ଧାନ କିଣାଯାଉଥିବା କୁହାଯାଉଥିଲେ ମଧ୍ୟ ମଣ୍ଡିର ଅସଲ ଚିତ୍ର ଭିନ୍ନ । ଚାଷୀମାନଙ୍କ ଅଭିଯୋଗ ଅନୁସାରେ, ମଣ୍ଡିରେ ଧାନ କିଣୁଥିବା ମିଲରମାନେ ମନମାନି କରୁଛନ୍ତି । ପ୍ରତି କ୍ୱିଣ୍ଟାଲ ଧାନରେ ୫ କେଜି ପର୍ଯ୍ୟନ୍ତ କମ୍ କରାଯାଉଥିବା ଅଭିଯୋଗ ହେଉଛି । ଏହା ଫଳରେ ଚାଷୀମାନେ ଗଭୀର ଭାବେ ଶୋଷିତ ହେଉଛନ୍ତି । ଚାଷୀମାନେ କହିଛନ୍ତି, ନିଜ ପରିଶ୍ରମରେ ଚାଷ କରି ଧାନ ଉତ୍ପାଦନ କରୁଥିବା ସତ୍ତ୍ୱେ ମଣ୍ଡିରେ ନ୍ୟାୟସଙ୍ଗତ ବ୍ୟବହାର ମିଳୁନାହିଁ । ମିଲରଙ୍କ ଇଚ୍ଛାମତେ ଧାନ କାଟ୍‌କୁଟ ହେଉଥିବାରୁ ଚାଷୀମାନେ



ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି । ଏନେଇ ସମବାୟ ସମିତି ଓ ପ୍ରଶାସନର ନୀରବତାକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଯଦି ଶୀଘ୍ର ଏହି ମନମାନି ବନ୍ଦ ନହୁଏ, ତେବେ ଆନ୍ଦୋଳନର ଚେତାବନୀ ମଧ୍ୟ ଦେଇଛନ୍ତି ଚାଷୀମାନେ । ଅନ୍ୟପଟେ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ଅଭିଯୋଗ ଆସିଲେ ତଦନ୍ତ କରାଯିବ ଏବଂ ଦୋଷୀ ମିଲରଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯିବ ।

# ଟ୍ରକ୍ ଭିତରେ ଚାପି ହୋଇ ଡ୍ରାଇଭର ମୃତ

**ଓଡ଼ାପଡ଼ା, ୨୨।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଆଜିର ଦିନରେ ସଡ଼କ ସୁରକ୍ଷା ଚିନ୍ତା ଏକ ପ୍ରମୁଖ କାରଣ ହୋଇପଡିଛି । ସାଂପ୍ରତିକ ସମୟରେ ଦିନକୁ ଦିନ ଦୁର୍ଘଟଣା ସଂଖ୍ୟାକୁ ଦୃଷ୍ଟିରେ ରଖି ସରକାର ସକ୍ରିୟ ଓ ସଚେତନ ହେଉଛନ୍ତି । ଦୁର୍ଘଟଣାର ସଂଖ୍ୟା କେମିତି କମାଯାଇ ପାରିବ ସେଥିପାଇଁ, ପ୍ରତିବର୍ଷ ୧୧ ରୁ ୧୭ ଜାନୁଆରୀ ପର୍ଯ୍ୟନ୍ତ ପ୍ରତ୍ୟେକ ଜିଲ୍ଲା ଠାରୁ ଆରମ୍ଭକରି ବ୍ଲକ୍ ସ୍ତରରେ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ମଧ୍ୟ କରାଯାଉଛି । ତଥାପି ଦିନକୁ ଦୁର୍ଘଟଣା ବଢି ଚାଲିଥିବାର ଖବର ବିଭିନ୍ନ ଖବରକାଗଜମାନଙ୍କର ଶିରୋନାମା ପାଲଟିଛି । ଢ଼େଙ୍କାନାଳ ଜିଲ୍ଲା ଏନ୍‌ଏଚ୍ ୫୫ ରେ ପ୍ରାୟ ପ୍ରତ୍ୟେକ ଦିନ ଦୁର୍ଘଟଣା ଥମୁ ନଥିବା ବେଳେ ଆଜି ଭୋର ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି । ସଡ଼କ ସୁରକ୍ଷା ମାସ ଚାଲିଥିବା ବେଳେ ଚାଲି ଯାଇଛି ଜଣେ ଟ୍ରକ୍ ଡ୍ରାଇଭରଙ୍କ ଜୀବନ ।

ଖବର ଅନୁସାରେ ଓଡ଼ାପଡ଼ା ବ୍ଲକ୍ ମୋଟଙ୍ଗା ଥାନା ଅନ୍ତର୍ଗତ ଏନ୍ ଏଚ୍ ୫୫ ରୁଙ୍ଗଟା ଛକ ନିକଟରେ ଆଜି ଭୋର ସକାଳ ପ୍ରାୟ ୬.୩୦ ସମୟରେ ବିପରୀତ ଦିଗରୁ ଦୃତଗତିରେ ଯାଉ ଥିବା ଏକ ଅଜଣା ଟ୍ରକ୍ ଅନୁଗୁଳ ଆଡୁ ଢ଼େଙ୍କାନାଳ ଅଭିମୁଖେ ଆସୁଥିବା ଏକ ଟ୍ରକ ନମ୍ବର ଓଡ଼ି ୦୪ ଏନ ୦୯୬୧କୁ ସାମ୍ନା ପଟୁ ଧକ୍କା ଦେବାରୁ ଟ୍ରକ୍ ଚାଳକର ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ଦୁର୍ଘଟଣାର ବେଗ ଏତେ ଅଧିକ ଥିଲା ଯେ ନିଜ ସିଟରେ ଚାପି ହୋଇ ଘଟଣାସ୍ଥଳରେ ଗାଡ଼ି ଭିତରେ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି । ମୃତକ ଚାଳକ ଙ୍କ ନାମ ନାଗା ପ୍ରଧାନ(୩୬) ଓ ତାଙ୍କ ଘର ଯାଜପୁର ଜିଲ୍ଲା ସୁକିନ୍ଦା ପୁରୁଣାପାଣି ଅଞ୍ଚଳର ବୋଲି ପୋଲିସ୍ ସୁଚନା ଦେଇଛି । ଖବର ପାଇ ହିନ୍ଦୋଳ ରୋଡ ଦମକଳ ବାହିନି ଘଟଣାସ୍ଥଳରେ ପହଞ୍ଚି ଫାୟାର ଅଫିସର ନବଘନ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ତିନି ଘଣ୍ଟାରୁ ଅଧିକ ଅକ୍ଳାନ୍ତ ପରିଶ୍ରମ କରି ଗ୍ୟାସ କଟର ଓ ଅନ୍ୟାନ୍ୟ ଅତ୍ୟାଧୁନିକ ଉପକରଣ ବ୍ୟାବାହର କରି ଟ୍ରକ୍‌ର ଇଞ୍ଜିନକୁ ସଂପୂର୍ଣ୍ଣ କାଟି ମୃତ ଟ୍ରକ୍ ଚାଳକଙ୍କୁ ଉଦ୍ଧାର କରି ମୋଟଙ୍ଗା ଥାନା ଅଧିକାରୀଙ୍କ ସହାୟତାରେ ଶବ ବ୍ୟବଚ୍ଛେଦ ପାଇଁ ଢ଼େଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାପଡିଛି । ପୋଲିସ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇ ପଳାଇଯାଇଥିବା ଗାଡ଼ିକୁ ଧରିବା ପାଇଁ ପ୍ରୟାସ ଚଳାଇଥିବା ଜଣାପଡ଼ିଛି ।

# କନ୍ଧମାଳ-କଳାହାଣ୍ଡି ସୀମାନ୍ତ ଜଙ୍ଗଲରେ ମାଓ କ୍ୟାମ୍ପ ଠାବ

**ଫୁଲବାଣୀ, ୨୨।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଦେଶକୁ ନକ୍ସଲ ଏବଂ ମାଓବାଦୀ ମୁକ୍ତ କରିବା ପାଇଁ ଡେଡ଼ଲାଇନ ସମୟ ଯେତେ ପାଖେଇ ଆସୁଛି, ପୁଲିସ ଏବଂ ସୁରକ୍ଷା ବାହିନୀଙ୍କ କୁମ୍ବିଂ ଅପେରସନ ମଧ୍ୟ ସେତିକି ତୀବ୍ର ହେବାରେ ଲାଗିଛି । ସେହିଭଳି କନ୍ଧମାଳ ଜିଲ୍ଲାରେ ମଧ୍ୟ ଜିଲ୍ଲା ପୁଲିସ ଏବଂ କେନ୍ଦ୍ରୀୟ ସୁରକ୍ଷାବାହିନୀ ସିଆରପିଏଫ୍, ବିଏସଏଫ୍ ମିଳିତ ଭାବେ ଜିଲ୍ଲାର ବିଭିନ ନକ୍ସଲ ଏବଂ ମାଓବାଦୀ ପ୍ରବଣ ଅଞ୍ଚଳରେ କୁମ୍ବିଂ ଅପେରସନକୁ ତୀବ୍ର କରାଯାଇଛି ।

ଆଜି ସକାଳୁ ଜିଲ୍ଲା ପୁଲିସ ର ଏସଓଜି, ଡିଭିଏଫ୍ ଏବଂ ସିଆରପିଏଫ୍ର ମିଳିତ ଭାବେ କନ୍ଧମାଳ–କଳାହାଣ୍ଡି ସୀମାନ୍ତବର୍ତ୍ତୀ ଗାଙ୍ଗେଲ ଜଙ୍ଗଲରେ ବଡ଼ ଧରଣର କୁମ୍ବିଂ ଅପେରସନ ଆରମ୍ଭ କରିଛନ୍ତି । ମିଳିତ ଟିମକୁ ବଡ଼ ସଫଳତା ମିଳିଥିବା ସୂଚନା ମିଳିଛି ଛ ଜଙ୍ଗଲରେ ମିଳିତ ଟିମ ଏକ ମାଓ କ୍ୟାମ୍ପକୁ ଠାବ କରିଛି ଏବଂ କ୍ୟାମ୍ପରୁ ବହୁ ବନ୍ଧୁକ ସହିତ ବହୁ ପରିମାଣର ମାଓବାଦୀ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି । ମାଓ ସାମଗ୍ରୀ ମଧ୍ୟରେ ୧୩ ଟି ବନ୍ଧୁକ, ବହୁ ୱାକିଟକି, ସୋଲାର ପାନେଲ, ବିଦ୍ୟୁତ ତାର, ମେଡ଼ିସିନ ଭଳି ଅନେକ ମାଓବାଦୀ ବ୍ୟବହାର କରୁଥିବା ସାମଗ୍ରୀ ଜବତ ହୋଇଛି । ବହୁ ହାର୍ଡକୋର ମାଓବାଦୀ ଏହି ଜଙ୍ଗଲରେ ଲୁଚି ରହିଥିବା ସନ୍ଦେହରେ ମିଳିତ ଟିମ ଏବେ ମଧ୍ୟ କୁମ୍ବିଂ ଅପେରସନ ଜାରି ରଖିଛନ୍ତି ।

# ବିଦ୍ୟାଳୟ ଫାଟକରେ ତାଲା : ଅଭିଭାବକ ଓ ଗ୍ରାମବାସୀ ଧାରଣାରେ

**ଜଳେଶ୍ୱର, ୨୨।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ରାଇବଣିଆ ଥାନା ଅନ୍ତର୍ଗତ କାଳିକ ପଞ୍ଚାୟତର ହାତୀଗଡ ଉଚ୍ଚ ବିଦ୍ୟାଳୟରେ ୩୦ ବର୍ଷ ଧରି ସ୍ଥାୟୀ ଶିକ୍ଷକ ନିଯୁକ୍ତି ନ ହେବା, ଗଣେଶ ପୂଜା ଓ ସରସ୍ୱତୀ ପୂଜା ବିଦ୍ୟାଳୟରେ ନ ହେବା କାରଣରୁ ବିଦ୍ୟାଳୟର ଏସଏମସି କମିଟିର ସଭାପତି ଚନ୍ଦନ କୁମାର ଦାସଙ୍କ ଅଧକ୍ଷତାରେ ସମସ୍ତ ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ । ବିଦ୍ୟାଳୟର କର୍ମଚାରୀଙ୍କୁ ବାହାରେ ରଖି ଅନିର୍ଦ୍ଦିଷ୍ଟ କାଳ ଆମରଣ ଅନଶନ ଓ ଗଣଧାରଣାରେ ସେମାନେ ବସିଥିଲେ । ଛାତ୍ରଛାତ୍ରୀମାନେ ମଧ୍ୟ ଫାଟକ ସାମ୍ନାରେ ବସିଥିବାର ଦେଖିବାକୁ ମିଳିଥିଲା ।



ସୂଚନାଯୋଗ୍ୟ ଏହି ବିଦ୍ୟାଳୟରେ ୧୮୪ ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ ଅଛନ୍ତି । ପ୍ରଧାନଶିକ୍ଷୟିତ୍ରୀ କଲ୍ପଲତା ସ୍ୱାଇଁ, ଖେଳ ଶିକ୍ଷୟିତ୍ରୀ ସୁଲୋଚନା ବାରିକ ଓ ଜଣେ ପିଅନ୍‌କୁ ନେଇ ବିଦ୍ୟାଳୟ ଚାଲିଛି । ଏହି ବିଦ୍ୟାଳୟରେ ୮୦% ହିନ୍ଦୁ ଛାତ୍ରଛାତ୍ରୀ ପାଠପଢୁଥିବା ବେଳେ ଗଣେଶ ପୂଜା କିମ୍ବା ସରସ୍ୱତୀ ପୂଜା ବିଦ୍ୟାଳୟରେ ନ ହେଉଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି । ଏଥିନେଇ ଗତ ୧୩ ତାରିଖରେ ଅଭିଭାବକମାନେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସମାଧାନ ହୋଇନାହିଁ । ପୂର୍ବ ସୂଚନା ଅନୁଯାୟୀ ଅଭିଭାବକମାନେ ପୂର୍ବାହ୍ନରେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଗଣଧାରଣାରେ ବସିଥିଲେ । ଧାରଣା ଶାନ୍ତିପୂର୍ଣ୍ଣ ଭାବେ ଚାଲିଥିବା ବେଳେ ଜଳେଶ୍ୱର ଆଇଆଇସି ଅଶୋକ ବାରିକ, ଜଳେଶ୍ୱର ତହସିଲଦାର ସତ୍ୟଜିତ ମାହାନ୍ତି, ଏସଡିପିଓ ସୁବ୍ରତ କୁମାର ବେହେରା, ଅତିରିକ୍ତ ତହସିଲଦାର ଚକ୍ରଧର ମଲ୍ଲିକ, ଆରଆଇ ନିଶିକାନ୍ତ ସିଂ, ସୁପରଭାଇଜର ଶରତ କୁମାର ବେହେରା, ଗୋପାଳ ମାଝୀ ପହଞ୍ଚି ଅନଶନକାରୀ ପ୍ରଫୁଲ୍ଲ ସୁର, ଚିତ୍ତରଞ୍ଜନ ବିଶ୍ୱାଳ, ତରୁଣ ପଟ୍ଟନାୟକ, ବସନ୍ତ ସାମଲ ଓ ସତ୍ୟରଞ୍ଜନ ବିଶ୍ୱାଳଙ୍କୁ ବୁଝାସୁଝା କରିଥିଲେ । ତହସିଲଦାର ଓ ଏସଡିପିଓଙ୍କ ଲିଖିତ ପ୍ରତିଶ୍ରୁତି ପରେ ଅନଶନ ଭଙ୍ଗ ହୋଇଥିଲା । ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦେଖି ୭ଦିନ ଭିତରେ ଜିଲ୍ଲାପାଳଙ୍କ ଦ୍ୱାରା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଓ ଏସଏମସି କମିଟିର ସମସ୍ତ ସଦସ୍ୟ ତଥା ଅନଶନକାରୀଙ୍କ ସହ ସ୍ଥାନୀୟ ପ୍ରଶାସନ ବସି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି ।

# ବୁଗୁଡ଼ାରେ ବୃଦ୍ଧି ପାଉଛି ସାଇକେଲ ଚୋରି

**ବୁଗୁଡ଼ା, ୨୨।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା ପୋଲିସ ଥାନା ଅଞ୍ଚଳରେ ସାଇକେଲ ଚୋରି ଏକ ସାଧାରଣ ଘଟଣା ପାଲଟିଥିବା ବେଳେ ଚୋରିକୁ ପ୍ରତିହତ କରିବା କ୍ଷମତା କୁଆଡେ ପୋଲିସ ପାଖରେ ନଥିବା ନେଇ ସାଧାରଣରେ ସମାଲୋଚନାମୂଳକ ଚର୍ଚ୍ଚା ଜୋର ଧରିଛି । ପୋଲିସର ନିଷ୍କ୍ରିୟତାର ସୁଯୋଗ ନେଇ ସକ୍ରିୟ ଥିବା ସାଇକେଲ ଚୋରଙ୍କ ଅଭିଯାନ ଏବେ ସହରାଞ୍ଚଳରେ ବୃଦ୍ଧି ପାଇଛି । ବୁଗୁଡା ସହରର ବିଭିନ୍ନ ମାର୍କେଟ୍ କମ୍ପ୍ଲେକ୍ସ ଏବଂ କୋଚିଂ ସେଣ୍ଟର ଆଦି ସ୍ଥାନରୁ ଅନେକ ସାଇକେଲ ଚୋରି ହୋଇଥିଲା ବେଳେ ଏଇ କିଛି ଦିନ ହେଲା କାଦପଡା ଗ୍ରାମର ୨ ଛାତ୍ରୀ ସପନା ସ୍ୱାଇଁଙ୍କ ସାଇକେଲଟି ଷ୍ଟେଟ ବ୍ୟାଙ୍କ ସମ୍ମୁଖରୁ ଏବଂ ଗୋଳାବନ୍ଧ ଗ୍ରାମର ପିଙ୍କି ଭୂୟାଁଙ୍କ ସାଇକେଲଟି ବ୍ଲକ ଛକରୁ ଚୋରି ହୋଇ ଯାଇଛି । ସେହିପରି କଣଛାଇ ଗ୍ରାମର ଶିବାନୀ ବିଷୋୟୀଙ୍କ ସାଇକେଲଟି ବୁଗୁଡା ବଜାରରୁ ଚୋରି ହୋଇଯାଇଥିବା ବେଳେ ନାରାୟଣ ଜେନାଙ୍କ ସାଇକେଲଟି ଏକ ଡ୍ରାଇଫ୍ରୁଡ୍ ଦୋକାନ ସମ୍ମୁଖରୁ ଚୋରି ହୋଇଯାଇଛି । ଅନ୍ୟପକ୍ଷରେ ନିରଞ୍ଜନ ମହାରଣାଙ୍କ ବୁଲେଟ୍ ଗାଡିଟି ନୃସିଂହ ମନ୍ଦିର ସାହିରୁ ତାଙ୍କର ଶଶୁର ଘର ସାମ୍ନାରୁ ଗତ ୧୧ ତାରିଖ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି ।

ପ୍ରକାଶଯୋଗ୍ୟ ଯେ, ସ୍ଥାନୀୟ ପୋଲିସର ଅପାରଗତାରୁ ବୁଗୁଡା ସହରରେ ସାଇକେଲ ଚୋରି ଏକ ସାଧାରଣ ଘଟଣା ପାଲଟିଥିବା ବେଳେ ଲୋକଙ୍କ ମଧ୍ୟରେ ପୋଲିସ ପ୍ରତି ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ କେତେକ ସାଇକେଲ ଚୋରି ଘଟଣାର ଦୃଶ୍ୟ ମଧ୍ୟ ସିସିଟିଭି କ୍ୟାମେରାରେ ରହିଥିଲେ ମଧ୍ୟ ଚୋରକୁ ଧରିବା କ୍ଷମତା ସ୍ଥାନୀୟ ପୋଲିସର ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି । ସଂପ୍ରତି ସହରରେ ସାଇକେଲ ଚୋରଙ୍କ ସକ୍ରିୟତା ଏବଂ ପୋଲିସର ନିଷ୍କ୍ରିୟତା ଯୋଗୁଁ ଲୋକଙ୍କ ମଧ୍ୟରେ ଭାଳେଣି ପଡିଯାଇଛି । ତେବେ ବୁଗୁଡା ଅଞ୍ଚଳରେ ଜାରି ରହିଥିବା ଏଭଳି ଘନ ଘନ ସାଇକେଲ ଚୋରି ଭଳି ଅପରାଧିକ ଘଟଣାକୁ ପ୍ରତିହତ କରିବା ଦିଗରେ ପୋଲିସ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦୃଢ ଦାବି ହେଉଛି ।

# ମୁକ୍ତା ପାଣ୍ଠିରେ ନିର୍ମାଣ ବର୍ଷାଜଳ ସଂରକ୍ଷଣ ପ୍ରକଳ୍ପ ମାଟିରେ ମିଶିଲାଣି

**ରାଉରକେଲା, ୨୨।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବ ସରକାରଙ୍କ ସମୟରେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା(ମୁକ୍ତା) ପାଣ୍ଠିରେ ହୋଇଥିବା ବର୍ଷାଜଳ ସଂରକ୍ଷଣ ପ୍ରକଳ୍ପର ଚିହ୍ନବର୍ଣ୍ଣ ନାହିଁ । କେଉଁଠି ପ୍ରକଳ୍ପ ମାଟିରେ ମିଶିଗଲାଣି ତ ଅନ୍ୟ କେଉଁଠି ଇଟା ଦେଖାଯାଉଛି । ଆଶ୍ଚର୍ଯ୍ୟ କଥା, ଯେଉଁସ୍ଥାନରେ ପ୍ରକଳ୍ପ ସମ୍ପର୍କିତ ସୂଚନାଫଳକ ଲାଗିଛି, ସେଠି ପ୍ରକଳ୍ପର ନାଁ ଗନ୍ଧ ନାହିଁ । ପ୍ରକଳ୍ପ ବାବଦରେ ୧୦ କି ୧୫ କୋଟି ନୁହେଁ ୬୩ କୋଟିରୁ ଅଧିକ ଖର୍ଚ୍ଚ ହୋଇଛି । ଏତେ ଟଙ୍କାରେ ପ୍ରକଳ୍ପ ସହରବାସୀଙ୍କ କାମରେ ଆସିଲାନି । ଯାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସହରର ବୁଦ୍ଧିଜୀବୀ ଓ ବିଭିନ୍ନ ରାଜନୈତିକ ଦଳର ନେତା । ସରକାର ପ୍ରକଳ୍ପର ତଦନ୍ତକରି ଦୁର୍ନୀତିକୁ ସାମ୍ନାକୁ ଆଣିବାକୁ ଦାବି କରିଛନ୍ତି । ଯେଉଁମାନେ ସରକାରୀ ପାଣ୍ଠିର



ଅପବ୍ୟୟ କରିଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି କୁହାଯାଉଛି ।

ସୂଚନାନୁସାରେ, ପ୍ରକଳ୍ପ କାମ ହାତେଇଥିଲେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) । କାମ କରିଛନ୍ତି ଠିକାଦାର । ଆର୍‌ଏମ୍‌ସି କାର୍ଯ୍ୟାଳୟ ନିକଟ ସିଂହାସିନୀ ମନ୍ଦିର ପରିସର, ବେଦବ୍ୟାସ, ବାସନ୍ତୀ କଲୋନି, ସାରନଗରୀ, ଇସ୍ପାତ ସହରାଞ୍ଚଳ, ଏଫ୍‌ସିଆଇ ଗୋଦାମ ପାଚେରିପାର୍ଶ୍ୱ ଆଦି ଅନେକ ସ୍ଥାନରେ ମହିଳା ଏସ୍‌ଏଚ୍‌ଜିଗୁଡ଼ିକ ଦ୍ୱାରା କରାଯାଇଥିବା କାମ ଦେଖାଯାଉନି । କେଉଁଠି ହାତେ ଦୁଇହାତ ଡ୍ରେନ୍ ଓ ୩/୪ଟି ନନ୍ଦ ବସାଇ କାମସାରି ଦିଆଯାଇଛି ତ ଆଉ କେଉଁଠି ସେତିକି ବି ନାହିଁ । ସେକ୍ଟର–୨୧ ନୟାବଜାର ସ' ମିଲ୍ ନିକଟରେ ଗୋଟିଏ କି ଦୁଇଟି ନୁହେଁ ୨୧ଟି ପ୍ରକଳ୍ପ କରାଯାଇଛି ।

ପୁଣି ନୟାବଜାର କୁଷ୍ଠବସ୍ତିରେ ୨୦, ଆଇନ ମହାବିଦ୍ୟାଳୟ ନିକଟରେ ୧୨ଟି ପ୍ରକଳ୍ପ ହୋଇଛି । ହେଲେ ସେଠାରେ ବାସ୍ତବଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ । କେଉଁଠି ନନ୍ଦଗୁଡ଼ିକ ମାଟିରେ ପୋତିଗଲାଣି ତ ଅନ୍ୟ କେଉଁଠି ମାଟିରେ ମିଶିଲାଣି । ସେହିପରି ରାଉରକେଲା ଶିଳ୍ପାଞ୍ଚଳରେ ଜଳ ଅମଳ ପ୍ରକଳ୍ପ ହୋଇଥିବା ସ୍ଥାନରେ ଏବେ ଡ୍ରେନ୍ ନିର୍ମାଣ ଚାଲିଛି । ଅଭିଯୋଗ ହେଉଛି, ବିଲ୍ ହେଲା ପରେ ପ୍ରକଳ୍ପଗୁଡ଼ିକ କୁଆଡ଼େ ଉଭାନ୍ ହୋଇଯାଇଛି । ଆଉ କିଛିସ୍ଥାନରେ ପ୍ରକଳ୍ପ ନାଁରେ କିଛି ବି କାମ ହୋଇନାହିଁ । ସେକ୍ଟର–୨୧ ଓଏସ୍‌ଏପି ବାଟାଲିୟନରେ ୨୦ଟି, ଉଦିତନଗର ମାଇନିଂ କାର୍ଯ୍ୟାଳୟ ଚତୁଃପାର୍ଶ୍ୱରେ ୧୨ଟି, ଆର୍‌ଏମ୍‌ସି କ୍ୱାର୍ଟର୍ସ ପାଖରେ ୨୪ଟି, ଆଇଟିଆଇ ଶାନ୍ତିନଗରରେ ୨୮ଟି, ଦେଓଗାଁ ଦେହୁରୀବସ୍ତିରେ ୧୮ଟି, ସିଭିଲଟାଉନସିପ୍ ଖଟାଲବସ୍ତିରେ ୩୦ଟି ପ୍ରକଳ୍ପ କରାଯାଇଛି । ପାନପୋଷ ୱାଟ୍‌କୋ କାର୍ଯ୍ୟାଳୟ ପରିସରରେ ୨୪ଟି, ବେଦବ୍ୟାସ ସେଣ୍ଟ ଆର୍ଣ୍ଣୁଲ୍ଡ ଇଂରାଜୀ ମାଧ୍ୟମ ସ୍କୁଲ ଚତୁଃପାର୍ଶ୍ୱରେ ୨୮ଟି ପ୍ରକଳ୍ପ କରାଯାଇଛି ।

ବେଦବ୍ୟାସ ଆଇଡିସିରେ ୨୧ଟି, ସିଂହଟୋଲାରେ ୬ଟି, ନଦୀଟୋଲା ପଡ଼ିଆରେ ୬ଟି ଜଳ ଅମଳ ପ୍ରକଳ୍ପ ହୋଇଛି । ଏମିତି ଭାବେ ୪୦ ୱାର୍ଡରେ ଗୋଟିଏ ଗୋଟିଏ ସ୍ଥାନରେ ଅନାବଶ୍ୟକ ଭାବେ ୫ରୁ ୧୦ଟି ପ୍ରକଳ୍ପ କରି ବିଲ୍ ଉଠାଯାଇଛି । ଦୁର୍ନୀତି ଲୁଚାଇବାକୁ ଅଧିକାଂଶ ସ୍ଥାନରେ ସୂଚନାଫଳକ ବି ଲଗାଯାଇ ନାହିଁ । ଏମିତି ଭାବେ ମୁକ୍ତାପାଣ୍ଠିରୁ ପ୍ରାୟ ୬୩ କୋଟିରୁ ଅଧିକ ଟଙ୍କାରେ ବର୍ଷାଜଳ ଅମଳ ପ୍ରକଳ୍ପ କାମ କରାଯାଇଛି । ତଦନ୍ତ ହେଲେ ବଡ଼ଧରଣ ଦୁର୍ନୀତିର ପର୍ଦ୍ଦାଫାସ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

ଏଣିକି ବିଧାୟକ ଏବଂ ସାଂସଦଙ୍କୁ ଅସମ୍ମାନ କଲେ ବାବୁମାନଙ୍କୁ ମହଙ୍ଗା ପଡ଼ିବ । ସଂସଦୀୟ କମିଟିର କଡ଼ା ଚେତାବନୀ ପରେ କେନ୍ଦ୍ର ସରକାର ଚଳିତମାସ ୧୨ତାରିଖରେ ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଯାହାକି ପ୍ରଶାସନିକ ମହଲରେ କମ୍ପନ ସୃଷ୍ଟି କରିଛି । ବିଧାୟକ ଓ ସାଂସଦମାନଙ୍କୁ ସମ୍ମାନ ଦେବା ପାଇଁ ଉଦ୍ଦିଷ୍ଟ ପ୍ରୋଟେକଲକୁ ଉଲ୍ଲଘଂନ କଲେ ଅବା ନିଜର ବଦଳି-ପଦୋନ୍ନତି ଅବା ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ରାଜନୈତିକ ଚାପ ପକାଇଲେ 'କଣ୍ଡକ୍ଟ ରୁଲସ' ଅନୁସାରେ କଠୋର ଦଣ୍ଡ ମିଳିବ ବୋଲି କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ସତର୍କ କରାଇ ଦେଇଛି । ପୂର୍ବରୁ ଓଡିଶାର ମୋହନ ମାଝୀଙ୍କ ସରକାର ୨୦୨୪ ନଭେମ୍ବର ୨୯ତାରିଖରେ 'ବୁକ୍ ସର୍କୁଲାର-୪୭'କୁ ନେଇ ସମାନ ଆଭିମୁଖ୍ୟ ଗ୍ରହଣ କରି ଜନପ୍ରତିନିଧିମାନଙ୍କୁ ଉପଯୁକ୍ତ ସମ୍ମାନ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୨୩ ଜାନୁଆରୀ, ୨୦୨୬ | ଶୁକ୍ରବାର



## ଓଡ଼ିଶା ଏକ୍ସପ୍ରେସ୍


## ମତେ ରକ୍ତ ଦିଅ ମୁଁ ସ୍ୱାଧୀନତା ଦେବୀ

ସ୍ୱାଧୀନତା ଆନ୍ଦୋଳନ ସମୟରେ ନେତାଜୀଙ୍କ ଆହ୍ୱାନ- 'ମତେ ରକ୍ତ ଦିଅ, ମୁଁ ସ୍ୱାଧୀନତା ଦେବୀ' ଅନେକ ଯୁବପିଢ଼ିଙ୍କୁ ଉଦ୍‌ବୁଦ୍ଧ କରିଥିଲା । ଅନେକେ ସେତେବେଳେ ନେତାଙ୍କ ଡାକରାରେ ଆଜାଦ ହିନ୍ଦ୍ ଫୌଜରେ ଯୋଗ ଦେଇଥିଲେ । ନେତାଜୀ ଥିଲେ ଜନମାନସର ନେତା ।

ନେତାଜୀ ଜୟନ୍ତୀ ଅବସରରେ ତାଙ୍କୁ ଶତକୋଟି ପ୍ରଣାମ ଏବଂ ଶ୍ରଦ୍ଧାଞ୍ଜଳି ।

ଆଜିର ନେତାଙ୍କ ଆହ୍ୱାନ କ'ଣ ଏକଥା ଆପଣଙ୍କୁ ଅଜଣା ନଥିବ ନିଶ୍ଚେ ? ଆଜିର ନେତାଙ୍କ ଆହ୍ୱାନ ହେଉଛି- ମୋତେ ଭୋଟ୍ ଦିଅ, ମୁଁ ଅନେକ ମାଗଣା ଯୋଜନା ଦେବି ଆପଣମାନଙ୍କୁ, ଆପଣମାନେ ଯେମିତି ଅଛନ୍ତି ସେଇଭଳି ହିଁ ରହିବେ ଆଗାମୀ ଦିନମାନଙ୍କରେ । ସେଇ ଗରିବୀ ରେଖା ତଳେ ।

ମାଗଣା ଯୋଜନା ଦେଇ ଭୋଟ୍ ହାତେଇବାର ଏ ପରମ୍ପରା ବେଶ୍ କିଛିବର୍ଷ ହେଲା ଆରମ୍ଭ ହୋଇଛି ଆମ ଦେଶରେ । ଲୋକେ ଜାଣନ୍ତି ନେତାଏ ଦୁଆରକୁ ୫ବର୍ଷକୁ ଥରେ ଆସିବେ, ଏଇ ବେଳରେ ହିଁ ଏମାନେ ହାତ ଯୋଡ଼ିବେ, ତା'ପରେ ଆମକୁ ହାତଯୋଡ଼ିବାକୁ ପଡ଼ିବ ୫ବର୍ଷ ଯାଏଁ । ତେଣୁ ଟଙ୍କା ଏବଂ ମାଗଣା ଉପହାର ବଦଳରେ ଭୋଟ୍ ବିକିବାକୁ ଆଉ କେହି ଏକ ଲଜ୍ୟା ଏବଂ ଅନୈତିକ କାର୍ଯ୍ୟ ବୋଲି ଭାବୁନାହାନ୍ତି । ଖୋଲାଖୋଲି ଭାବରେ ଚାଲୁଛି ନେଣଦେଣ ।

ନେତାଟିଏ ହୋଇଗଲେ ଚଉଦପୁରୁଷ ପାଇଁ ବାଟ ଫର୍ଚ୍ଚା । ମନ୍ତ୍ରୀ, ବିଧାୟକଙ୍କ ଦରମା ୩ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବିଲ୍ ପାରିତ ହୋଇସାରିଛି । ଲୋକଙ୍କ ସମାଲୋଚନା ପରେ ହୁଏତ କିଛି କମିପାରେ ଠିକ୍ ପେଟ୍ରୋଲ-ଡିଜେଲ ଦରବୃଦ୍ଧି ବିରୋଧ ପରେ ୫-୧୦ ପଇସା କମିବା ଭଳି । ଏହାର ପ୍ରଭାବ ଲୋକଙ୍କ ପକେଟ ଉପରେ ଜମା ପଡ଼େନି । ବଡ଼ ବଡ଼ ଅକ୍ଷରରେ କିନ୍ତୁ ପ୍ରକାଶ ପାଏ- ପେଟ୍ରୋଲ- ଡିଜେଲ ଦର କମିଲା ।

ଏକ ଖବରରୁ ଜଣାଯାଇଛି- ଏଣିକି ବିଧାୟକ ଏବଂ ସାଂସଦଙ୍କୁ ଅସମ୍ମାନ କଲେ ବାବୁମାନଙ୍କୁ ମହଙ୍ଗା ପଡ଼ିବ । ସଂସଦୀୟ କମିଟିର କଡ଼ା ଚେତାବନୀ ପରେ କେନ୍ଦ୍ର ସରକାର ଚଳିତମାସ ୧୨ତାରିଖରେ ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଯାହାକି ପ୍ରଶାସନିକ ମହଲରେ କମ୍ପନ ସୃଷ୍ଟି କରିଛି । ବିଧାୟକ ଓ ସାଂସଦମାନଙ୍କୁ ସମ୍ମାନ ଦେବା ପାଇଁ ଉଦ୍ଦିଷ୍ଟ ପ୍ରୋଟେକଲକୁ ଉଲ୍ଲଘଂନ କଲେ ଅବା ନିଜର ବଦଳି-ପଦୋନ୍ନତି ଅବା ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ରାଜନୈତିକ ଚାପ ପକାଇଲେ 'କଣ୍ଡକ୍ଟ ରୁଲସ' ଅନୁସାରେ କଠୋର ଦଣ୍ଡ ମିଳିବ ବୋଲି କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ସତର୍କ କରାଇ ଦେଇଛି । ପୂର୍ବରୁ ଓଡିଶାର ମୋହନ ମାଝୀଙ୍କ ସରକାର ୨୦୨୪ ନଭେମ୍ବର ୨୯ତାରିଖରେ 'ବୁକ୍ ସର୍କୁଲାର-୪୭'କୁ ନେଇ ସମାନ ଆଭିମୁଖ୍ୟ ଗ୍ରହଣ କରି ଜନପ୍ରତିନିଧିମାନଙ୍କୁ ଉପଯୁକ୍ତ ସମ୍ମାନ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ହଁ, ପ୍ରଶ୍ନ ଉଠୁଛି ବିଧାୟକ ଏବଂ ସାଂସଦମାନଙ୍କୁ ଯେତେବେଳେ ବାବୁମାନେ ଅସମ୍ମାନ କରୁଛନ୍ତି ବୋଲି ସରକାର ଭାବିଲେ ସେତେବେଳେ ଭାବିବା ଉଚିତ୍ ସେଇ ବାବୁମାନେ ଏବଂ ସରକାରୀ କର୍ମଚାରୀମାନେ ସାଧାରଣ ଲୋକଙ୍କୁ କିଭଳି ସମ୍ମାନ ଜଣାଉଥିବେ?

ନେତାମାନେ କେବଳ ନିଜ କଥା ହିଁ ଚିନ୍ତା କରନ୍ତି । ନିଜ ଦରମା ଏବଂ ଭତ୍ତା ବଢ଼ାଇବା ସମୟରେ ହଜାର /ଦେଢ଼ହଜାର ଟଙ୍କା ଭତ୍ତାରେ ବା ଇପିଏଫ୍ ପେନସନରେ ଜଣେ କିଭଳି ଚଳୁଛି, ଏକଥା କେବେ ନେତାମାନେ ଭାବିଛନ୍ତି କି? ଯଦି ଭାବିଥାନ୍ତେ ତା'ହେଲେ ନିଜ ଦରମା ଏକାଥରକେ ୩ ଲକ୍ଷ ଟଙ୍କା କରିବାକୁ ସାମାନ୍ୟ କୁଣ୍ଠା ଏବଂ ଲଜ୍ୟା କରିଥାନ୍ତେ ନିହାତି ।

ଆଜିର ଦିନରେ ମନେପଡ଼େ ନେତାଜୀଙ୍କ ଆହ୍ୱାନ ଆଉ ବେଶ୍ ଅନୁଭବ କରିହୁଏ ନେତାଜୀଙ୍କ ଆହ୍ୱାନ ଆଉ ଆଜିର ନେତାଙ୍କ ଆହ୍ୱାନ ଭିତରେ ଫରକ କେତେ ।

# ଜ୍ଞାନଦାତ୍ରୀ ଓ ବୁଦ୍ଧିଦାତ୍ରୀ ମାଆ ସରସ୍ୱତୀ



**ଜିଜ୍ଞାସା**

**ନିରଞ୍ଜନ ଶତପଥୀ**

ଆମ ଦେଶରେ ବିଭିନ୍ନ ସମୟରେ ଦେବଦେବୀଙ୍କର ପୂଜାର୍ଚ୍ଚନା କରାଯିବାର ପରମ୍ପରା ରହିଛି । ଏହି ଦିନମାନଙ୍କରେ ଲୋକମାନେ ଭାବ, ଭକ୍ତି ଓ ବିଶ୍ୱାସର ସହିତ ଦେବଦେବୀମାନଙ୍କର ପୂଜା କରି ନିଜ ନିଜର ମନକଥା ଜଣାଇ ଆଶୀର୍ବାଦ ଭିକ୍ଷା କରିଥାନ୍ତି । ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ବିଦ୍ୟାତା ଶ୍ରୀ ଗଣେଶଙ୍କର ପୂଜାର୍ଚ୍ଚନା କରାଯାଇଥାଏ । ସମଗ୍ର ଭାରତବର୍ଷରେ ଶ୍ରୀଗଣେଶଙ୍କର ଏହିଦିନ ପୂଜାର୍ଚ୍ଚନା ହୋଇଥାଏ । ବିଶେଷ କରି ମୁମ୍ବାଇ ଓ ହାଇଦ୍ରାବାଦ ଭଳି ବଡ଼ ବଡ଼ ସହରମାନଙ୍କରେ ଶ୍ରୀଗଣେଶଙ୍କ ପୂଜା ବହୁ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଆସୁଛି । ଏହାଛଡ଼ା ଆମ ଓଡ଼ିଶା ଭଳି ଅନେକ ରାଜ୍ୟରେ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକରେ ବିପୁଳ ଉତ୍ସାହ ଉଦ୍ଦିପନାର ସହିତ ଏହି ଶ୍ରୀଗଣେଶଙ୍କର ପୂଜା ଅନୁଷ୍ଠିତ ହେଉଅଛି । ଠିକ୍ ସେହିପରି ବାଗ୍‌ଦେବୀ ମାଆ ସରସ୍ୱତୀଙ୍କ ପୂଜା ଆମ ଦେଶରେ ବହୁ ପ୍ରାଚୀନ କାଳରୁ ପ୍ରଚଳିତ ହୋଇଆସୁ ଅଛି । ମାଆ ସରସ୍ୱତୀ ହେଉଛନ୍ତି ଜ୍ଞାନଦାତ୍ରୀ । ପ୍ରତିବର୍ଷ ମାଘମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ମାଆ ସରସ୍ୱତୀ ଏ ବିଶାଳ ଧରାପୃଷ୍ଠରେ ଆବିର୍ଭାବ ହୋଇଥାନ୍ତି । ଏହି ପବିତ୍ର ଦିବସଟିକୁ ଶ୍ରୀପଞ୍ଚମୀ ବୋଲି କୁହାଯାଇଥାଏ । ଏହିଦିନ ଏକ ଶୁଭଦିନ ହୋଇଥିବାରୁ ବିଭିନ୍ନ ପ୍ରକାର ଶୁଭ କାର୍ଯ୍ୟ ମଧ୍ୟ କରାଯାଇଥାଏ । ମାଆ ସରସ୍ୱତୀଙ୍କଠାରେ ସମସ୍ତ ଗୁଣ ରହିଛି। ସେ ହେଉଛନ୍ତି ପ୍ରଧାନ ଦେବୀ । ମାଆ ସରସ୍ୱତୀଙ୍କ ପୂଜା ବେଦ ସମ୍ମତ । ମାଘମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ସର୍ବତ୍ର ଏହି ପୂଜା ଅନୁଷ୍ଠିତ ହୋଇଆସୁଅଛି । ମାଆ ସରସ୍ୱତୀଙ୍କୁ ବାଗ୍‌ଦେବୀ, ସିଦ୍ଧିଦାତ୍ରୀ, ଜ୍ଞାନଦାତ୍ରୀ, କଳାର ଅଧିଷ୍ଠାତ୍ରୀ ଦେବୀ ଭାବରେ ବର୍ଣ୍ଣନା କରାଯାଏ ।

ଆମ ଓଡ଼ିଶାରେ ମାଆ ସରସ୍ୱତୀଙ୍କ ପୂଜା ସର୍ବପ୍ରାଚୀନ । ମାଆ ସରସ୍ୱତୀଙ୍କ କୃପାଲାଭ କଲେ ମହାମୂର୍ଖ ମହାଜ୍ଞାନୀରେ ପରିଣତ ହୋଇଯାଏ । ମହାମୂର୍ଖ କାଳିଦାସ ମାଆ ସରସ୍ୱତୀଙ୍କୁ ଆରାଧନା କରି ତାଙ୍କରି କୃପାଲାଭ କରି ମହାଜ୍ଞାନୀରେ ପରିଣତ ହୋଇଥିଲେ । କାଳିଦାସ ମାଆ ସରସ୍ୱତୀଙ୍କର ପଦଯୁଗଳ ବର୍ଣ୍ଣନା ନକରି ସର୍ବପ୍ରଥମେ ମୁଖମଣ୍ଡଳର ବର୍ଣ୍ଣନା କରିଥିଲେ । ମାଆ ସରସ୍ୱତୀ କାଳି ଦାସଙ୍କୁ ଦର୍ଶନ ଦେଇ ତାଙ୍କ ମଧ୍ୟରେ ବସାବାନ୍ଧି ରହିଥିବା ଦୀର୍ଘଦିନର ଅଜ୍ଞତା ଦୂର କରିଥିଲେ । ମାଆ ସରସ୍ୱତୀଙ୍କର ଦୁଇଟି ପାଦ ନଦୀ ଜଳରେ ବୁଡ଼ି ରହିଥିବା ସମୟରେ କାଳିଦାସ ତାହା ଦେଖିପାରିନଥିଲେ । ତେଣୁ ଏହି ସମୟରେ ସେ ସର୍ବପ୍ରଥମେ ମୁଖମଣ୍ଡଳର ରଚନା କରିବାକୁ ଯାଇ ଲେଖିଥିଲେ-

'କଜ୍ଜଳ ପୂରିତ ଲୋଚନଧାରେ
ସ୍ତନଯୁଗଳ ଶୋଭିତ ମୁକ୍ତାହାରେ
ବୀଣା ପୁସ୍ତକ ରଞ୍ଜିତ ହସ୍ତେ
ଭଗବତୀ ଭାରତୀ ଦେବୀ ନମସ୍ତେ ।'

ଏହା ରଚନା କରି ମାଆ ସରସ୍ୱତୀଙ୍କ ନିକଟରେ ମହା ଅପରାଧ ଅର୍ଜନ କରିଥିଲେ । ମାଆ ସରସ୍ୱତୀଙ୍କ ଅସୀମ କୃପା ଲାଭ କରି ଅଗାଧ ପାଣ୍ଡିତ୍ୟ ଅର୍ଜନ କରିଥିଲେ । ସେ ସବୁଠାରେ ବିଜୟ ହାସଲ କରିଥିଲେ । ସେ କେଉଁଠାରେ ପରାସ୍ତ ହେଉନଥିଲେ । କିନ୍ତୁ ମାଆ ସରସ୍ୱତୀଙ୍କର ସର୍ବପ୍ରଥମେ ମୁଖମଣ୍ଡଳ ବର୍ଣ୍ଣନା ଜନିତ ଅପରାଧରେ ବିଦ୍ୟାନଗରୀରେ ପରାସ୍ତ ହୋଇଥିଲେ । ଠିକ୍ ସେହିପରି ଆଜନ୍ମ ଅନ୍ଧଥିବା ସନ୍ଥକବି ଭୀମ ଭୋଇ ମଧ୍ୟ ମାଆ ସରସ୍ୱତୀଙ୍କ ଭକ୍ତିର ସହିତ ଆରାଧନା କରି କୃପାଲାଭ କରିଥିଲେ । ତାଙ୍କର କୃପାଲାଭ କରି ଅନ୍ଧ ଥାଇ ମଧ୍ୟ କବିତ୍ୱ ପ୍ରାପ୍ତ ହୋଇଥିଲେ । ସେ ଅନେକ କାବ୍ୟ କବିତା, ଭଜନ, ଜଣାଣ ଇତ୍ୟାଦି ରଚନା କରି ଆମ ଓଡ଼ିଆ ସାରସ୍ୱତ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି । ମାଆ ସରସ୍ୱତୀଙ୍କର କୃପାଲାଭ କଲେ ଅଜ୍ଞାନୀ ମଣିଷ ମହାଜ୍ଞାନୀ ହୋଇଥାଏ । ମାଆ ସରସ୍ୱତୀ ହେଉଛନ୍ତି ଜ୍ଞାନଦାତ୍ରୀ ଓ ବିଦ୍ୟାଦାତ୍ରୀ। ମାଆ ସରସ୍ୱତୀଙ୍କୁ ଜ୍ଞାନର ଦେବୀ ଭାବରେ ବର୍ଣ୍ଣନା କରାଯାଇଛି । ଅଜ୍ଞାନ ରୂପକ ଅନ୍ଧକାର ଦୂର କରି ଜ୍ଞାନର ଆଲୋକରେ ଆଲୋକିତ କରନ୍ତି ମାଆ ବାଗଦେବୀ ସରସ୍ୱତୀ । ସେ କେବଳ ମାଘମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଜଗତରେ ଜ୍ଞାନ ପ୍ରଦାନ କରିବା ପାଇଁ ଏ ଧରାପୃଷ୍ଠରେ ଆବିର୍ଭାବ ହୋଇଥାନ୍ତି । ଏହିଦିନ ମାଆ ସରସ୍ୱତୀଙ୍କୁ ଆରାଧନା କରିବାର ହେଉଛି ପ୍ରକୃଷ୍ଟ ଦିନ । ଏହି ସମୟରେ ଋତୁରାଜ ବସନ୍ତ ଋତୁର ଏ ଧରାପୃଷ୍ଠରେ ଆଗମନ ହୋଇଥାଏ । ମାଆ ସରସ୍ୱତୀ ଶ୍ୱେତବସ୍ତ୍ର ପରିଧାନ କରିଥାନ୍ତି । କର୍ଣ୍ଣଦ୍ୱୟରେ ରତ୍ନକୁଣ୍ଡଳ, ଗଳାରେ ମୁକ୍ତାହାର, ଦୁଇ ହସ୍ତରେ ବୀଣା ଓ ଅନ୍ୟ ଦୁଇ ହସ୍ତରେ ପୁସ୍ତକ ଧାରଣ କରି ଶ୍ୱେତ ପଦ୍ମାସନରେ ଉପବେଶନ କରିଥାନ୍ତି। ସେ ବୀଣା ନାମକ ଏକ ବାଦ୍ୟଯନ୍ତ୍ର ଧାରଣ କରିଥିବାରୁ ତାଙ୍କର ଅନ୍ୟ ଏକ ନାମ ବୀଣା ବୋଲି କୁହାଯାଏ । ମାଆ ସରସ୍ୱତୀଙ୍କୁ ଜ୍ଞାନଧାତ୍ରୀ ବାଣୀ, ଶରଦା, ବୀଣାପାଣି ବୋଲି ଅଭିହିତ କରାଯାଇଛି। ସରସ୍ୱତୀ ଯୋଗମାୟା ଆଦ୍ୟାଶକ୍ତିଙ୍କ କଣ୍ଠରୁ ସୃଷ୍ଟି ହୋଇଥିବାର କୁହାଯାଏ ।

ବିଭିନ୍ନ ପୁରାଣରେ ମାଆ ସରସ୍ୱତୀଙ୍କ ବିଷୟରେ ଭିନ୍ନ ଭିନ୍ନ କଥା ଲେଖା ଥିବାର ଶୁଣିବାକୁ ମିଳେ । ମାର୍କଣ୍ଡ ପୁରାଣ ଅନୁସାରେ ଦକ୍ଷପ୍ରଜାପତି ଚିଶୁଦ୍ଧ କରି ଧ୍ୟାନରେ ବସିଥିବା ବେଳେ ତାଙ୍କର ଦକ୍ଷଣ ନାସିକାରୁ ପବନ ଯିବା ସମୟରେ ଏକ ସୁନ୍ଦରୀ କନ୍ୟାଟିଏ ଜାତ ହୋଇଥିଲେ । ସେ ସେତେବେଳେ ଶ୍ୱେତବସ୍ତ୍ର ପରିଧାନ କରିଥିଲେ । ଦକ୍ଷପ୍ରଜାପତି ତାଙ୍କର ନାମକରଣ କରିଥିଲେ ସରସ୍ୱତୀ । ସେ ବିଷ୍ଣୁଙ୍କୁ ବିବାହ କରିଥିଲେ ବୋଲି ଏହି ପୁରାଣରେ ଲିଖିତ ଅଛି । ଆହୁରି ମଧ୍ୟ ପୁରାଣରୁ ଜଣାଯାଏ ବ୍ରହ୍ମା ଏ ବିଶାଳ ସୃଷ୍ଟି ସର୍ଜନା କରି ମନୁଷ୍ୟ ଏବଂ ସମସ୍ତ ଜୀବଗଣ ସୃଷ୍ଟି କରିବା ପରେ ମଧ୍ୟ ଅସନ୍ତୁଷ୍ଟ ହୋଇପଡ଼ିଥିଲେ । ଏହି ଅଶାନ୍ତି ଓ ଅସନ୍ତୋଷକୁ ବିଦୂରିତ କରିବା ପାଇଁ କୌଣସି ଉପାୟ ନପାଇ ଭଗବାନ ବିଷ୍ଣୁଙ୍କୁ ସ୍ମରଣ କଲେ । ଏ ସୃଷ୍ଟିରେ ସୁଖଶାନ୍ତି ଓ ସଂହତି ଭରି ଦେବା ପାଇଁ ଭଗବାନ ବିଷ୍ଣୁଙ୍କୁ ନିବେଦନ କଲେ । ସଙ୍ଗେ ସଙ୍ଗେ ଭଗବାନ ବିଷ୍ଣୁ ମା' ଭଗବତୀଙ୍କୁ ଡକାଇ ଏ ବିଶାଳ ସୃଷ୍ଟିରେ ଦେଖାଦେଇଥିବା ସମସ୍ୟାର ସମାଧାନ କରିବାକୁ ଅନୁରୋଧ କଲେ। ଏହି ଦୁର୍ଗତି ସମୟରେ ମାଆ ସରସ୍ୱତୀ ମାଆ ଭଗବତୀଙ୍କଠାରୁ ସମ୍ଭୁତ ହେଲେ । ମାଆ ସରସ୍ୱତୀଙ୍କ ଅଧିଷ୍ଠାନ ଫଳରେ ଏ ବିଶାଳ ସୃଷ୍ଟିରେ ଦେଖାଦେଇଥିବା ହତାଶା, ନିରାଶା, ଅଶାନ୍ତି ଓ ଅସନ୍ତୋଷର ବିଲୋପ ଘଟିଲା ଏବଂ ସର୍ବତ୍ର ସରସତା ବ୍ୟାପି ଗଲା । ସେହିଦିନ ଥିଲା ମାଘ ମାସ ଶୁକ୍ଳପକ୍ଷ ପଞ୍ଚମୀ ବା ବସନ୍ତ ପଞ୍ଚମୀ । ସେହିଦିନଠାରୁ ମାଆ ସରସ୍ୱତୀଙ୍କର ପୂଜାର୍ଚ୍ଚନା କରାଯାଉଛି । ଆହୁରି ମଧ୍ୟ ବୀଣାବାଦନୀ ମାଆ ସରସ୍ୱତୀ ହେଉଛନ୍ତି ବେଦପତି ବ୍ରହ୍ମାଙ୍କ କନ୍ୟା ବୋଲି ପୁରାଣରେ କୁହାଯାଇଛି । ବ୍ରହ୍ମାଣ୍ଡ ପୁରାଣରେ ମାଆ ସରସ୍ୱତୀଙ୍କ ଜନ୍ମ ବୃତ୍ତାନ୍ତ ବିଷଦ ଭାବରେ ବର୍ଣ୍ଣନା କରାଯାଇଛି । ତେବେ ବେଦପତି ବ୍ରହ୍ମା ହେଉଛନ୍ତି ପିତା ଓ ଶ୍ୱେବସ୍ତ୍ର ପରିହିତା ମାଆ ସରସ୍ୱତୀ ହେଉଛନ୍ତି କନ୍ୟା । ଏ ଧରାପୃଷ୍ଠରେ ଆବିର୍ଭାବ ହୋଇ ସୁଲଳିତ କଣ୍ଠରେ ସଙ୍ଗୀତ ଗାନ କରି ସମସ୍ତଙ୍କୁ ମୁଗ୍ଧ କରିଥିଲେ । ଏହାଦ୍ୱାରା ଏ ଧରାପୃଷ୍ଠରେ ବସବାସ କରୁଥିବା ସମସ୍ତ ଜୀବଜନ୍ତୁ ସ୍ୱରଜ୍ଞାନ ଲାଭ କରିବାକୁ ସମର୍ଥ ହୋଇପାରିଲେ ।

ମାଆ ସରସ୍ୱତୀଙ୍କୁ ବେଦପତି ବ୍ରହ୍ମା ପ୍ରତ୍ୟେକଙ୍କ ଜିହ୍ୱାର ଅଗ୍ରଭାଗରେ ବାକ୍ ରୂପେ ଅବସ୍ଥାନ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେ ସମସ୍ତଙ୍କ ଜିହ୍ୱାର ଅଗ୍ରଭାଗରେ ଅବସ୍ଥାନ କରୁଥିବାରୁ ତାଙ୍କୁ ବାଗ୍‌ଦେବୀ ମଧ୍ୟ କୁହାଯାଏ । ଜ୍ଞାନୀଗୁଣ ପଣ୍ଡିତ, କବି, ଲେଖକ ପ୍ରଭୃତି ମାଆ ସରସ୍ୱତୀଙ୍କୁ ଖୁବ୍ ଶ୍ରଦ୍ଧା ଓ ବିଶ୍ୱାସର ସହିତ ପୂଜାର୍ଚ୍ଚନା କରି କୃପାଭିକ୍ଷା କରିଥାନ୍ତି । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ସ୍ୱଭାବ କବି ଗଙ୍ଗାଧର ମେହେର, ପଲ୍ଲୀକବି ନନ୍ଦକିଶୋର ବଳ, କବିସୂର୍ଯ୍ୟ ବଳଦେବ ରଥ ଇତ୍ୟାଦି ଅନେକ କବି ମାଆ ସରସ୍ୱତୀଙ୍କୁ ଶ୍ରଦ୍ଧାର ସହିତ ପୂଜାର୍ଚ୍ଚନା କରି କବିତା ଲେଖିବାକୁ ସମର୍ଥ ହୋଇପାରିଥିଲେ । ମାଆ ସରସ୍ୱତୀ ହେଉଛନ୍ତି ଜ୍ଞାନୀ ଦେବୀ । ତାଙ୍କର କୃପାଲାଭ କଲେ ଅଜ୍ଞାନ ରୂପକ ଅମା ଅନ୍ଧକାର ବିଦୂରିତ ହୋଇଥାଏ । ଏ ଧରାପୃଷ୍ଠରେ ଯେ କୌଣସି ଜ୍ଞାନକୁ ଆୟତ୍ତ କରିବାକୁ ହେଲେ ସର୍ବପ୍ରଥମେ ମାଆ ସରସ୍ୱତୀଙ୍କୁ ଭକ୍ତିର ସହିତ ଆରାଧାନ କରିବାକୁ ପଡ଼ିବ । ତାଙ୍କ କୃପାବଳରେ ଆମ୍ଭେମାନେ ସମସ୍ତ ଜ୍ଞାନର ଅଧିକାରୀ ହୋଇପାରିବା । ମାଆ ସରସ୍ୱତୀଙ୍କୁ ଉପାସନା କରିବା ଅର୍ଥ ହେଉଛି ଶବ୍ଦ ସାଧନା କରିବା । ଏହି ଶବ୍ଦ ସାଧନା ବିନା ଫଳ ଲାଭ ହୋଇନଥାଏ ବୋଲି କୁହାଯାଏ । ଆମ ପୁରାଣ ଶାସ୍ତ୍ରମାନଙ୍କରେ ଏହି ଦେବୀଙ୍କ ନାମ ମହାସରସ୍ୱତୀ ବୋଲି କୁହାଯାଇଛି । ଆମ ଦେଶର ମୁନୀଋଷି, ସିଦ୍ଧସାଧକ ଓ ତପସ୍ୱୀମାନଙ୍କର ନାମରେ ସରସ୍ୱତୀ ଶବ୍ଦ ମଧ୍ୟ ଯୋଡ଼ିଦିଆଯାଇଛି। ସରସ୍ୱତୀ ନାମ ହେଉଛି ଏକ ସମ୍ମାନର ନାମ । କେତେକ କବିଙ୍କୁ ମଧ୍ୟ ଏହି ସରସ୍ୱତୀ ଉପାଧିରେ ସମ୍ମାନିତ କରାଯାଇଛି । ମା' ସରସ୍ୱତୀଙ୍କର ଅପାର ମହିମା ରହିଛି । ନୀଳାଚଳ ଧାମ ପୁରୀ ଶ୍ରୀମନ୍ଦିର ରତ୍ନସିଂହାସନରେ ବିରାଜମାନ କରିଥିବା ଶ୍ରୀଜଗନ୍ନାଥଙ୍କୁ ମହାକାଳୀ, ଶ୍ରୀ ସୁଭଦ୍ରାଙ୍କୁ ମହାଲକ୍ଷ୍ମୀ ଓ ଶ୍ରୀବଳଭଦ୍ରଙ୍କୁ ମହାସରସ୍ୱତୀ ଭାବେ ବର୍ଣ୍ଣନା କରାଯାଇଛି । ମାଆ ସରସ୍ୱତୀଙ୍କ ମହିମା ଅବର୍ଣ୍ଣନୀୟ । ସେ ବିଶ୍ୱରୂପା ଓ ସର୍ବରୂପା ଭାବେ ପୂଜିତା । ସମସ୍ତ ଦେବଦେବୀଙ୍କର ବାହନ ରହିଛି । ଠିକ୍ ସେହିପରି ମାଆ ସରସ୍ୱତୀଙ୍କର ମଧ୍ୟ ବାହନ ରହିଛି । ଶ୍ୱେତବର୍ଣ୍ଣର ହଂସ ହେଉଛି ତଦାଙ୍କର ବାହନ । ଆହୁରି ମଧ୍ୟ ମାଆ ସରସ୍ୱତୀଙ୍କର ବାହନ ହଂସ ବୋଲି ପୁରାଣ ଶାସ୍ତ୍ରରେ ଉଲ୍ଲେଖ ରହିଛି ।

ବହୁ ପ୍ରାଚୀନ କାଳରୁ ଆମ ଦେଶରେ ମାଆ ସରସ୍ୱତୀଙ୍କର ପୂଜାର୍ଚ୍ଚନା ହୋଇଆସୁଅଛି । ମାଆ ସରସ୍ୱତୀଙ୍କର ଅନ୍ୟ ଏକ ରୂପ ହେଉଛି ପବିତ୍ର ସରସ୍ୱତୀ ନଦୀ । ପୂର୍ବରୁ ପବିତ୍ର ଗଙ୍ଗାନଦୀ ସ୍ଥାନଯେପରି ଥିଲା ଏହି ସରସ୍ୱତୀ ନଦୀର ସ୍ଥାନ ଠିକ୍ ସେହିପରି ଥିଲା । ବୈଦିକ ଯୁଗରେ ମୁନିଋଷିମାନେ ଏହି ନଦୀକୁ ଶ୍ରେଷ୍ଠ ନଦୀ ଭାବରେ ବର୍ଣ୍ଣନା କରୁଥିଲେ । ମାଆ ସରସ୍ୱତୀ ଯେପରି ଶ୍ରେଷ୍ଠା ଠିକ୍ ସେହିପରି ସରସ୍ୱତୀ ନଦୀ ମଧ୍ୟ ଶ୍ରେଷ୍ଠା । ଏହି ସରସ୍ୱତୀ ନଦୀ ଆମର ପ୍ରାତଃ ସ୍ମରଣୀୟ । ତୀର୍ଥବାହାନ ମନ୍ତ୍ରରେ ଲେଖାଅଛି 'ଗଙ୍ଗେ ଚ ଯମୁନା ଚୈବ ଗୋଦାବରୀ ସରସ୍ୱତୀ, ନର୍ମଦେ ସିନ୍ଧୁ କାବେରୀ ଜଳେସ୍ମିନ ସନିଧିଂକୁରୁ ।' ବହୁ ପୂର୍ବରୁ ଏହି ନଦୀକୁ ଦେବୀ ସରସ୍ୱତୀ ଭାବରେ ପୂଜାର୍ଚ୍ଚନା କରାଯାଇଥିଲା । ମୁନୀଋଷିମାନେ ଏହି ନଦୀକୂଳରେ ହୋମ ଯଜ୍ଞାଦି କାର୍ଯ୍ୟ କରି ଜଗତର ମଙ୍ଗଳ ସାଧନ କରୁଥିଲେ । ମାଆ ସରସ୍ୱତୀଙ୍କ ସହିତ ସରସ୍ୱତୀ ନଦୀର ସମ୍ବନ୍ଧ ଥିବାର ପୁରାଣ ଶାସ୍ତ୍ରମାନଙ୍କରୁ ଜଣାଯାଏ । କେବଳ ଯେ ହିନ୍ଦୁ ଧର୍ମାବଲମ୍ବୀମାନେ ମାଆ ସରସ୍ୱତୀଙ୍କର ପୂଜାର୍ଚ୍ଚନା କରନ୍ତି ତାହା ତାହା ନୁହେଁ, ବୈଦ୍ଧ ଓ ଜୈନ ଧର୍ମାବଲମ୍ବୀମାନେ ମଧ୍ୟ ମାଆ ସରସ୍ୱତୀଙ୍କୁ ଆରାଧନା କରିଥାନ୍ତି । ମାଆ ସରସ୍ୱତୀ ଜ୍ଞାନ ଓ ବୁଦ୍ଧି ଦାନ କରନ୍ତି ବୋଲି ବୌଦ୍ଧ ଧର୍ମାଶାସ୍ତ୍ରରେ ଉଲ୍ଲେଖ ରହିଛି । ଆମ ଦେଶର ଅନେକ ସ୍ଥାନରେ ମାଆ ସରସ୍ୱତୀଙ୍କୁ ଦୁର୍ଗାଦେବୀଙ୍କ କନ୍ୟା ଭାବରେ ମଧ୍ୟ ଗ୍ରହଣ କରାଯାଇ ପୂଜାର୍ଚ୍ଚନା କରାଯାଉଛି । ମାଆ ସରସ୍ୱତୀ ବିଦ୍ୟାଦାତ୍ରୀ ଓ ବୁଦ୍ଧିଦାତ୍ରୀ ହୋଇଥିବାରୁ ଓଡ଼ିଶାର ପ୍ରତ୍ୟେକ ଶିକ୍ଷାନୁଷ୍ଠାନଗୁଡ଼ିକରେ ମାଘମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ପୂଜା କରାଯାଏ । ଛାତ୍ରଛାତ୍ରୀମାନେ ସେହିଦିନ ନିର୍ଜଳା ଉପବାସ କରି ଏହି ପୂଜାର ଆୟୋଜନ କରିଥାନ୍ତି । ବିଦ୍ୟାଳୟଗୁଡ଼ିକ ବିଭିନ୍ନ ରଙ୍ଗ ବେରଙ୍ଗ ପୁଷ୍ପ ଓ ରଙ୍ଗିନ କାଗଜରେ ଛାତ୍ରଛାତ୍ରୀମାନେ ସୁସଜ୍ଜିତ କରି ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥାନ୍ତି । ପୂଜା ଶେଷରେ ଛାତ୍ରଛାତ୍ରୀମାନେ ନିର୍ମିତ ମାଆ ସରସ୍ୱତୀଙ୍କୁ ପୁଷ୍ପାଞ୍ଜଳି ପ୍ରଦାନ କରିଥାନ୍ତି । ପୁଷ୍ପାଞ୍ଜଳି ମନ୍ତ୍ରୀ ଯା କୁନ୍ଦେନ୍ଦୁ ତୁଷାର ହାର ଧବଳା, ଯା ଶ୍ୱେତ ପଦ୍ମାସନା, ଯା ବୀଣା ବରଦଣ୍ଡ ମଣ୍ଡିତ କରା, ଯା ଶୁକ୍ଳବସ୍ତ୍ରାନ୍ୱିତା, ଯା ବ୍ରହ୍ମାଚ୍ୟୁତ ଶଙ୍କର ପ୍ରଭୃତିଭିଃ ଦେବୈ ସଦାବନ୍ଦିତା, ଶ୍ୟାମାଂପାତୁ ସରସ୍ୱତୀ ଭଗବତୀ ନିଃଶେଷ ଜାଡ୍ୟାପହା ।' ମାଆ ସରସ୍ୱତୀ ବିଦ୍ୟାଦାତ୍ରୀ ଓ ପୁସ୍ତକଧାରଣୀ ହୋଇଥିବାରୁ ଛାତ୍ରଛାତ୍ରୀମାନେ ପୂଜା ନିକଟରେ ପୁସ୍ତକ ରଖି ପୂଜା କରିଥାନ୍ତି । ବିଦ୍ୟାର୍ଥୀମାନେ ଶ୍ରୀପଞ୍ଚମୀଦିନ ଭକ୍ତିର ସହିତ ମାଆ ସରସ୍ୱତୀଙ୍କୁ ଆରାଧନା କଲେ ବିଦ୍ୟାଲାଭ ସହିତ ଅଶେଷ ଫଳ ଲାଭ ହୋଇଥାଏ । ଛାତ୍ରଛାତ୍ରୀମାନଙ୍କର ଏହି ମାଆ ସରସ୍ୱତୀ ଓ ଶ୍ରୀଗଣେଶ ପୂଜା ଶିକ୍ଷାନୁଷ୍ଠାନଗୁଡ଼ିକରେ ବିପୁଳ ଉତ୍ସାହ, ଉଦ୍ଦୀପନା ଓ ଭାବଭକ୍ତିର ସହିତ ପାଳିତ ହୋଇଆସୁଛି । ଏହି ଦୁଇଟି ପର୍ବ ଶିକ୍ଷାନୁଷ୍ଠାନଗୁଡ଼ିକର ମୁଖ୍ୟ ପର୍ବ । ବିଦ୍ୟାଦାତ୍ରୀ ମାଆ ସରସ୍ୱତୀ ଛାତ୍ରଛାତ୍ରୀମାନଙ୍କ ହୃଦୟରେ ସକଳ ବିଦ୍ୟା ଭରିଦେଇ ସେମାନଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳମୟ କରନ୍ତୁ ଆଜିର ଦିନରେ ଏହାହିଁ ପ୍ରାର୍ଥନା ।


**କୁରୁଣ୍ଡି, ରାଜନଗର, କେନ୍ଦ୍ରାପଡ଼ା**
**ମୋ. ୮୯୧୭୨୧୩୦୭୩**


# ବିଦ୍ୟା ଓ ବାଣୀର ଦେବୀ : ବାଗ୍‌ଦେବୀ

**■ ପୁଷ୍ପମିତ୍ର ମହାପାତ୍ର ■**

ବସନ୍ତ ପଞ୍ଚମୀ ମା' ସରସ୍ୱତୀଙ୍କ ପ୍ରକଟ ହେବା ଦିବସ । ଦେବୀ ସରସ୍ୱତୀ ମନୁଷ୍ୟଙ୍କୁ ଜ୍ଞାନର ପ୍ରକାଶ ଦିଗରେ ନେଇ ଯାଆନ୍ତି । ସେ ବାଣୀର ଦେବୀ ହୋଇଥିବାରୁ ତାଙ୍କୁ ବାଗ୍‌ଦେବୀ କୁହାଯାଏ । ବାଣୀ ବା ଜିହ୍ୱାରୁ ବାହାରୁଥିବା ବାଣ, ଥରେ ବାହାରିଗଲେ ପୁଣି ଫେରି ଆସିନଥାଏ । ଏଣୁ ବାଣୀର ସଂଯମ ଏବଂ ସଦୁପଯୋଗ ହେବା ଆବଶ୍ୟକ । ଏହା ହିଁ ବାଗ୍‌ଦେବୀଙ୍କୁ ପ୍ରସନ୍ନ କରିବାର ମୂଳ ମନ୍ତ୍ର । ଯେତେବେଳେ ମନୁଷ୍ୟ ମୌନ ରହିଥାଏ, ସେ ସମୟରେ ବାଗ୍‌ଦେବୀ ଅନ୍ତରାତ୍ମାର ସ୍ୱର ହୋଇ ସତ୍‌ପ୍ରେରଣା ପ୍ରଦାନ କରିଥାନ୍ତି । ବାଗ୍‌ଦେବୀ ସରସ୍ୱତୀ ବାଣୀ, ବିଦ୍ୟା, ଜ୍ଞାନବିଜ୍ଞାନ ଏବଂ କଳାକୌଶଳର ଆଦିର ଅଧିଷ୍ଠାତ୍ରୀ ଦେବୀ । ସେ ମାନବ ଭିତରେ ଲୁଚି ରହିଥିବା ଚେତନା ଶକ୍ତିକୁ ଜାଗ୍ରତ କରି ଅଜ୍ଞାନର ଅନ୍ଧକାର ଦୂର କରିଥାନ୍ତି । ମନୁଷ୍ୟକୁ ଆଲୋକ ଆଡ଼କୁ ନେଇଯାଇଥାନ୍ତି ।

ବିଶ୍ୱର ସର୍ବାଧିକ ପ୍ରାଚୀନ ଗ୍ରନ୍ଥ ଋକ୍ ବେଦରେ ମାତା ସରସ୍ୱତୀଙ୍କ ଦୁଇଟି ରୂପ ବିଷୟରେ ବର୍ଣ୍ଣନା କରାଯାଇଛି । ପ୍ରଥମେ ବାଗ୍‌ଦେବୀ ଏବଂ ଦ୍ୱିତୀୟରେ ସରସ୍ୱତୀ । ତାଙ୍କୁ ବୁଦ୍ଧିସମ୍ପନ୍ନ, ପ୍ରେରଣାଦାୟିନୀ ଏବଂ ପ୍ରତିଭା ବିକାଶ ନିମନ୍ତେ ଶକ୍ତି ପ୍ରଦାନ କରୁଥିବା ଦେବୀଙ୍କ ରୂପରେ ବର୍ଣ୍ଣନା କରାଯାଇଛି । ଋକ୍ ବେଦର ସଂହିତା ସୁକ୍ତ ସଂଖ୍ୟା ୮/୧୦୦ରେ ବାଗ୍‌ଦେବୀଙ୍କ ମହିମା ବର୍ଣ୍ଣନା କରାଯାଇଛି । ବୃହଦାରଣ୍ୟକ ଉପନିଷଦରେ ରାଜା ଜନକ ମହର୍ଷି ଯାଜ୍ଞବଳକ୍ୟଙ୍କୁ ପଚାରୁଛନ୍ତି, ଯେତେବେଳେ ସୂର୍ଯ୍ୟ ଅସ୍ତ ହୋଇଯାଇଥାଏ, ଚନ୍ଦ୍ରମାର ଆଲୋକ ନଥାଏ ଏବଂ ଅଗ୍ନି ଲିଭିଯାଇଥାଏ, ସେତେବେଳେ କେଉଁ ବସ୍ତୁ ମନୁଷ୍ୟକୁ ଆଲୋକ ପ୍ରଦାନ କରିଥାଏ? ଏହାର ଉତ୍ତରରେ ଋଷି କହୁଛନ୍ତି- ଏହି ସମୟରେ ବାକ୍ ଶକ୍ତି ହିଁ ମନୁଷ୍ୟକୁ ଆଲୋକ ପ୍ରଦାନ କରିଥାଏ । ମନୁଷ୍ୟ ପାଇଁ ପରମ ଉପଯୋଗୀ ମାର୍ଗ ଦେଖାଉଥିବା ଦେବୀ ହେଉଛନ୍ତି ବାକ୍‌ର ଅଧିଷ୍ଠାତ୍ରୀ ଦେବୀ ମାତା ସରସ୍ୱତୀ। ଛାନ୍ଦୋଗ୍ୟ ଉପନିଷଦରେ ଥିବା ବର୍ଣ୍ଣନା ଅନୁଯାୟୀ, ଯଦି ବାଣୀର ଅସ୍ତିତ୍ୱ ନଥାନ୍ତା, ତାହାଲେ ଭଲ ଏବଂ ମନ୍ଦ, ସତ୍ୟ ଓ ମିଥ୍ୟା, ସହୃଦୟତା ଏବଂ ନିଷ୍ଠୁରତା ମଧ୍ୟରେ ପ୍ରଭେଦ ଜାଣି ହୁଅନ୍ତା ନାହିଁ । ଏଣୁ ବାଣୀର ଉପାସନା କରିବା ଉଚିତ । ଜ୍ଞାନର ଏକ ମାତ୍ର ଅଧିଷ୍ଠାନ ହେଉଛି ବାକ୍ । ପ୍ରାଚୀନ କାଳରେ ବେଦ ଆଦି ସମସ୍ତ ଶାସ୍ତ୍ର କଣ୍ଠସ୍ଥ କରାଯାଉଥିଲା । ଆଚାର୍ଯ୍ୟଙ୍କ ବାଣୀ ଦ୍ୱାରା ଶିଷ୍ୟମାନେ ଶାସ୍ତ୍ରର ଜ୍ଞାନ ଲାଭ କରୁଥିଲେ। ଗୁରୁମନ୍ତ୍ର ମଧ୍ୟ ବାଣୀ ଦ୍ୱାରା ପ୍ରାପ୍ତି ହେଉଥିଲା ।

ବାଗ୍‌ଦେବୀ ମାତା ସରସ୍ୱତୀଙ୍କ ଉପାସନାର ପ୍ରାସଙ୍ଗିକତା ଆଧୁନିକ ଯୁଗରେ ମଧ୍ୟ ରହିଛି । ଦେବୀ ଭାଗବତ ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ ବାଣୀର ଅଧିଷ୍ଠାତ୍ରୀ ଦେବୀ ମାତା ସରସ୍ୱତୀଙ୍କ ଆବିର୍ଭାବ ଶ୍ରୀକୃଷ୍ଣଙ୍କ ଜିହ୍ୱାରୁ ହୋଇଥିଲା । ପରମେଶ୍ୱରଙ୍କ ଜିହ୍ୱାରୁ ପ୍ରକଟ ହୋଇଥିବାରୁ ସେ ବାଗ୍‌ଦେବୀ ସରସ୍ୱତୀ ବୋଲାଇଲେ। ବୈଦିକ ଯୁଗର ବାଗ୍‌ଦେବୀ କାଳାନ୍ତରରେ ସରସ୍ୱତୀ ନାମରେ ପ୍ରସିଦ୍ଧ ହେଲେ। ଶାସ୍ତ୍ରରେ ମାଘ ଶୁକ୍ଳପକ୍ଷ ପଞ୍ଚମୀରେ ବାଗ୍‌ଦେବୀଙ୍କ ପ୍ରକଟ ହେବାର ଦିବସ ଭାବେ ବର୍ଣ୍ଣନା କରାଯାଇଛି। ଏହି କାରଣରୁ ବସନ୍ତ ପଞ୍ଚମୀ ଦିନ ବାଗୀଶ୍ୱରୀ ଜୟନ୍ତୀ ମଧ୍ୟ ପାଳିତ ହୋଇଥାଏ, ଏହା ସରସ୍ୱତୀ ପୂଜା ନାମରେ ମଧ୍ୟ ପ୍ରସିଦ୍ଧ। ବାଗ୍‌ଦେବୀଙ୍କ ଆରାଧନା ପଛରେ ଲୁଚି ରହିଥିବା ଆଧ୍ୟାତ୍ମିକ ବାର୍ତ୍ତା ହେଉଛି- ଆପଣ ଯାହାକିଛି କହୁଛନ୍ତି, ଭାବିଚିନ୍ତି କୁହନ୍ତୁ। କାରଣ ମଧୁର ବାଣୀ ମିତ୍ର ସୃଷ୍ଟି କରିଥାଏ ଏବଂ କଟୁ ବାଣୀ ଶତ୍ରୁ ସୃଷ୍ଟି କରେ ।


ସେକ୍ଟର-୬, ସିଡିଏ, କଟକ,
ମୋ. ୯୪୩୭୨୨୫୬୮୯


# ନେତାଜୀ ଏକ ତାତ୍ତ୍ୱିକ ଅନୁଶୀଳନ

**■ ଡକ୍ଟର କିଶୋର ଚନ୍ଦ୍ର ସ୍ୱାଇଁ ■**

ଭାରତୀୟ ମୁକ୍ତି ସଂଗ୍ରାମର ଅବିରତ ଓ ସାଲିସ ବିହୀନ ସଂଗ୍ରାମର ମହାନ୍ ଯୋଦ୍ଧା, ଭାରତୀୟ ରାଜନୀତିର 'ଝଡ଼ର ଇଗଲ', ମୃତ୍ୟୁ ବିଜୟୀ ନେତାଜୀଙ୍କର ୧୨୯ତମ ଜନ୍ମ ଜୟନ୍ତୀ ଅବସରରେ ସାରା ଦେଶ ଆଜି ତାଙ୍କୁ ମନେ ପକାଉଛି । ମାତୃଭୂମିର ମୁକ୍ତି ପ୍ରତି ତାଙ୍କର ଆବେଗମୟ ଅଙ୍ଗିକାର ବଦ୍ଧତା ଓ ବିଶେଷ କରି ତାଙ୍କର ତ୍ୟାଗ, ସ୍ୱଷ୍ଟବାଦିତା ଓ ଦେଶପ୍ରେମର ନିଶା ଭାରତୀୟ ଜନଜୀବନରେ ଅଭିନବ ସ୍ପନ୍ଦନ ସୃଷ୍ଟି କରିଥିଲା । ଜଣେ ଜାତୀୟତାବାଦୀ ନେତା, ବୀର ପୁରୁଷ, ବିପ୍ଳବୀ, ଦେଶପ୍ରେମୀ, ନିର୍ଭିକ, ନିସ୍ୱାର୍ଥପର କର୍ମଯୋଗୀ ଭାବେ ସେ ନିଜର ଏକ ନିଆରା ପରିଚୟ ସୃଷ୍ଟି କରିଥିଲେ। ଭାରତୀୟ ସଂସ୍କୃତି ଓ ଜାତୀୟତାବାଦର ସେ ଅନ୍ୟତମ ପ୍ରବକ୍ତା । ବୋଷଙ୍କ ଜାତୀୟତାବାଦର ଉତ୍ସ ଥିଲା ଧର୍ମ ଓ ସଂସ୍କୃତି । ରାମକୃଷ୍ଣ, ବିବେକାନନ୍ଦ, ଅରବିନ୍ଦ, ତିଳକ, ବଙ୍କିମ ଚନ୍ଦ୍ର ଓ ତାଙ୍କର ରାଜନୈତିକ ଗୁରୁ ଚିତ୍ତରଞ୍ଜନ ଦାସଙ୍କ ଦ୍ୱାରା ପ୍ରଭାବିତ ହୋଇ ସେ ଭାରତର ମହାନ ସାଂସ୍କୃତିକ ଐତିହ୍ୟ ଓ ଆଧ୍ୟାତ୍ମିକତା ପାଇଁ ଗର୍ବ ଅନୁଭବ କରୁଥିଲେ । ଇଟାଲି ଏକତ୍ରିକରଣର ଦୁର୍ଗ ନେତା ମ୍ୟାଜିନ୍ ଓ ଗାରିବାଲଡିଙ୍କ ଭୂମିକା ଓ ଆମେରିକା ସ୍ୱାଧୀନତା ସଂଗ୍ରାମର ସର୍ବମୟ ନେତା ଜର୍ଜ ୱାଶିଂଟନ୍‌ଙ୍କ ବୀରତ୍ୱପୂର୍ଣ୍ଣ ନେତୃତ୍ୱ କିଛି ପରିମାଣରେ ତାଙ୍କର ଜାତୀୟତାବାଦକୁ ପ୍ରଭାବିତ କରିଥିଲା । ମାତୃଭୂମି ପ୍ରତି ନିଜର ଆନୁଗତ୍ୟ ଓ ଅନୁରକ୍ତି ପ୍ରକାଶ କରି ସେ କହିଥିଲେ, ମୋର ସାରା ଜୀବନ ମୁଁ ଭାରତର ସେବକ ହୋଇ ଆସିଛି । ମୋ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ମୁଁ ଏହିପରି ରହିବି ।' ତାଙ୍କ ମତରେ ଭାରତର ଏକ 'ସ୍ୱଷ୍ଟ ଲକ୍ଷ୍ୟ' ରହିଛି । ପୃଥିବୀର ସଂସ୍କୃତି ଓ ସଭ୍ୟତାକୁ ଅର୍ଥପୂର୍ଣ୍ଣ ଅବଦାନ ଓ ବିଶ୍ୱକୁ ଆଧ୍ୟାତ୍ମିକ ଆଲୋକ ଦେଖାଇବା ପାଇଁ ଏହାର ଏକ ପୂର୍ବ ନିର୍ଦ୍ଧାରିତ ଲକ୍ଷ୍ୟ ରହିଛି ।

ନେତାଜୀ ସାମ୍ୟବାଦୀ ଚିନ୍ତାଧାରାରେ ବିଶ୍ୱାସୀ ଥିଲେ । ସେ ଚାଷୀ ଓ ଚାଷକୁ ପ୍ରାଧାନ୍ୟ ଦେବାର ସପକ୍ଷରେ ଥିଲେ । ଶିଳ୍ପ ପ୍ରତିଷ୍ଠାରେ ଶିଳ୍ପୋଦ୍ୟୋଗୀ ଓ ଶ୍ରମିକମାନଙ୍କ ସମ ଭାଗିଦାର ହୁଅନ୍ତୁ ବୋଲି ସେ ବିଶ୍ୱାସ ରଖିଥିଲେ । ଯଦିଓ ସେ ଫାସୀବାଦ ଓ ସାମ୍ୟବାଦର ମିଳନର କଳ୍ପନା କରିଥିଲେ କିନ୍ତୁ କୌଣସି ଦର୍ଶନ ଓ ଚିନ୍ତାଧାରାକୁ ସେ ଅନ୍ଧାନୁକରଣ କରିନଥିଲେ । ଭାରତକୁ ସ୍ୱାଧୀନ କରିବା ପାଇଁ ନେତାଜୀ ଜର୍ମାନୀ, ଜାପନା ଓ ଇଟାଲିର ସାହାଯ୍ୟ ଲୋଡ଼ିଥିଲେ କିନ୍ତୁ ଭାରତର ସମ୍ମାନ ଓ ମର୍ଯ୍ୟାଦା ସହିତ ସାଲିସ କରିବାକୁ ସେ ପ୍ରସ୍ତୁତ ନଥିଲେ । ସେ ସାମାଜିକ ଓ ଅର୍ଥନୈତିକ ନ୍ୟାୟର ଦୃଢ଼ ସମର୍ଥକ ଥିଲେ । ସାଂପ୍ରଦାୟିକ ଭେଦଭାବ ଦୂର କରିବା ପାଇଁ ସେ ନିଜେ ପ୍ରଚେଷ୍ଟା ଜାରି ରଖି ସେଥିରେ ସଫଳ ହୋଇଥିଲେ । କଲିକତା କର୍ପୋରେସନ୍‌ରେ ହେଉ କିମ୍ବା ଆଜାଦ୍ ହିନ୍ଦ୍ ଫୌଜରେ ହେଉ, ସେ ମୁସଲମାନ ସଂପ୍ରଦାୟର ଯୋଗ୍ୟ ବ୍ୟକ୍ତିମାନଙ୍କୁ ବିଭିନ୍ନ ପଦ ପଦବୀରେ ଅବସ୍ଥାପିତ କରି ସେମାନଙ୍କର ବିଶ୍ୱାସଭାଜନ ହୋଇପାରିଥିଲେ । ଧର୍ମ ନିରପେକ୍ଷ ମନ୍ତ୍ରରେ ହିନ୍ଦୁ, ମୁସଲମାନ, ଶିଖ୍, ଇଶାଇ ସମସ୍ତଙ୍କୁ ଏକତ୍ରିତ କରାଇ ଦେଶପ୍ରୀତିରେ ଉଦ୍‌ବୁଦ୍ଧ କରି ପାରିଥିଲେ । ତାଙ୍କ ମତରେ ନୈତିକତା ଓ ରାଜନୀତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ରାଜନୀତିରୁ ନୈତିକତାକୁ ବାଦ ଦିଆଯାଇପାରିବ ନାହିଁ । ନୀତିହୀନ ରାଜନୀତି ରାଜନୀତି ନୁହେଁ ।

ଦେଶ ମାତୃକାର ଶୃଙ୍ଖଳ ଛିନ୍ନ କରିବା ପାଇଁ ଦେଶବାସୀଙ୍କୁ ଚରମ ତ୍ୟାଗ ସ୍ୱୀକାର କରିବା ପାଇଁ ଡକରା ଦେଇଥିଲେ । ବ୍ରିଟିଶ ଦ୍ରବ୍ୟ ବର୍ଜନ ଓ କଠୋର ଶୃଙ୍ଖଳା ମଧ୍ୟରେ ଯୁବ ସମାଜକୁ ଏକ ସ୍ୱୟଂ ସେବକ ସଂଘ ଗଠନ କରିବା ଓ ସମସ୍ତ ପ୍ରକାର ସାମାଜିକ କୁସଂସ୍କାର, ଅପସଂସ୍କୃତି, ଅନ୍ଧବିଶ୍ୱାସ ଓ ଧର୍ମାନ୍ଧତା ବିରୋଧରେ ସ୍ୱର ଉତୋଳନ କରିଥିଲେ । ସେ ଲୋକମାନଙ୍କୁ ସମସ୍ତ ପ୍ରକାର ଭେଦଭାବ ଭୁଲି ଏକ ଶୋଷଣ ମୁକ୍ତ ସମାଜର ପରିକଳ୍ପନା କରିଥିଲେ । ଏହି ନୂତନ ଚିନ୍ତା, ଚେତନା ଓ କାର୍ଯ୍ୟକ୍ରମର ପ୍ରସାର ପାଇଁ ସାହିତ୍ୟ ସୃଷ୍ଟି କରିବା ଅନିବାର୍ଯ୍ୟ ବୋଲି କହୁଥିଲେ । ଯୁବ ପିଢ଼ି ଉପରେ ତାଙ୍କର ଅତୁଟ ବିଶ୍ୱାସ ଓ ଭରସା ଥିଲା । ହେ ଯୁବ ବନ୍ଧୁଗଣ! ଅଜ୍ଞାତ, ଅପରିଚିତ, ଅପ୍ରକଟ ତଥା ବିଶ୍ୱର ଆବିଷ୍କାର ପାଇଁ ପାଗଳ ହୁଅ । ନିଜ ଘର ଅନ୍ଧକାର କୋଣରେ ବସିବାର ଆଉ ସମୟ ନାହିଁ । ଦୂର ଦିଗ୍‌ବଳୟ ତୁମକୁ ହାତ ଠାରି ଡାକୁଛି । ଅସୀମର ଆହ୍ୱାନ ପ୍ରତି କର୍ଣ୍ଣପାତ କର ।' ତାଙ୍କ ଭାଷାରେ କ୍ରନ୍ଦନ ହେଉଛି ଶିଶୁର ବଳ, ଆତ୍ମଶକ୍ତି ହିଁ ଯୁବକର ବଳ । ଚାରିତ୍ରିକ ଉତ୍କର୍ଷ, ସୃଜନ ଶକ୍ତି ଓ ଧୃଶକ୍ତିର ବିକାଶ କରି ଜୀବନକୁ ଉପଲବ୍ଧି କରିବା ଥିଲା ଯୁବ ପିଢ଼ି ପାଇଁ ତାଙ୍କର ଏକ ବଡ଼ ଆହ୍ୱାନ । ବାସ୍ତବରେ ସେ ଥିଲେ ଯୁବ ସମାଜ ପାଇଁ ପ୍ରେରଣାର ଉତ୍ସ ।

ନେତାଜୀଙ୍କ ବୈପ୍ଳବିକ ରଣନୀତିର ଦୁଇଟି ପାର୍ଶ୍ୱ ଥିଲା । ଗୋଟିଏ ପଟେ ଗରିବ, ଦୁର୍ବଳ, ଅସହାୟ, ମେହନତୀ ମଣିଷ ଓ କୃଷକମାନଙ୍କୁ ନେଇ ଏକ ଦୁର୍ବର ଗଣ ଆନ୍ଦୋଳନ ଚାହୁଁଥିଲା ବେଳେ ଅପରପକ୍ଷରେ ଶତ୍ରୁର ଶତ୍ରୁ ଦ୍ୱାରା ଶତ୍ରୁକୁ ପରାସ୍ତ କରିବାର ରଣନୀତି ଆପଣେଇ ଥିଲେ 'ଯେସାକୁ ତେସା' ନ୍ୟାୟରେ ଆମକୁ ଆମର ଶତ୍ରୁର ମୁକାବିଲା କରିବାକୁ ହେବ । ନେତାଜୀଙ୍କ ମତରେ ସ୍ୱାଧୀନତା କେହି ଦିଏ ନାହିଁ ଏହା ଛଡ଼ାଇ ନେବାକୁ ହୁଏ । ଭାରତୀୟମାନଙ୍କ ତ୍ୟାଗ ଓ ସଂଗ୍ରାମ ବଳରେ ନିଜର ସ୍ୱାଧୀନତା ହାସଲ କରିବାକୁ ହେବ । ସ୍ୱାଧୀନତାର ଭିକ୍ଷା ଝୁଲି ଧରି ଉପନିବେଶ ସରକାର ନିକଟରେ ହାରି ଗୁହାରି, କାକୁତି ମିନତୀ ଓ ସ୍ତୁତି କରିବାକୁ ଲଜ୍ଜାଜନକ ବୋଲି ସେ ଭାବୁଥିଲେ । ନେତାଜୀ ଉଇନ୍‌ଷ୍ଟନ ଚର୍ଚ୍ଚିଲଙ୍କ ଆହୁତ ପ୍ରଥମ ଓ ଦ୍ୱିତୀୟ ଗୋଲ ଟେବୁଲ ବୈଠକକୁ ନ ଯିବା ପାଇଁ ଗାନ୍ଧିଜୀଙ୍କୁ ବାରଣ କରିଥିଲେ କିନ୍ତୁ ଉଦାରବାଦୀ ଗାନ୍ଧିଜୀଙ୍କୁ ଉଭୟ ଥର ଲଣ୍ଡନରୁ ରିକ୍ତ ହସ୍ତରେ ଫେରିବାକୁ ପଡ଼ିଥିଲା । ଗାନ୍ଧିଜୀଙ୍କ ଅହିଂସା ମାର୍ଗରେ ଅସହଯୋଗ ଆନ୍ଦୋଳନ, ଆଇନ୍ ଅମାନ୍ୟ ଆନ୍ଦୋଳନ ସଫଳତବତୀ ହୋଇ ନଥିଲା ଓ ପରବର୍ତ୍ତୀ ପର୍ଯ୍ୟାୟରେ ଯେତେବେଳେ ଗାନ୍ଧିଜୀଙ୍କର ଲୋକପ୍ରିୟତା ହ୍ରାସ ହେଲା ସେତେବେଳେ ସେ ଅନୁଭବ କଲେ ନେତାଜୀଙ୍କ ବାଣୀ 'ମୋତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧୀନତା ଦେବି' । ୧୯୪୨ ମସିହାର ଭାରତଛାଡ଼ ଆନ୍ଦୋଳନ ବେଳେ ଗାନ୍ଧିଜୀ ବାଧ୍ୟ ହୋଇ ତାଙ୍କର ଅହିଂସା ମାର୍ଗ ଛାଡ଼ି ନେତାଜୀଙ୍କ କୌଶଳକୁ ଆପଣେଇ ନେଲେ ଓ ଡାକରା ଦେଲେ କରଙ୍ଗେ ଔର୍ ମରେଙ୍ଗେ । ଗାନ୍ଧିଜୀଙ୍କ ମତରେ ଉପାୟ ସ୍ଥିର କରିବ ଲକ୍ଷ୍ୟ କିନ୍ତୁ ନେତାଜୀଙ୍କ ମତରେ ଲକ୍ଷ୍ୟ ନିର୍ଣ୍ଣୟ କରିବ ଉପାୟ । ରାଜନୈତିକ କୌଶଳ କ୍ଷେତ୍ରରେ ଗାନ୍ଧିଜୀ ଅହିଂସା ମାର୍ଗ ଉପରେ ଗୁରୁତ୍ୱ ଦେଲାବେଳେ ନେତାଜୀ ରାଜନୈତିକ ବାସ୍ତବତା ଓ ଆବଶ୍ୟକତା ଉପରେ ଗୁରୁତ୍ୱ ଦେଉଥିଲେ । ଗାନ୍ଧୀ ଓ ନେତାଜୀଙ୍କ ମଧ୍ୟରେ ଯେଉଁ ବିଭେଦ ଥିଲା ତାହା ମୁଖ୍ୟତଃ ଆଦର୍ଶଗତ ଓ କୌଶଳ ଗତ ଥିଲା । ବେଳେବେଳେ ଏହି ବିଭେଦ ବ୍ୟକ୍ତିଗତ ସମ୍ପର୍କକୁ ପ୍ରଭାବିତ କରିଥିଲା । ବୋଷ ଗାନ୍ଧିଜୀଙ୍କ ନିଷ୍କ୍ରିୟତା ବାବଦର ବିରୋଧୀ ଥିଲେ ଓ ତାଙ୍କ ମତରେ ତୁମେ ଧ୍ୱଂସ ନକରି କିଛି ସୃଷ୍ଟି କରିପାରିବ ନାହିଁ । ନେତାଜୀ ତାଙ୍କର ବଳିଷ୍ଠ ଆଶାବାଦ ଓ ସକ୍ରିୟତାବାଦ ଦର୍ଶନ ମାଧ୍ୟମରେ ଏକ ନୂତନ ଭାରତ ଗଢ଼ିବା ପାଇଁ ଅଙ୍ଗିକାରବଦ୍ଧ ଥିଲେ । ବୋଷ, ଗାନ୍ଧିଜୀଙ୍କ ଚିନ୍ତାଧାରକୁ ବିରୋଧ କରୁଥିଲେ ମଧ୍ୟ ତାଙ୍କ ପ୍ରତି ତାଙ୍କର ଯଥେଷ୍ଟ ସମ୍ମାନ ଥିଲା । ଗାନ୍ଧିଜୀଙ୍କ ୭୫ତମ ଜନ୍ମ ଜୟନ୍ତୀରେ ନେତାଜୀ କହିଥିଲେ ଭାରତ ପାଇଁ ଓ ଭାରତର ସ୍ୱାଧୀନତା ସଂଗ୍ରାମ ପାଇଁ ଗାନ୍ଧିଜୀଙ୍କ ଅବଦାନ ଅନନ୍ୟ ଓ ଅନୁପମ । ତାଙ୍କର ନାମ ସବୁଦିନ ପାଇଁ ଭାରତୀୟ ଜାତୀୟ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।' ନେତାଜୀ ହିଁ ଗାନ୍ଧିଜୀଙ୍କୁ 'ଜାତିର ଜନକ' ଭାବେ ସଂବୋଧିତ କରିବାର ପ୍ରଥମ ବ୍ୟକ୍ତି ଥିଲେ । ବିଦେଶ ମାଟିରେ ଥାଇ ଆଜାଦ୍ ହିନ୍ଦ୍ ଫୌଜ ଗଠନ କରି ଫିରିଙ୍ଗି ଶାସନକୁ ହଟାଇ୍‌ବା ପାଇଁ ସେ ଯେଉଁ ସଶସ୍ତ୍ର ସଂଗ୍ରାମ ଆରମ୍ଭ କରିଥିଲେ ତା' ମଧ୍ୟରେ ସେ ଜାତିର ପିତାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ ଏହି ପବିତ୍ର ଭାରତୀୟ ମୁକ୍ତି ଯୁଦ୍ଧରେ ଆମେ ଆପଣଙ୍କ ଆଶୀର୍ବାଦ ଓ ଶୁଭକାମନା ଭିକ୍ଷା କରୁଛୁ' ଏହାହିଁ ନେତାଜୀଙ୍କ ମହାନୁଭବତାର ପରିଚୟ ।

ନେତାଜୀଙ୍କ ଅବିରତ ସଂଗ୍ରାମ ଥିଲା ତାଙ୍କ ଦୃଢ଼ ମାନସିକତାର ପରିଚୟ । ବ୍ରିଟିଶ ପୋଲିସ ଆଖିରେ ଧୂଳି ଦେଇ କଣ୍ଟକିତ ପଥ ପ୍ରିୟର ମେଳରେ ଭଗତରାମ ଓ ତଲୱାରଙ୍କ ସହାୟତାରେ କାବୁଲ, ମସ୍କୋରୁ ବିମାନ ଯୋଗେ ଜର୍ମାନୀ, ପରେ ଇଟାଲୀ ଓ ଶେଷରେ ଆବିଦ୍ ହୁସେନ୍ ସାଫାନିଙ୍କ ସହ ସବମାରାଇନ୍ ଯୋଗେ ଜର୍ମାନୀରୁ ଜାପାନ ଗସ୍ତର ସେହି ଲୋମହର୍ଷଣ କାହାଣୀ ପଢ଼ିଲେ ଆଜି ଆମକୁ ହତ୍‌ବାକ୍ ହେବାକୁ ପଡ଼େ । ୧୯୪୧ରେ ଯୁଦ୍ଧ ବନ୍ଦୀମାନଙ୍କୁ ନେଇ ଆଜାଦ୍ ହିନ୍ଦ୍ ଫୌଜ ଗଠନ କରିବା, ସିଙ୍ଗାପୁରଠାରେ ରାସ ବିହାରୀ ବୋଷଙ୍କ ସହିତ ଆଲୋଚନା, ୧୯୪୩ ମସିହାରେ ଅସ୍ଥାୟୀ ଆଜାଦ୍ ହିନ୍ଦ୍ ସରକାର ଗଠନ, ଜାପାନ ସରକାରଙ୍କ ଆଣ୍ଡାମାନ, ନିକୋବର ଆଇଲାଣ୍ଡ ଦ୍ୱୀପ ସମୂହକୁ ଆଜାଦ୍ ହିନ୍ଦ୍ ସରକାରଙ୍କୁ ହସ୍ତାନ୍ତର, ସିଙ୍ଗାପୁରରୁ ରେଙ୍ଗୁନକୁ ଆଜାଦ୍ ଫୌଜର କାର୍ଯ୍ୟାଳୟ ସ୍ଥାନାନ୍ତରିତ ଓ ଆଜାଦ୍ ହିନ୍ଦ୍ ସରକାରଙ୍କ ମିତ୍ର ଶକ୍ତି ବିରୁଦ୍ଧରେ ଯୁଦ୍ଧ ଘୋଷଣା ନେତାଜୀଙ୍କ ଦୃଢ଼ ନେତୃତ୍ୱର ପରିଚୟ ଦିଏ । ପୋର୍ଟବ୍ଲେୟାରର ବ୍ରିଟିଶ ଚିଫ୍ କମିଶନରଙ୍କ ବଙ୍ଗଳାରେ ତ୍ରିରଙ୍ଗା ପତାକା ଉତ୍ତୋଳନ, ଆଜାଦ୍ ହିନ୍ଦ୍ ଫୌଜର କୋହିମା ଅକ୍ତିଆର ଓ ଶେଷରେ ୧୯୪୪ ମସିହାରେ ବ୍ରିଟିଶ ସୈନ୍ୟମାନଙ୍କୁ ପରାସ୍ତ କରି ମଣିପୁରର ମୋଇରାନ୍ ସହରକୁ ଅକ୍ତିଆର କରି ତ୍ରିରଙ୍ଗା ଉତୋଳନ ଜଣେ ଅପୁରନ୍ତ ଶକ୍ତିରେ ପରିପୁଷ୍ଟ ମହାନ୍ ଯୋଦ୍ଧା ଦ୍ୱାରା ହିଁ ସମ୍ଭବ । ସେ ଥିଲେ ଅବିଭକ୍ତ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଓ ତାଙ୍କର ଆଜାଦ୍ ହିନ୍ଦ ସରକାରଙ୍କୁ ତତ୍କାଳୀନ ବିଶ୍ୱର ୧୧ଟି ଦେଶ ମଧ୍ୟ ସ୍ୱୀକୃତି ପ୍ରଦାନ କରିଥିଲେ । ୧୯୪୫ରେ ଏକ ମର୍ମନ୍ତୁଦ ବିମାନ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଖବର ଟୋକିଓ ରେଡିଓରେ ପ୍ରସାରିତ ହେଲାପରେ ସାରା ଦେଶ ସ୍ତବ୍ଧ ପାଲଟି ଯାଇଥିଲା । ସ୍ୱାଧୀନତା ସଂଗ୍ରାମର ସେହି ଅନିର୍ବାଣ ଶିଖା ଓ ସ୍ୱାଧୀନତା ସଂଗ୍ରାମକୁ ଲମ୍ଫ ପ୍ରଦାନକାରୀ 'ରୟାଲ ବେଙ୍ଗଲ ଟାଇଗର'ର 'ଦିଲ୍ଲୀ ଚଲୋ'ର ଲକ୍ଷ୍ୟ ଅଧୁରା ରହିଗଲା । କିନ୍ତୁ ରାମସିଂହ ଠାକୁରଙ୍କ କଦମ୍ କଦମ୍ ବଢ଼ାଏ ଯା'... ଗୀତ ଆମ ସମସ୍ତଙ୍କ ମନରେ ଆଜି ଅପାସୋରା ହୋଇ ରହିଗଲା । ସେ ଯେଉଁ ଆଦର୍ଶ ମୂଲ୍ୟବୋଧ ପାଇଁ ନିଜ ଜୀବନକୁ ବଳିଦାନ ଦେଇଥିଲେ ତାହା କେବେ ବୃଥା ଜୀବନୀ ବରଂ ସବୁଦିନ ପାଇଁ ପ୍ରତ୍ୟେକ ଦେଶପ୍ରେମୀ ଓ ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ । ସେ ଥିଲେ ଅବିଭକ୍ତ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଓ ତାଙ୍କର ଆଜାଦ୍ ହିନ୍ଦ ସରକାରକୁ ବିଶ୍ୱର ୧୧ଟି ଦେଶ ସ୍ୱୀକୃତି ଦେଇଥିଲେ ।

ଯଶୋବନ୍ତ ନାରାୟଣ ଧରଙ୍କ ଭାଷାରେ, ନେତାଜୀ... ଶତ ସହସ୍ର ସଂକଟ ଓ ସଂଘାତର ଅଜସ୍ର ଘୂର୍ଣ୍ଣଘେର ମଧ୍ୟରେ ଏକ ଅନିର୍ବାଣ ଅଗ୍ନିଶିଖାର ଅକମ୍ପିତ ଉଦ୍‌ଘୋଷଣା । ଭବିଷ୍ୟମାନ ଭାରତବର୍ଷର ସଂଗ୍ରାମୀ ସାମୁଖ୍ୟରେ ଏକ ଅନ୍ତହୀନ ଆଗ୍ନେୟ ଉଦ୍‌ବୋଧନ । ନେତାଜୀ... ନେତାଜୀ... ଭାବି ବିପ୍ଳବର ବିଶାଳ ବେଦ ପୀଠରେ ସେ ଏକ ମାର୍ମିକ ମନ୍ତ୍ରୋଚାରଣ । ନିଦ୍ରିତ ଚେତନାର ଶୀତଳ ସୀମାନ୍ତରେ ଉପ୍ତ ଅନ୍ତ ପ୍ରେରଣାର ଏକ ଉନ୍ନିଦ୍ର ଉଦ୍‌ଗୀରଣ ।

ସେ ଆଜି ପ୍ରତ୍ୟେକ ସ୍ୱାଧୀନ ଚେତା ମଣିଷ ପାଇଁ ଅଜୟ, ଅମର, ଚିର ନମସ୍ୟ ଓ କାଳଜୟୀ ।

। ଜୟହିନ୍ଦ୍ ।


*ମୋ. ୯୮୬୧୩୮୦୭୭୫*

# ଓଡ଼ିଶା ଏକ୍ସପ୍ରେସ୍

**ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ**




ଭାରତ ସ୍ୱାଧୀନତା ସଂଗ୍ରାମର ଅଦ୍ୱିତୀୟ ଯୋଦ୍ଧା, ପ୍ରଚଣ୍ଡ ପ୍ରତିଭାଦୀପ୍ତ ବ୍ୟକ୍ତିତ୍ୱ, ମହାନ୍ ଦେଶଭକ୍ତ, ସଂଗ୍ରାମୀ ପୁରୁଷ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଯାହାଙ୍କ ପାଦଶବ୍ଦରେ ବ୍ରିଟିଶ୍ ସାମ୍ରାଜ୍ୟର ହୃତ୍‌କମ୍ପନ ସୃଷ୍ଟି ହେଉଥିଲା, ଯାହାଙ୍କ ନାଁ ଉଚ୍ଚାରଣରେ ଇଂରେଜମାନଙ୍କ ମନରେ ଭୟ ସଂଚାର ହେଉଥିଲା ସେହି କ୍ରାନ୍ତିବୀରଙ୍କ ଜନ୍ମ ହୋଇଥିଲା ୧୮୯୭ ମସିହା ଜାନୁୟାରୀ ୨୩ ତାରିଖରେ ଓଡ଼ିଶା ମାଟିର କଟକ ସହରରେ । ପିତା ଜାନକୀନାଥ ବୋଷ ଓ ମାତା ପ୍ରଭାବତୀ ଦେବୀଙ୍କର ସେ ଥିଲେ ସର୍ବକନିଷ୍ଠ ସନ୍ତାନ । ଓଡ଼ିଶାର ପାଣି ପବନରେ କଟିଥିଲା ତାଙ୍କର ବାଲ୍ୟ ଓ ଶୈଶବ, ତାଙ୍କ ପାଇଁ କଟକ ଆଜି ଗର୍ବିତ । ରେଭେନ୍ସା କଲିଜିଏଟ୍ ସ୍କୁଲ୍‌ର ମାଟି ଏବେ ବି ଗର୍ବର ଗାରିମାରେ କହୁଛି, ସୁଭାଷ ମୋ ଛାତ୍ର।





# କ୍ରାନ୍ତିବୀର ନେତାଜୀ ସୁଭାଷ ଚନ୍ଦ୍ର ବୋଷ

**ହରପ୍ରିୟା ମହାନ୍ତି**

ସୁଭାଷ ବିଦ୍ୟାର୍ଥୀ ଜୀବନରୁ ଇଂରେଜମାନଙ୍କର ଭାରତୀୟମାନଙ୍କ ପ୍ରତି ଥିବା ଘୃଣାର ଭାବକୁ ଲକ୍ଷ୍ୟ କରି ଏହାର ପ୍ରଚଣ୍ଡ ବିରୋଧ କରିଥିଲେ ଓ ସେଥିପାଇଁ ତାଙ୍କୁ ପ୍ରେସିଡେନ୍ସି କଲେଜରୁ ବହିଷ୍କାର ହେବାକୁ ପଡ଼ିଥିଲା। ତାଙ୍କର ପ୍ରଥମ ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ବିବେକାନନ୍ଦଙ୍କ ଦେଶପ୍ରେମ ତାଙ୍କୁ ପ୍ରଭାବିତ କରିଥିଲା। ସୁଭାଷ ଥିଲେ ଆଜନ୍ମ ଦେଶପ୍ରେମୀ ଓ ସଂଗ୍ରାମୀ ।ଭାରତମାତାଙ୍କ ପରାଧୀନତା ତାଙ୍କୁ ବ୍ୟତିବ୍ୟସ୍ତ କରୁଥିଲା। ସର୍ବଦା ବିଦେଶୀ ଶୃଙ୍ଖଳରୁ ଦେଶ ମାତୃକାକୁ ମୁକ୍ତ କରିବାକୁ ସେ ଯେମିତି ତତ୍ପର ହୋଇ ଉଠୁଥିଲେ। ଆଇସିଏସ୍ ଚାକିରି ଛାଡ଼ି ସିଧା ଲଣ୍ଡନରୁ ଚାଲି ଆସିଲେ ଏବଂ ଭାରତର ମୁକ୍ତି ସଂଗ୍ରାମର ନେତୃତ୍ୱ ନେଉଥିବା ମହାତ୍ମା ଗାନ୍ଧୀଙ୍କୁ ସାକ୍ଷାତ କରିବାକୁ ଚାଲି ଯାଇଥିଲେ। ସାବରମତୀରେ ମହାତ୍ମା ଓ ମା' କସ୍ତୁରବାଙ୍କୁ ସାକ୍ଷାତ ମିଶି ସୁଭାଷ ପ୍ରିନ୍ସ ଅଫ୍ ଓ୍ୱେଲସ୍‌ଙ୍କର ଭାରତ ଆଗମନକୁ ବିରୋଧ କରିବାର କାର୍ଯ୍ୟକ୍ରମକୁ ସଂଗଠିତ କରି ୧୯୨୧ ମସିହାରେ ଗିରଫ ହେଲେ । ତାଙ୍କ ଜୀବନକାଳ ମଧ୍ୟରେ ପ୍ରାୟ ୧୧ଥର ଇଂରେଜମାନଙ୍କ ଦ୍ୱାରା କାରାବରଣ କରିଥିଲେ ।

୧୯୨୩ ମସିହାରେ ସୁଭାଷ ବୋଷ କଲିକତା କଂଗ୍ରେସର ସଭାପତି ଭାବେ ନିର୍ବାଚିତ ହେଲେ । ନିର୍ବାଚିତ ହେବା ପରେ ତାଙ୍କର ପ୍ରଥମ କାମ ଥିଲା ହିନ୍ଦୁ ମୁସଲ୍‌ମାନ ଦଙ୍ଗାରୁ କୋଲକତାକୁ ସୁରକ୍ଷିତ ରଖିବା । ସେହି ସମୟରେ ସେ 'ବଙ୍ଗଳାର କଥା ଓ ଫରଓ୍ୱାର୍ଡ' ନାମକ ଦୁଇଟି ପତ୍ରିକାର ସମ୍ପାଦନା କରୁଥିଲେ। କଂଗ୍ରେସରେ ତାଙ୍କର ପ୍ରଭାବ ବଢିବାକୁ ଲାଗିଲା ଏବଂ ଜଣେ ପ୍ରଭାବଶାଳୀ ନେତା ଭାବେ ସେ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ । ସେହି ସମୟରେ ଦେଶର ଉନ୍ନତି ପାଇଁ ଜବାହାରଲାଲ୍ ନେହରୁଙ୍କ ଅଧ୍ୟକ୍ଷତାରେ ସେ 'ପ୍ଲାନିଂ କମିଟି' ଗଠନ କରିଥିଲେ । ସେ କହିଥିଲେ, ଭାରତୀୟମାନେ ଏପରି ପଦକ୍ଷେପ ନେବା ଦରକାର ଯାହା ଫଳରେ ଇଂରେଜ ବାଧ ହୋଇ ଭାରତର ଜାତୀୟ ସରକାରଙ୍କ ହାତରେ ଦାୟିତ୍ୱ ହସ୍ତାନ୍ତର କରି ସ୍ୱଦେଶକୁ ଫେରିଯିବେ । ସୁଭାଷ ବୋଷ ୧୯୩୮ ମସିହାରେ ହରିପୁରା କଂଗ୍ରେସ ଅଧିବେଶନରେ ତାଙ୍କ ଅଭିଭାଷଣରେ କହିଥିଲେ, 'ଆମର ମୁଖ୍ୟ ସମସ୍ୟା ହେଉଛି ଦାରିଦ୍ର୍ୟ ନିରାକରଣ, ଶିକ୍ଷାର ବିସ୍ତାର, ରୋଗରୁ ମୁକ୍ତି ଓ ସାମ୍ୟବାଦୀ ଢାଞ୍ଚାରେ ବିଜ୍ଞାନ ସମ୍ମତ ଉତ୍ପାଦନ ଓ ବଣ୍ଟନ ।

ସୁଭାଷ କଂଗ୍ରେସର ସଭାପତି ହେବା ପରେ ଗାନ୍ଧିଜୀଙ୍କ ସହିତ ତାଙ୍କର କେଉଁଠି ମତଭେଦ ହୁଏ ସତ କିନ୍ତୁ ସୁଭାଷ ଗାନ୍ଧିଜୀଙ୍କୁ ଖୁବ୍ ଶ୍ରଦ୍ଧା ଓ ସମ୍ମାନ କରୁଥିଲେ। ଗାନ୍ଧିଜୀ ଆପୋଷମୁଖୀ ଧାରାକୁ ବିଶ୍ୱାସ କରୁଥିବାବେଳେ ସୁଭାଷ ଆପୋଷହୀନ ଧାରାରେ ବିଶ୍ୱାସ କରୁଥିଲେ । ଯେଉଁଥିପାଇଁ ବାପୁଜୀ ଓ ନେତାଜୀଙ୍କ ମଧ୍ୟରେ ମତାନ୍ତର ହୁଏ ମନାନ୍ତର ହୁଏ ନାହିଁ । ସେ କହୁଥିଲେ, 'ଭାରତ କେବଳ ନିଜ ପାଇଁ ଲଢୁନି । ସମଗ୍ର ମଣିଷ ସମାଜ ପାଇଁ ଲଢୁଛି ଓ ନିଜର ଅଧିକାର ପାଇଁ ସଂଗ୍ରାମ କରିବା ମନୁଷ୍ୟର ଧର୍ମ ।' ଦେଶର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଏଭଳି ଭାବେ ପ୍ରଭାବିତ କରିଥିଲା, ଯାହା ଦେଖି ଇଂରେଜମାନେ ପ୍ରମାଦ ଗଣିଥିଲେ। ସୁଭାଷ ବୋଷଙ୍କ ନେତୃତ୍ୱ ଇଂରେଜ ସରକାରଙ୍କ ପାଇଁ ଏକ ମହାକାଳ ସଦୃଶ ଉଭା ହେଲା । ତା'ପରେ ଆରମ୍ଭ ହୋଇଗଲା ସୁଭାଷଙ୍କ ବିରୋଧରେ ଷଡ଼ଯନ୍ତ୍ର। ବ୍ରିଟିଶ ସରକାରଙ୍କ ସମସ୍ତ ଆଖି ଠୁଳ ହୋଇଗଲା ବୋଷ ପରିବାର ଉପରେ ।

ସୁଭାଷ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ନେତୃତ୍ୱ ନେଲା ପରେ କଂଗ୍ରେସକୁ ୪୦ ବର୍ଷ ହୋଇଯାଇଥିଲା। ସେ କହୁଥିଲେ ୪୦ ବର୍ଷ ସ୍ୱାଧୀନତା ସଂଗ୍ରାମ କିଛି କମ୍ କଥା ନୁହେଁ। ତେଣୁ ଆମକୁ ଶୀଘ୍ର ସ୍ୱାଧୀନତା ଦରକାର । 'କୁଇଟ୍ ଇଣ୍ଡିଆ' ଡାକରା ଶୀଘ୍ର ଦିଆଯାଉ । ଯାହାକୁ ନେଇ କଂଗ୍ରେସରେ ମତଭେଦ ଆରମ୍ଭ ହୋଇଗଲା । କଂଗ୍ରେସର କିଛି ସଦସ୍ୟ ଏଥିରେ ଅସନ୍ତୁଷ୍ଟ ହୋଇ ସୁଭାଷଙ୍କୁ କଂଗ୍ରେସର କାର୍ଯ୍ୟକାରୀ ସମିତିରୁ ୩ ବର୍ଷ ପାଇଁ ବହିଷ୍କୃତ କରିବାକୁ ଚେଷ୍ଟା କଲେ ଏବଂ ସଫଳ ମଧ ହେଲେ ।

୧୯୪୦ରେ ସର୍ବଭାରତୀୟ ଫରଓ୍ୱାର୍ଡ ବ୍ଲକ୍‌ର ଦ୍ୱିତୀୟ ଅଧିବେଶନରେ ଇଂରେଜ ଭାରତକୁ ସ୍ୱାଧୀନତା ଦେଉବୋଲି ଦାବୀ କରି ସୁଭାଷ ଗାନ୍ଧିଜୀ ଓ ମୁସ୍‌ଲିମ୍ ଲିଗ୍ ନେତା ଜିନ୍ନାଙ୍କୁ ଭେଟିଥିଲେ। କିନ୍ତୁ କିଛି ଫଳପ୍ରଦ ହେଲାନାହିଁ। ସେହି ସମୟରେ ସୁଭାଷଙ୍କର ଦୁର୍ଦ୍ଦଶ ଦେଶପ୍ରୀତି, ଅସାଧାରଣ ବ୍ୟକ୍ତିତ୍ୱ ଓ ବାମପନ୍ଥୀ ଚିନ୍ତାଧାରା ଇଂରେଜମାନଙ୍କୁ ଆତଙ୍କିତ କରିଥିଲା । ସେ ସୁଭାଷଙ୍କୁ ବିଭିନ୍ନ ଆଳରେ ବନ୍ଦୀ କରି ଜେଲ୍‌ରେ ରଖିଥିଲେ, ସେଠାରେ ତାଙ୍କର ସ୍ୱାସ୍ଥ୍ୟ ଖରାପ ହେବାରୁ ତାଙ୍କୁ ତାଙ୍କ ଗୃହ ଭିତରେ ନଜର ବନ୍ଦୀ ରଖାଯାଇଥିଲା । କିନ୍ତୁ କୌଶଳକ୍ରମେ ସୁଭାଷ ସେଠାରୁ ଛଦ୍ମବେଶରେ ବାହାରି ପଳାୟନ କରିଥିଲେ । ୧୯୪୧ରେ ଦୀର୍ଘ ଯାତ୍ରାରେ ପରେ ଜର୍ମାନୀରେ ପହଁଚିଥିଲେ । ପ୍ରଥମ ବିଶ୍ୱଯୁଦ୍ଧରେ ଭାରତ ଇଂଲଣ୍ଡକୁ ସାହାଯ୍ୟ କରିଥିଲା କିନ୍ତୁ ତା ବଦଳରେ 'ଜାଲିଆନାଓ୍ୱାଲା ବାଗ୍' ହତ୍ୟାକାଣ୍ଡ ଛଡ଼ା ଆଉ କିଛି ପାଇ ନଥିଲା ଯାହା ସୁଭାଷଙ୍କୁ ବହୁତ କଷ୍ଟ ଦେଇଥିଲା। ସୁଭାଷ ଥିଲେ ଆଜନ୍ମ ବିପ୍ଳବୀ, ନିରାଶା ଓ ହତାଶାରେ ଭାଙ୍ଗିପଡ଼ିବା ତାଙ୍କ ଜାତକରେ ନ ଥିଲା । ସେ ଭାବୁଥିଲେ ଭିକ୍ଷାରେ ସ୍ୱାଧୀନତା ମିଳିବନି ଏଥିପାଇଁ ସଂଗ୍ରାମ ଦରକାର। ଭାରତରେ ରହି ସେ କଦାପି ଇଂରେଜମାନଙ୍କ ସହିତ ଲଢିପାରିବେନି, ଏହା ତାଙ୍କର ହୃଦ୍‌ବୋଧ ହେଉଥାଏ । ଏଥିପାଇଁ ସେ ଜର୍ମାନରେ ସେ ତାଙ୍କର ବିପ୍ଳବର ନୂତନ ପରିକଳ୍ପନା ଆରମ୍ଭ କଲେ । ବର୍ଲିନଠାରେ ୧୯୪୧ ମସିହା ନଭେମ୍ବର ୨ ତାରିଖରେ ଜର୍ମାନ ଦ୍ୱାରା ବନ୍ଦୀ ହୋଇଥିବା ଭାରତୀୟ ସୈନିକମାନଙ୍କୁ ସଂଗଠିତ କରି 'ସ୍ୱତନ୍ତ୍ର ଭାରତ ସଂଗଠନ' ସ୍ଥାପନ କରିଥିଲେ। ସେହିଠାରେ ହିଁ ତାଙ୍କୁ ପ୍ରଥମଥର ପାଇଁ 'ନେତାଜୀ' ବୋଲି ସମ୍ବୋଧିତ କରଯାଇଥିଲା ଓ ସେବେଠୁ ସେ ନେତାଜୀଭାବେ ପ୍ରସିଦ୍ଧ ହୋଇଯାଇଥିଲେ । ସେହିଠାରେ ହିଁ ତାଙ୍କ ଉଦ୍‌ବୋଧନରେ 'ଜୟହିନ୍ଦ୍' କହି ତାଙ୍କ ଅଭିଭାଷଣ ରଖିଥିଲେଓ ପରେ ଏହା ସର୍ବଜନଗ୍ରାହ୍ୟ ଜାତୀୟ ସମ୍ଭାଷଣ ହୋଇଗଲା । ସେହି ସମୟରେ ଅଗ୍ନିବର୍ଷ ଉଦ୍‌ବୋଧନ ଦେଇ ସେ କହିଥିଲେ, ବ୍ରିଟିଶ୍ ସାମ୍ରାଜ୍ୟବାଦ ପାଇଁ ଆଜି ଭାରତର ନୈତିକ ଓ ସାଂସ୍କୃତିକ ଅଧୋଗତି ହୋଇଛି ଓ ଦେଶ ଦାରିଦ୍ର୍ୟ ଓ ଦାସତ୍ୱର ଶୃଙ୍ଖଳରେ ବାନ୍ଧି ହୋଇଛି, ଏହି ଜୁଆଳିକୁ ଫିଙ୍ଗିଦେବା ପାଇଁ ଆମକୁ ହିଁ ଚେଷ୍ଟା କରିବା ଦରକାର । ଆମ ସ୍ୱାଧୀନତାର ମୂଲ୍ୟ ପାଇଁ ଆମକୁ ହିଁ ରକ୍ତ ଦେବାକୁ ପଡ଼ିବ । ତୁମେ ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି। ଯେତେବେଳେ ଅଧିକାଂଶ ଭାରତୀୟ ନିଆଁକୁ ଡେଇଁ ପାରିବେ, ସେତେବେଳେ ଯାଇ ସ୍ୱାଧୀନତା ପାଇବାର ଯୋଗ୍ୟ ହେବେ । ଆଗେଇ ଚାଲ, ଆଗେଇ ଚାଲ, ସମ୍ମୁଖରେ ସଂଗ୍ରାମର ଦିନ ପ୍ରସ୍ତୁତ କର ନିଜକୁ।' 'ଦିଲ୍ଲୀ ଚଲୋ' ଡାକରାରେ ପୃଥିବୀ ପ୍ରକମ୍ପିତ କରିଥିଲେ ନେତାଜୀ ସୁଭାଷ ବୋଷ । ସେହି ସମୟରେ ଜାପାନରେ ରାସ ବିହାରୀ ବୋଷ ଆଦିଙ୍କ ଉଦ୍ୟମରେ ଆଜାଦ୍ ହିନ୍ଦ୍ ଫୌଜ ଗଠିତ ହୋଇଥାଏ । ୧୯୪୩ ମେ ୬ରେ ସୁଭାଷ ସେଠାରେ ପହଁଚିଲେ । ସେଠାରେ ପହଁଚିବା ପରେ ସେ ଏହି ସଂଗଠନକୁ ଦୃଢ କରିବାରେ ସକ୍ରିୟ ଭୂମିକା ଗ୍ରହଣ କଲେ। ବିଧିବଦ୍ଧ ଭାବେ ସୈନିକର ତାଲିମ ନ ନେଇ କି ବି ସେ ଯେପରି ଭାବେ ଲଢି ପାରୁଥିଲେ ତାହା ଆଶ୍ଚର୍ଯ୍ୟ କରିଥାଏ ସମସ୍ତଙ୍କୁ । ଚତୁର ଇଂରେଜମାନେ ଭାରତରେ ଜାଣିଶୁଣି ଧର୍ମଭିତିରେ ସୈନ୍ୟବାହିନୀ ଗଠନ କରିଥିଲେ ଯେମିତି ଦରକାର ହେଲେ ଜଣକୁ ଅନ୍ୟଜଣକ ବିରୁଦ୍ଧରେ ମତାଇ ଜାତିଆଣ ସଂଘର୍ଷ ସୃଷ୍ଟି କରିବେ କିନ୍ତୁ ସୁଭାଷ ଆଜାଦ୍ ହିନ୍ଦ୍ ଫୌଜର ସିପାହୀମାନଙ୍କୁ ଶିଖାଇଲେ ସେମାନେ ଭଡ଼ାଟିଆ ସୈନ୍ୟ ନୁହଁନ୍ତି, ଆଜାଦୀ ସୈନିକ। ଭାରତବର୍ଷ ଏକ ଓ ଅଭିନ୍ନ । ସେଥିପାଇଁ ଆମକୁ ମିଳିମିଶି ସଂଗ୍ରାମ୍ କରିବାକୁ ହେବ ।୧୯୪୩ ମସିହା ଅଗଷ୍ଟ ୨୫ ତାରିଖରେ ସେ ଫୌଜର ସର୍ବୋଚ୍ଚ ଅଧିନାୟକ ପଦବୀ ଗ୍ରହଣ କଲେ। ଭାରତର ଶେଷ ସ୍ୱାଧୀନ ସମ୍ରାଟ ବାହାଦୁର ଶାହାଙ୍କ ଏକ ଉର୍ଦ୍ଦୁ କବିତା ଗାଇ ସେ କହିଥିଲେ ଯାହାର ଅର୍ଥ ଥିଲା 'ଯେତେଦିନ ପର୍ଯ୍ୟନ୍ତ ଭାରତର ଶୌର୍ଯ୍ୟ ଲଣ୍ଡନର ବକ୍ଷସ୍ଥଳକୁ ବିଦୀର୍ଣ୍ଣ କରୁଥିବ ।'

ସିଙ୍ଗାପୁରରେ ଡକ୍ଟର ଲକ୍ଷ୍ମୀ ସେହେଗଲ୍‌ଙ୍କୁ ଡକାଇ ସେ ଝାନ୍‌ସୀରାଣୀ ରେଜିମେଂଟଗଢିବାର ପ୍ରସ୍ତାବ ଦେଲେ ଯାହା ବିଶ୍ୱର ପ୍ରଥମ ମହିଳାମାନଙ୍କୁ ନେଇ ଏକ ସୈନ୍ୟବାହିନୀ ଗଠନ ହେଲା। ରବର ଚାଷରେ ନିଯୁକ୍ତ ଥିବା ଭାରତୀୟ ଶ୍ରମିକଙ୍କ ସ୍ତ୍ରୀ ଓ ଭଉଣୀମାନେ ଆଗ୍ରହରେ ଏଥିରେ ବହୁଳରୂପେ ଯୋଗଦେଲେ। ପରେ ସୁଭାଷଙ୍କର ଯାଦୁକରୀ ଆହ୍ୱାନ୍‌ରେ ଅନୁପ୍ରାଣୀତ ହୋଇ ଅନେକ ନାରୀ ଏଥିରେ ଯୋଗଦାନ କରିଥିଲେ। ସେହି ସମୟରେ ଜାପାନରୁ ସାରା ବିଶ୍ୱବାସୀଙ୍କୁ ସମ୍ବୋଧିତ କରି କହିଥିଲେ, 'ମୁଁ ମୋର ୩୮କୋଟି ଦେଶବାସୀଙ୍କ ସେବକ ଭାବରେ ନିଜକୁ ବିବେଚନା କରୁଛି, ଏହି ଭୂମିକା ପୂରଣ କରିବା ପାଇଁ ଆମକୁ ଏକ ସୈନ୍ୟବାହିନୀ ରୂପେ ସଂଗଠିତ ହେବାକୁ ପଡ଼ିବ। ସ୍ୱାଧୀନତା ଏହାର ଧ୍ରୁବ ଲକ୍ଷ୍ୟ ।' ବିଶ୍ୱଯୁଦ୍ଧରେ ଜର୍ମାନୀ ହାରିବା ପରେ ସୁଭାଷଙ୍କ ଆଜାଦ୍ ହିନ୍ଦ୍ ଫୌଜ ଯୁଦ୍ଧ ଜିତି ପାରି ନଥିଲେ। ତଥାପି ତାଙ୍କ ଭିତରେ ଭାରତକୁ ଇଂରେଜ କବଳରୁ ମୁକ୍ତ କରିବାର ନିଶା କମି ନ ଥିଲା। ସେହି ମହାନ୍ ଦେଶପ୍ରେମୀ ଅବଶିଷ୍ଟ ସମ୍ବଳ ଧରି ସୋଭିଏତ୍ ଋଷିଆକୁ ଯିବାକୁ ନିଷ୍ପତି ନେଲେ। ସେ ଲେପ୍ଟନାଣ୍ଟ ଜେନେରାଲ୍ ସି ଦେଇଙ୍କୁ କହିଥିଲେ, 'ମୁଁ ଋଷିଆ ଦେଶରେ କିଛି ସମୟ କଟାଇବାକୁ ଚାହେଁ ନାହିଁ। ମୁଁ ହିମାଳୟ ନିକଟରେ ଭାରତୀୟ ଜାତୀୟ ସେନାଙ୍କୁ ପୁଣି ଏକାଠି କରିବି । ମୁଁ ସ୍ୱାଧୀନ ମୁକ୍ତ ଭାରତର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ସାକାର କରିବି। ତେଣୁ ମୋ ଦେଶ ଆଡ଼କୁ ଖୁବ୍ ଶୀଘ୍ର ଅଗ୍ରସର ହେବି ।'

ବିଧିର ବିଧାନ ବିଚିତ୍ର। ଋଷିଆ ଯାତ୍ରା ରାସ୍ତାରେ ତାଙ୍କ ସାମରିକ ବିମାନରେ ନିଆଁ ଲାଗିଯାଇଥିଲା। ତାଇଓ୍ୱାନ୍‌ର ତାଇପେଇ ସହରର ବିମାନ ବନ୍ଦରରେ ବିମାନ ଅବତରଣ କଲା । ତାଇପେଇ ନନ୍‌ମୋନ୍ ସାମରିକ ହସ୍ପିଟାଲ୍‌ରେ ଭାରତ ସ୍ୱାଧୀନତାର ମହାନ୍ ଯୋଦ୍ଧା, ଭାରତର ଅମୃତ ସନ୍ତାନ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଶେଷ ନିଃଶ୍ୱାସ ତ୍ୟାଗ କଲେ । ୧୯୪୫ ମସିହା ୧୧ ଅଗଷ୍ଟ ରାତି ୧୧ଟା ସମୟରେ ଭାରତ ସ୍ୱତନ୍ତ୍ରତା ସେନାନୀର ସୂର୍ଯ୍ୟ ଅସ୍ତମିତ ହେଲା।









---

# ଥିଲେ ଜଣେ ନେତାଜୀ ଜଣେ ସୁରେନ୍ଦ୍ର ସାଏ

**ହିମାଂଶୁ ଶେଖର ଆଚାର୍ଯ୍ୟ**



ଆଜି ଜାନୁଆରୀ ୨୩ ତାରିଖ । ଅବିସ୍ମରଣୀୟ ଦିନ । ଏହି ଦିନ କଥା ମନେ ପଡିଲେ ତନୁମନ ରୋମାଞ୍ଚିତ ହୁଏ ।ଚମନ ଭିତରେ ଦେଶପ୍ରେମର ଭାବ ଉଦ୍ରେକ ହୁଏ । ଦେଶପାଇଁ ଜାତିପାଇଁ ବଳିଦାନ ଦେଇଥିବା ମହାନ୍ ସ୍ୱାଧୀନତା ସଂଗ୍ରାମୀଙ୍କ କଥା ଓ ଗାଥା ମାନସପଟ୍ଟରେ ଉଙ୍କିମାରେ । ଏହି ଦିନ ଜନ୍ମ ନେଇଥିଲେ ଉତ୍କଳ ଜନନୀର ଦୁଇ ସୁଯୋଗ୍ୟ ବରପୁତ୍ର । ଜଣେ ହେଉଛନ୍ତି ବୀରପୁରୁଷ, ସଂଗ୍ରାମୀ ସେନାପତି, ତ୍ୟାଗୀ, ସାହସୀ, ଧୈର୍ଯ୍ୟବାନ, ଦେଶପ୍ରେମୀ ସୁଭାଷ ଚନ୍ଦ୍ର ବୋଷ । ସବୁରି ପ୍ରିୟ ନେତାଜୀ । ଅନ୍ୟ ଜଣେ ହେଉଛନ୍ତି ଦେଶପ୍ରେମର ଉପାସକ, ସାହସୀ, ତ୍ୟାଗୀ, ଚିରବିପ୍ଳବୀ ସୁରେନ୍ଦ୍ର ସାଏ । ସବୁରି ପ୍ରିୟ ବୀର ସୁରେନ୍ଦ୍ର ସାଏ ।

ସଂଗ୍ରାମୀ ସୁଭାଷ ୧୮୯୭ ମସିହା ଜାନୁଆରୀ ୨୩ ତାରିଖରେ ଐତିହ୍ୟ ସମ୍ପନ୍ନ କଟକ ସହରର ଓଡିଆ ବଜାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଜାନକୀନାଥ ବୋଷ କଟକରେ ଜଣେ ବିଶିଷ୍ଟ ଓକିଲ ଥିଲେ । ତାଙ୍କ ମାତାଙ୍କ ନାମ ଥିଲା ପ୍ରଭାବତୀ ଦେବୀ । ସେଦିନ ବୋଷ ପରିବାରରେ ଯେଉଁ ଶିଶୁଟିର କୁଆଁରାବ ବୋଷ ପରିବାରକୁ ଆମୋଦିତ କରିଥିଲା, ପରବର୍ତ୍ତୀ କାଳରେ ସେ ସାଜିଥିଲେ ଭାରତର ମୁକ୍ତି ସଂଗ୍ରାମର ମହାନାୟକ । ନେତାଜୀ କହିଲେ କେବଳ ତାଙ୍କୁ ହିଁ ବୁଝାଉଥିଲା । ସୁଭାଷଙ୍କ ବାଲ୍ୟଶିକ୍ଷା ଆରମ୍ଭ ହୋଇଥିଲା କଟକର ମିଶିନାରୀ ସ୍କୁଲରୁ ଓ ପରେ ପରେ ରେଭେନ୍‌ସା କଲେଜିଏଟ୍ ସ୍କୁଲରେ ନାମ ଲେଖାଇଥିଲେ । ୧୯୧୩ ମସିହାରେ ସୁଭାଷ ମାଟ୍ରିକ୍ ପାରୀକ୍ଷାରେ ସମଗ୍ର ବଙ୍ଗ, ବିହାର ଓ ଓଡିଶାରେ ଦ୍ୱିତୀୟ ସ୍ଥାନ ଲାଭ କରି ଉତ୍ତୀର୍ଣ୍ଣ ହୋଇଥିଲେ । ୧୯୧୯ ମସିହାରେ ସେ ଦର୍ଶନଶାସ୍ତ୍ରରେ ଅନର୍ସ ସହ ପ୍ରଥମ ଶ୍ରେଣୀରେ ବି.ଏ ପାଶ୍ କଲେ ।

ଏହାପରେ ପିତା ଜାନକୀନାଥ ବୋଷ ଆଇ.ସି.ଏସ୍ ପଢିବା ପାଇଁ ସୁଭାଷଙ୍କୁ ଲଣ୍ଡନ ପଠାଇଲେ । ୧୯୨୦ ମସିହାରେ ଏହି ପରୀକ୍ଷା ଦେଇ ସୁଭାଷ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ । ଭାରତରେ ଏଥିପାଇଁ ତାଙ୍କୁ ଏକ ଉଚ୍ଚ ସରକାରୀ ଚାକିରି ମିଳିବା କଥା । ମାତ୍ର ସ୍ୱଦେଶ ବତ୍ସଳ ଓ ଜାତିପ୍ରାଣ ସୁଭାଷଙ୍କ ଉଚ୍ଚ ପଦବୀ ଓ ସରକାରୀ ଚାକିରିର ମୋହ ଆବଦ୍ଧ କରିପାରିନଥିଲା । ଅରବିନ୍ଦଙ୍କ ଏକ ଲେଖା– ନିଜ ପାଇଁ ବଡ ହୁଅନା, ଦେଶ ପାଇଁ ବଡ ହୁଅ ତାଙ୍କୁ ଗଭୀର ଭାବେ ପ୍ରଭାବିତ କରିଥିଲା । ସେ ଏହାକୁ କଥାରେ ନୁହେଁ କାର୍ଯ୍ୟରେ କରି ଦେଖାଇଥିଲେ । ଏହି ସମୟରେ ମହାତ୍ମା ଗାନ୍ଧୀ ଅସହଯୋଗ ଆନ୍ଦୋଳନର ଡାକରା ଦେଇଥାନ୍ତି । ସବୁକୁ ପଛରେ ପକାଇ ସୁଭାଷ ୧୯୨୧ ମସିହାରେ କଲିକତାଠାରେ ଜାତୀୟ କଂଗ୍ରେସରେ ଯୋଗଦେଲେ । ବଙ୍ଗଳାର ଦ୍ୱାରେ ଦ୍ୱାରେ ବୁଲି ସୁଭାଷ ଆରମ୍ଭ କଲେ ଦୁର୍ଗତ ଜନତାର ସେବା । ସବୁରି ଭିତରେ ସୃଷ୍ଟି କଲେ ଦେଶପ୍ରେମର ଭାବ । ତାଙ୍କରି ବୀରତ୍ୱପୂର୍ଣ୍ଣ ଆହ୍ୱାନରେ ଶିକ୍ଷକ, ଓକିଲ, ଛାତ୍ର, କୃଷକ ଓ ସରକାରୀ କର୍ମଚାରୀ ସ୍ୱାଧୀନତା ସଂଗ୍ରାମରେ ସାମିଲ ହେବାପାଇଁ ଆଗେଇ ଆସିଲେ ।

ସୁଭାଷ ଥିଲେ ଜଣେ ଜାତୀୟତାବାଦୀ ବୀର । ଦୁର୍ଦ୍ଧର୍ଷ ଇଂରେଜମାନଙ୍କୁ ଏ ଦେଶରୁ ତଡିବାକୁ ହେଲେ ରକ୍ତାକ୍ତ ସଂଗ୍ରାମ ଆବଶ୍ୟକ ଏକଥା ସେ ମର୍ମେ ମର୍ମେ ଅନୁଭବ କରିଥିଲେ । ସେଥିପାଇଁ ସେ ଦୃପ୍ତ କଣ୍ଠରେ କହିଥିଲେ – ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି । ତାଙ୍କର ତ୍ୟାଗ, ନିଷ୍ଠା ଓ କାର୍ଯ୍ୟଦକ୍ଷତା ତାଙ୍କୁ ଜାତୀୟ ରଙ୍ଗମଞ୍ଚରେ ଜଣେ ଆଗଧାଡିର ନେତା ରୂପେ ମାନ୍ୟତା ଦେଇଥିଲା । ସେଥିପାଇଁ ସେ ୧୯୩୮ ମସିହାରେ ଓ ୧୯୩୯ ମସିହାରେ ଦୁଇଥର ପାଇଁ ଜାତୀୟ କଂଗ୍ରେସର ସଭାପତି ପଦବୀ ମଣ୍ଡନ କରିଥିଲେ । ମାତ୍ର ଗାନ୍ଧିଜୀଙ୍କ ସହ ମତଭେଦ ଯୋଗୁଁ ସେ ସଭାପତି ପଦରୁ ଇସ୍ତଫା ଦେଇ ଫରଓ୍ୱାର୍ଡ ବ୍ଲକ୍ ଗଠନ କରିଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥିବା ବେଳେ ସୁଭାଷ ଚନ୍ଦ୍ର ବୋଷ ୧୯୪୧ ମସିହା ଜାନୁଆରୀ ମାସ ୧୬ ତାରିଖ ନିଶାର୍ଦ୍ଧରେ ଛଦ୍ମବେଶରେ ଭାରତରୁ ଆଫଗାନିସ୍ଥାନ ଚାଲିଗଲେ । ସେଠାରୁ ସେ ସେନାଙ୍କୁ ଘେନି ଆଜାଦ୍ ହିନ୍ଦ୍ ଫୌଜ ଗଠନ କଲେ । ଏହି ଆଜାଦ୍ ହିନ୍ଦ୍ ଫୌଜ ସଂଗଠନଟି ସୁଭାଷଙ୍କ ଜୀବନରେ ସବୁଠାରୁ ଦୁଃସାହସିକ ଓ ସ୍ମରଣୀୟ ଘଟଣା । ଏହାପରେ ସେ ଏହାର ଫୌଜିମାନଙ୍କୁ 'ଦିଲ୍ଲୀ ଚଲୋ'ର ଡାକରା ଦେଇ ଭାରତ ଅଭିମୁଖେ ଯୁଦ୍ଧଯାତ୍ରା କଲେ । ଏହି ଫୌଜ ସାହାଯ୍ୟରେ ନେତାଜୀ କୋହିମା ଓ ଇମ୍ଫାଲକୁ ଦଖଲ କରି ତ୍ରିରଙ୍ଗା ପତାକା ଉଡାଇ ଭାରତର ସ୍ୱାଧୀନତା ଘୋଷଣା କଲେ । ଦୁର୍ଭାଗ୍ୟକୁ ଏହି ସମୟରେ ଜାପାନ ଇଂରେଜମାନଙ୍କ ଦ୍ୱାରା ପରାଜିତ ହେବାରୁ ସେମାନେ ସନ୍ଧି କଲେ । ସୁଭାଷ ବୋଷଙ୍କୁ ଆଉ ଜାପାନୀମାନଙ୍କ ତରଫରୁ ସାହାଯ୍ୟ ମିଳିଲା ନାହିଁ। ୧୯୪୫ ମସିହା ଅଗଷ୍ଟ ୧୮ ତାରିଖରେ ଟୋକିଓ ଅଭିମୁଖେ ଯାତ୍ରା କରୁଥିବା ବେଳେ ଯାହା ଘଟିଲା ତାହା ଏବେବି ରହସ୍ୟାବୃତ୍ତ । ସ୍ୱାଧୀନ ଦେଶର ସରକାର ଏ ଦିଗରେ ତିନି ତିନିଟା କମିଶନ ବସାଇଥିଲେ ମଧ୍ୟ ତାଙ୍କ ମୃତ୍ୟୁ ରହସ୍ୟ ଫିଟି ପାରିନାହିଁ।

ବିପ୍ଳବୀ ବୀର ସୁରେନ୍ଦ୍ର ସାଏ ୧୮୦୯ ମସିହାରେ ସମ୍ବଲପୁର ଜିଲ୍ଲାର ଚୌହାନ ବଂଶରେ ଜନ୍ମଗ୍ରହଣ କରିଥିଲେ । ବଡଗାଁ ନିକଟବର୍ତ୍ତୀ ଖିଣ୍ଡା ନାମକ ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ । ସୁରେନ୍ଦ୍ର ସାଏ ପିଲାବେଳୁ ଯୋଦ୍ଧା, ସାହସୀ, କଷ୍ଟସହିଷ୍ଣୁ ଓ ଧୈର୍ଯ୍ୟବାନ ଥିଲେ । ଏପରିକି ଖଣ୍ଡା ଓ ଧନୁତୀର ଚାଳନାରେ ସେ ଅଦ୍ୱିତୀୟ ଥିଲେ । ୧୮୨୭ ମସିହାରେ ସମ୍ବଲପୁର ରାଜା ମହାରାଜ ସାଏ ଅପୁତ୍ରିକ ଭାବେ ମୃତ୍ୟୁବରଣ କଲେ ଓ ସୁରେନ୍ଦ୍ର ସାଏଙ୍କ ଦାବିକୁ ଉପେକ୍ଷା କରି ତାଙ୍କ ବିଧବାପତ୍ନୀଙ୍କୁ ରାଜଗାଦୀରେ ବସାଇଲେ । ଏହାକୁ ବିରୋଧ କରି ସୁରେନ୍ଦ୍ର ସାଏ ଇଂରେଜମାନଙ୍କ ବିରୁଦ୍ଧରେ ବିଦ୍ରୋହ ଘୋଷଣା କଲେ । ଇଂରେଜ ସରକାର ସାମରିକ କାର୍ଯ୍ୟ ଆରମ୍ଭ କରି ଏ ବିଦ୍ରୋହକୁ ଦମନ କଲେ ଓ ସୁରେନ୍ଦ୍ର ସାଏ ଏବଂ ତାଙ୍କ ଭାଇ ଓ ସମର୍ଥକମାନେ ଗିରଫ ହୋଇ ହଜାରିବାଗ ଜେଲ୍‌ରେ ଜୀବନଯାପନ କଲେ ।

ସୁରେନ୍ଦ୍ର ସାଏ ଜୀବିତ ଅବସ୍ଥାରେ କେବେ ଜେଲରୁ ଉଦ୍ଧାର ପାଇପାରି ନଥାନ୍ତେ । ମାତ୍ର ୧୮୫୭ ମସିହା ସିପାହୀ ବିଦ୍ରୋହ ବେଳେ ବିଦ୍ରୋହୀମାନେ ହଜାରିବାଗ ଜେଲ୍ ଭାଙ୍ଗି ଦେବାରୁ ସୁରେନ୍ଦ୍ର ସାଏ ଓ ତାଙ୍କ ସମର୍ଥକମାନେ ଜେଲ୍‌ରୁ ମୁକ୍ତ ହୋଇଥିଲେ । ସମ୍ବଲପୁରକୁ ଫେରି ସୁରେନ୍ଦ୍ର ସାଏ ପୁଣି ଇଂରେଜମାନଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ । ଏଥିରେ ବିଚଳିତ ହୋଇ ଇଂରେଜ ସରକାର ସାଧାରଣ ଜନତାଙ୍କ ଉପରେ ଅକଥନୀୟ ଅତ୍ୟାଚାର ଓ ଦମନଲୀଳା ଚଳାଇଲେ । ଏହା ଦେଖି ସୁରେନ୍ଦ୍ର ସାଏ ଅଧିକରୁ ଅଧିକ ପାଇକମାନଙ୍କୁ ନିଜ ଦଳରେ ସାମିଲ କରି ବିଦ୍ରୋହର ନେତୃତ୍ୱ ନେଲେ । ନିଜର ସୈନ୍ୟମାନଙ୍କୁ ଭାଗ ଭାଗ କରି ସମ୍ବଲପୁର ଅବରୋଧ କରିବା ସହ ବିଦ୍ରୋହକୁ ଜୋରଦାର କଲେ ।

ସୁରେନ୍ଦ୍ରଙ୍କ ବିଦ୍ରୋହର ମୁକାବିଲା ପାଇଁ ଆରମ୍ଭ ହେଲା ଦମନଲୀଳା । ଯେନତେନ ପ୍ରକାରେ ବିଦ୍ରୋହକୁ ଆୟତ୍ତ କରିବା ପାଇଁ ସୁଚିନ୍ତିତ ଯୋଜନାମାନ ପ୍ରସ୍ତୁତ ହେଲା । ଜମିଦାରମାନଙ୍କୁ ପ୍ରୋତ୍ସାହନ ଦିଆଗଲା । ବିଦ୍ରୋହୀମାନଙ୍କୁ ବନ୍ଦୀ କରାଗଲା । ଲୋକଙ୍କ ଉପରେ ଭୀଷଣ ଅତ୍ୟାଚାର କରାଗଲା । ଏପରିକି ବିଦ୍ରୋହୀମାନଙ୍କ ମନୋବଳ କ୍ଷୁଣ୍ଣ କରିବାକୁ କେତେକ ବିଦ୍ରୋହୀଙ୍କୁ ଫାଶୀଖୁଣ୍ଟରେ ଝୁଲାଇ ଦିଆଗଲା । କିନ୍ତୁ ଫଳ ହେଲା ଓଲଟା । ବିଦ୍ରୋହ କମିବା ପରିବର୍ତ୍ତେ ଆହୁରି ବ୍ୟାପକ ହେଲା । କିଛି ଉପାୟ ନଦେଖି ୧୮୬୧ ମସିହାରେ ନୂତନ ଭାବେ କମିଶନର ରୂପେ ଯୋଗଦେଇଥିବା ଇମ୍ପେ ସାହେବ ଅନେକ ବିଦ୍ରୋହୀଙ୍କୁ ରାଜକ୍ଷମା ଦେବା ଯୋଗୁଁ ଅନେକ ବିଦ୍ରୋହୀ ଆତ୍ମସମର୍ପଣ କରିଗଲେ । ଏପରିକି ସୁରେନ୍ଦ୍ର ସାଏଙ୍କ ସାନଭାଇ ଉଦନ୍ତ ସାଏ ଓ ପୁତ୍ର ମିତ୍ରଭାନୁ ସାଏ ଆତ୍ମସମର୍ପଣ କରିଗଲେ । ତଥାପି ସେ ଏଥିରେ ବିଚଳିତ ହୋଇନଥିଲେ । ମାତ୍ର ୧୮୬୨ ମସିହା ମେ ୧୬ ତାରିଖରେ ବହୁ ବିଚାର ବିମର୍ଶ ପରେ ନିଜର ଜୀବନ ଓ କ୍ଷମା ପ୍ରଦାନର ପ୍ରତିଶ୍ରୁତି ପରେ ସେ ଆତ୍ମସମର୍ପଣ କରିଥିଲେ ।

୧୮୬୪ ମସିହାରେ ସୁରେନ୍ଦ୍ର ସାଏଙ୍କ ସମର୍ଥକମାନେ ସୁରେନ୍ଦ୍ରଙ୍କୁ ସମ୍ବଲପୁରର ରାଜା କରିବା ଦାବିରେ ବିଦ୍ରୋହ ଆରମ୍ଭ କରିଦେଲେ । ଏଥିରେ ସୁରେନ୍ଦ୍ର ସାଏ ଲିପ୍ତ ଥିବା ଅଭିଯୋଗରେ ତାଙ୍କୁ, ତାଙ୍କ ପୁଅ ମିତ୍ରଭାନୁ ଓ ଭାଇ ଉଦନ୍ତକୁ ଗିରଫ କରିନେଇ ଆସୁରିଗଡ ଜେଲ୍‌ରେ ରଖାଗଲା । ସେଠାରେ ଦିର୍ଘ ୨୦ ବର୍ଷ କାଳ ମନସ୍ତାପ, ଯନ୍ତ୍ରଣା ଓ ନିର୍ଯ୍ୟାତନା ଭିତରେ ୧୮୮୪ ମସିହା ଫେବୃଆରୀ ୨୮ ତାରିଖରେ ଇହଧାମରୁ ବିଦାୟ ନେଇଥିଲେ ।

ଉତ୍କଳମାତାର ଏହି ଦୁଇ ଯୋଗଜନ୍ମା ବ୍ୟକ୍ତିତ୍ୱ ନିଜ ଜୀବନକୁ ଦେଶପାଇଁ ଉଜାଡି ଦେଲେ । ରକ୍ତ ଦେଇ ଲେଖିଗଲେ ସ୍ୱାଧୀନତାର ସ୍ୱର୍ଣ୍ଣାଭ ଇତିହାସ ।

ମୋ. ୯୩୩୭୨୨୧୯୨୪









ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୨୩ ଜାନୁଆରୀ ୨୦୨୬ । ଶୁକ୍ରବାର

## ଗ୍ରାମରକ୍ଷୀଙ୍କ ମାସିକ ଭତ୍ତା ବୃଦ୍ଧି

**ଭୁବନେଶ୍ୱର,୨୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଗ୍ରାମାଞ୍ଚଳରେ କାର୍ଯ୍ୟରତ ଗ୍ରାମରକ୍ଷୀମାନଙ୍କ ପାଇଁ ପୂର୍ବରୁ ପ୍ରଚଳିତ ଥିବା ମାସିକ ଭତ୍ତାକୁ ବୃଦ୍ଧି କରିଛନ୍ତି । ଏଣିକି ଗ୍ରାମରକ୍ଷୀମାନେ ୧,୮୦୦ ଟଙ୍କା ବଦଳରେ ୨,୫୦୦ ଟଙ୍କା ମାସିକ ଭତ୍ତା ପାଇବେ । ଏଥି ସହିତ ସପ୍ତାହକୁ ଥରେ ସେମାନେ ଯେଉଁ ଥାନା ଅଧୀନରେ କାମ କରୁଥିବେ, ସେଠାକୁ ଯାଇ ସେମାନଙ୍କ ଉପସ୍ଥାନ ଦେବାର ବ୍ୟବସ୍ଥା କରାଯାଇଛି । ସୂଚନାଯୋଗ୍ୟ ଯେ, ଗ୍ରାମାଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା ଏବଂ ଅପରାଧୀ ଚିହ୍ନଟ ପ୍ରକ୍ରିୟାରେ ଗ୍ରାମରକ୍ଷୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ ।

## ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

**ପୋଲସରା,୨୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପୋଲସରା ସହରର ରାଧାକୃଷ୍ଣ ନଗର ସ୍ଥିତ ୫ମତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ସଭାପତି ପ୍ରେମଚାନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୋଲସରା ଏନ୍ଏସି ଅଧକ୍ଷା ସଙ୍ଗିତା ବେହେରା ଯୋଗଦାନ ପୂର୍ବକ ପ୍ରଦିପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ମୁଖ୍ୟବକ୍ତା ଆଞ୍ଚଳିକ ମହିଳା କଲେଜ ପ୍ରିନ୍ସପାଲ ପ୍ରଦୀପ କୁମାର ପରମଗୁରୁ ସମ୍ମାନିତ ଅତିଥି ଭାବେ ରାମକୃଷ୍ଣ ପଟ୍ଟନାୟକ ଚାରିଟେବୁଲ ଟ୍ରଷ୍ଟ ପ୍ରତିଷ୍ଠାତା ତଦସା ତପସ୍ୱିନୀ, ପୂର୍ବତନ ଆସିକା ସାଂସଦ କୁମୁଦିନୀ ପଟ୍ଟନାୟକ, ଗୋପବନ୍ଧୁ ହାଇସ୍କୁଲ ଖେଳ ଶିକ୍ଷକ ଜ୍ଞାନ ରଞ୍ଜନ ଜାଲି, ଶିକ୍ଷକ ଅମୟ ରଞ୍ଜନ ଦାସ, ଅବସରପ୍ରାପ୍ତ ଶିକ୍ଷକ ଦୁର୍ଗାପ୍ରସାଦ ରଥ, ସୂର୍ଯ୍ୟନାରାୟଣ ପଟ୍ଟନାୟକ, ଦେବାଶିଷ ସ୍ୱାଇଁ ମଞ୍ଚାସିନ ହୋଇ କୁନିକୁନି ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଶିକ୍ଷା ଗ୍ରହଣ କରି ଭବିଷ୍ୟତରେ ଭଲ ନାଗରିକଟିଏ ହେବାପାଇଁ ପରାମର୍ଶ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ଟ୍ରଫି ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ସ୍କୁଲର ପ୍ରତିଷ୍ଠାତା ଅଜୟ କୁମାର ନାୟକ ଓ ତାଙ୍କ ସହଧର୍ମିଣୀ ରଶ୍ମିତା ସାହୁଙ୍କୁ ସ୍କୁଲ ପକ୍ଷରୁ ସମ୍ମାନିତ କରାଯାଇଥିଲା । ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍କୁଲର ସମ୍ପାଦକ ରବିନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଉତ୍କଳ ରଜକ କଲ୍ୟାଣ ସମାଜର ମକର ଓ ପୋଙ୍ଗଲ ମହୋତ୍ସବ

**କଟକ,୨୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଉତ୍କଳ ରାଜକ କଲ୍ୟାଣ ସମିତିର ମକର, ପୋଙ୍ଗଲ ପୂଜା ପ୍ରତିଷ୍ଠା ଦିବସ ପାଳିତ ହୋଇଛି । କଟକ ବିଦ୍ୟାଧରପୁର କମ୍ୟୁନିଟି ସେଣ୍ଟର ଠାରେ ଅଯୋଜିତ ଉତ୍ସବକୁ ସମାଜସେବୀ ପ୍ରଦୀପ ବେହେରା ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ପୂର୍ବରୁ ସମିତି କେବଳ ବିଭିନ୍ନ କାର୍ଯ୍ୟକ୍ରମ କରୁଥିଲା । ଆଉ ଏବେ ସମିତିର ପଞ୍ଜିକରଣ ହୋଇଥିବାରୁ ଆହୁରି ଉନ୍ନୟନମୂଳକ କାର୍ଯ୍ୟ କରାଯିବ । ଏଥସହିତ ରଜକ ମାନଙ୍କର ବିଭିନ୍ନ ମୌଳିକ ସମସ୍ୟା ଥିବାରୁ ସେମାନଙ୍କ ଦାବିକୁ ସରକାରଙ୍କ ନିକଟରେ ଉପସ୍ଥାପିତ କରାଯିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ କଟକର ବିଭିନ୍ନ ସାହିରେ ଥିବା ରଜକ ମୁରବିଙ୍କୁ ସମ୍ମାନିତ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ କଟକ ମେୟର ସୁବାଷ ସିଂ ଓ ଅତିଥି ଭାବେ ସମାଜସେବୀ ସୁକାନ୍ତ ସାହାଣୀ, ସମିତିର ସଭାପତି ବାପି ସେଠୀ,ସାଧାରଣ ସମ୍ପାଦକ ମୋହନ ସେଠୀ, କାର୍ଯ୍ୟକର୍ତ୍ତା ଙ୍କ ସମେତ ରଜକ ସମିତିର ପରିବାର ବର୍ଗ ଉପସ୍ଥିତ ଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯାଇଥିଲା ।

## ସାଧାରଣତନ୍ତ୍ର ଦିବସ ଲାଗି ପ୍ରସ୍ତୁତି

**କେନ୍ଦ୍ରାପଡ଼ା,୨୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଆୟବା ଗ୍ରାମ ପଞ୍ଚାୟତ ବରିଷ୍ଠ ନାଗରିକ ମଞ୍ଚର ଏକ ପ୍ରସ୍ତୁତି ବୈଠକ ଗଣ୍ଡାକିଆ ମଣି ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଶିକ୍ଷକ କୈଳାଶ ଚନ୍ଦ୍ର ସ୍ୱାଇଁଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଓଡିଶା ହାଇକୋର୍ଟର ସରକାରୀ ଆଇନଜିବୀ ଅବିନାଶ ପଣ୍ଡା ସମେତ ହୃଷୀକେଶ ସାହୁ, ନାନୁ ଚରଣ ଦାସ, ଅଲେଖ ସେଠୀ, ସ୍ୱାଧୀନ କୁମାର ସ୍ୱାଇଁ, ଅମୁଲ୍ୟ କୁମାର ସ୍ୱାଇଁ, ବିଜୟ କୁମାର ସ୍ୱାଇଁ ପ୍ରମୁଖ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କରିବା ପାଇଁ ସ୍ଥିର କରାଗଲା । ସାଧାରଣତନ୍ତ୍ର ଦିବସ ପାଳନ ସମୟରେ ଗୋବରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଗ୍ରହଣରେ ପତାକା ଉତ୍ତୋଳନ କରାଯିବା ପାଇଁ ସ୍ଥିର କରାଯାଇଛି । ସମସ୍ତ ବରିଷ୍ଠ ନାଗରିକମାନଙ୍କୁ ପତାକା ଉତ୍ତୋଳନ ବେଳେ ଉପସ୍ଥିତ ରହିବାକୁ ଓ ସମସ୍ତଙ୍କୁ ସୂଚନା ଦେବାକୁ ସ୍ଥିର କରାଗଲା ।

## ଆଖୁଆ ଦକ୍ଷିଣୀରେ ଧାନମଣ୍ଡି

**ମାର୍ଶାଘାଇ,୨୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ବ୍ଲକ ଆଖୁଆ ଦକ୍ଷିଣୀ ପ୍ରାଥମିକ କୃଷି ସମବାୟ ସମିତିରେ ମଙ୍ଗଳବାର ଧାନମଣ୍ଡି ଉଦଘାଟିତ ହୋଇଯାଇଛି । ଏହି ସମବାୟ ସମିତିରେ ଧାନ ବିକ୍ରୟ କରିବା ପାଇଁ ୧୩୭ଜଣ ଚାଷି ନାମ ପଞ୍ଜିକୃତ କରିଥିବା ବେଳେ ୫୭ଜଣ ଚାଷିଙ୍କ ଠାରୁ ୪୪୦ କ୍ୱିଣ୍ଟାଲ ଧାନ ପ୍ରଥମ ପର୍ଯ୍ୟାୟରେ କିଣିବା ପାଇଁ ସ୍ଥିର ହୋଇଥିବା ସମବାୟ ସମିତିର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି । ସଭାପତି ଶ୍ରୀ ଦାସ ଉଦଘାଟନ କରିବା ଅବସରରେ ଚାଷିମାନେ ପହଞ୍ଚି ଧାନ ବିକ୍ରୟ କରିଛନ୍ତି । ଏହି ଏଦଘାଟନି ଉତ୍ସବରେ ସମିତର ସମ୍ପାଦକ ବିଶ୍ୱଜିତ ବିକଙ୍କ ଉପସଭାନେତ୍ରୀ କନକଲତା ସ୍ୱଇଁଙ୍କ ସହିତ ନିର୍ଦ୍ଦେଶକ ବିଜୟ ସ୍ୱାଇଁ, ନିବାସ ନାୟକ, ବିଭୂତି ଭୂଷଣ ରାଉତ, ସନ୍ତୋଷ ନାୟକ, ସୁକାନ୍ତି ଜେନା, ଦୁର୍ଲ୍ଲଭ ଲେଙ୍କା, ପ୍ରତାପ ପରିଡା, ଶ୍ରୀନିବାସ ପରିଡା, ସଚିତ୍ର ପରିଡା, ପ୍ରଫୁଲ୍ଲ ମଲିକ, ରତ୍ନାକର ପଟ୍ଟନାୟକ, ପ୍ରବିଣ ପରିଡାଙ୍କ ସମେତ ଅଗ୍ରଣୀ ଚାଷି ଓ ସମିତିର କର୍ମଚାରୀମାନେ ଉପସ୍ଥିତ ରହିଥିଲେ । ଏହି ଅବସରରେ ସମବାୟ ସମିତିରେ ଚାଷିମାନେ କିପରି ସୁରୁଖୁରୁରେ ଧାନ ବକ୍ରୟ କରିପାରେବେ ସେଥିନେଇ ଏହ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା ।

## ଓଡିଶୀ ସଙ୍ଗୀତ ସମାରୋହ

**ପଟ୍ଟାମୁଣ୍ଡାଇ,୨୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପଟ୍ଟାମୁଣ୍ଡାଇ ଅଞ୍ଚଳର ସଙ୍ଗୀତାନୁଷ୍ଠାନ ସ୍ୱରତୀର୍ଥର ୧୧ତମ ବାର୍ଷିକୋତ୍ସବ ଓ ଭକ୍ତକବି ବନମାଳୀ ଦାସଙ୍କ ରଚିତ ଓଡ଼ିଶୀସଙ୍ଗୀତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ସ୍ୱରତୀର୍ଥ ସଭାପତି ଡ଼ାଃ ମନୋରଜନ ଦାଶଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ଅଧାପକ ମୋହନ ଚରଣ ଜେନା ମୁଖ୍ୟଅତିଥି, ପ୍ରାବନ୍ଧିକ ଡ଼ଃ ନୀଳମଣି ଲେଙ୍କା ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରାଚୀନ କାଳଜୟୀ ସାହିତ୍ୟ ହିଁ ଓଡ଼ିଶୀ ସଙ୍ଗୀତକୁ ରଦ୍ଧିମନ୍ତ କରିଛି । ଶିକ୍ଷାବିତ ନାରାୟଣ ଚନ୍ଦ୍ର ସାହୁ, ପତ୍ରକାର ଅନୀଲ୍ ଚୌଧୁରୀ ସଂଗୀତଗୁରୁ ବଟକୃଷ୍ଣ ଦାସ ସଂଗୀତଜ୍ଞ ବିମଳ ପ୍ରସାଦ ପରିଡା ଓ ଶିକ୍ଷାବିତ ବିଜୟ କୁମାର ସାହୁ ସମ୍ମାନିତଅତିଥି ଭାବେ ଯୋଗ ଦେଇଥିଲେ । ସ୍ୱରତୀର୍ଥ ଅଧ୍ୟକ୍ଷ ସଂଗୀତ ଗୁରୁ ରବୀନ୍ଦ୍ର ନାଥ ମିଶ୍ରଙ୍କ ନିର୍ଦ୍ଦେଶନାରେ କଣ୍ଠଶିଳ୍ପୀମାନେ ଭକ୍ତ କବି ବନମାଳୀ ଦାସଙ୍କ ରଚିତ ଓଡ଼ିଶୀ ସଙ୍ଗୀତ ପରିବେଷଣ କରିଥିଲେ । ଏଥିରେ ବାଦ୍ୟଶିଳ୍ପୀ ରଶ୍ମିରନ ମିଶ୍ର ସହଯୋଗ କରିଥିଲେ । ବାଦ୍ୟଗୁରୁ ଅମୃତ ରଞ୍ଜନ ଦାସଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ମିଉଜିକ ପରିବେଷଣ କରାଯାଇଥିଲା । ଏଥିରେ ନିଗମ ରଞ୍ଜନ ସାହୁ, ରାମକୃଷ୍ଣ ଦାଶ ଆରାଧନା ଦାଶ, ଅଲେଖ ଚନ୍ଦ୍ର ମହାଭୋଇ, ମହେନ୍ଦ୍ର ପଟନାୟକ ସୁବ୍ରତ ମଥାନ, ବ୍ରଜବନ୍ଧୁ ଦାଶ ରମେଶ ଦେ, ସଲୀଳ ପ୍ରଧାନ ପ୍ରମୋଦ ଦାସ, ବିଭୂତିଭୂଷଣ ବେହେରା, ଯଯାତି ସୂତାର, ପ୍ରଫୁଲ୍ଲ ନାୟକ ଓ ଜ୍ଞାନ ରନ ପରିଡା ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ସଂଗୀତ ଗୁରୁ ରବୀନ୍ଦ୍ରନାଥ ମିଶ୍ର ଧନ୍ୟବାଦ ଦେଇଥିଲେ ।

# ‘ସରକାରଙ୍କ ଚାଷୀମାରଣ ନୀତିକୁ ଆଉ ବରଦାସ୍ତ କରାଯିବନି’



**ଗୋପ,୨୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

ତତ୍‌କାଳୀନ ସରକାରଙ୍କ ସମୟରେ ଚାଷୀମାରଣ ନୀତି ଓ ଏକଛାତ୍ରବାଦ ବିରୁଦ୍ଧରେ କୃଷକ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ପ୍ରତ୍ୟେକ ଜିଲ୍ଲାରେ ରଣହୁଙ୍କାର ଦେଇଥିଲେ । ରାଜ୍ୟ ସେଥିପାଇଁ ୨୪ ବର୍ଷର ସରକାରକୁ ଗାଦିଚ୍ୟୁତ କରିଥିଲେ ସାଧାରଣ ଜନତା ଓ ଚାଷୀ ମୂଳିଆ । ଏବେ ରାଜ୍ୟରେ ନୂତନ ସରକାରଙ୍କ ଚାଷୀମାରଣ ନୀତିକୁ ଆଉ ବରଦାସ୍ତ କରାଯିବ ନାହିଁ । ସରକାର ଯଦି ଏହି ନୀତି ବନ୍ଦ ନକରନ୍ତି ଏବଂ ଚାଷୀଙ୍କ ସମସ୍ୟା ସମାଧାନ କ୍ଷେତ୍ର ଯତ୍ନବାନ ନହୁଅନ୍ତି ତେବେ ଆଗାମୀ ଦିନରେ ରାଜ୍ୟ ତଥା ଦେଶବ୍ୟାପୀ ଚାଷୀ ଆନ୍ଦୋଳନ ତୀବ୍ରତର ହେବ ।

ସେଥିପାଇଁ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଓଡିଶା ବନ୍ଦ ସମ୍ପର୍କ ଗୋପ ଠାରେ ଆୟୋଜିତ ଚାଷୀ ସମାବେଶରେ ରାଜ୍ୟ ସଭାପତି ଏକ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ କରିଥିଲେ ।

ଆସନ୍ତା ୨୮ ତାରିଖରେ ଏହାର ଏକ ଝଲକ ସାରା ରାଜ୍ୟରେ ଚାଷୀମାନେ ଦେଖାଇବେ ବୋଲି ବୁଧବାର ଗୋପ ଠାରେ ଥିବା ମା’ଦଶମଲ୍ଲୀ ଠାକୁରାଣୀଙ୍କ ନିକଟରେ ନବ ନିର୍ମାଣ କୃଷକ ସଂଗଠନ ଗୋପ ବ୍ଲକ ପକ୍ଷରୁ ଆୟୋଜିତ ହୋଇଥିବା ବିଶାଳ ଚାଷୀ ସମାବେଶରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ମତବ୍ୟକ୍ତ କରିଥିଲେ । ଏହି ସମାବେଶରେ ସରକାର କାଟନି ଛଟନି ବନ୍ଦ କରି ଧାନର ଉଚିତ ମୂଲ୍ୟ ଦେବା, ଏଫଏକ୍ୟୁ ମାନ କୋହଳ କରିବା, ସଠିକ୍ ସମୟରେ ମଣ୍ଡି ଖୋଲି ଚାଷୀମାନଙ୍କୁ ଦଲାଲଙ୍କ ଶୋଷଣରୁ ମୁକ୍ତି କରିବା, ସହଜ ସୁବିଧା ଓ କମ୍ ମୂଲ୍ୟରେ ଚାଷୀମାନଙ୍କୁ ସଠିକ ସମୟରେ ସାର ବିହନ ଯୋଗାଇ ଦେବା ଆଦି ଚାଷୀମାନଙ୍କ ବିଭିନ୍ନ ସମସ୍ୟାକୁ ଆଖିଆଗରେ ସରକାର ଚାଷୀମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବା ପାଇଁ ଚାଷୀମାନଙ୍କ ପକ୍ଷରୁ ସରକାରଙ୍କ ନିକଟରେ ଦାବି ହୋଇଥିଲା ।

ଏଥିରେ ସ୍ଥାନୀୟ ଅଞ୍ଚଳ ବରିଷ୍ଠ ବ୍ୟକ୍ତି ବିଶେଷମାନେ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରୁ ଶିକ୍ଷାବିତ୍ ଗଗନ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାଂଗଠନିକ ବୈଠକରେ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ରାଜ୍ୟ ଯୁବ ଛାତ୍ର ସଭାପତି ମନୋହର ଅଲ୍ଲୀ, ପୁରୀ ଜିଲ୍ଲା ସରପଞ୍ଚ ସଂଘ ସଭାପତି ତଥା ଗୋପ ବ୍ଲକ ନୂଆଖୋଲମରା ପଞ୍ଚାୟତ ସରପଞ୍ଚ ଉପେନ୍ଦ୍ର କାନୁନଗୋ, ଗୋପ ବ୍ଲକ ଛାତ୍ର ନେତା ବୁଟୁନା ସେନାପତି, ଚାଷୀନେତା ଆର୍ତ୍ତତ୍ରାଣ ପରିଡା, ଅକ୍ଷୟ ବରାଳ ତପନ କୁମାର ପରିଡା, ଲୁଲିଆ ନାୟକ, ଆର୍ତ୍ତବନ୍ଧୁ ପ୍ରଧାନ, ଅଜୟ ସ୍ୱାଇଁ, ସନ୍ତୋଷ ସେଠି, ପ୍ରମୋଦ ରାଉତରାୟ ବିମ୍ବାଧର ବରାଳ, ଭୀମସେନ ସ୍ୱାଇଁ, ଫକନ ଜେନା, ରଶ୍ମିରଞ୍ଜନ ରାଉତରାୟ, ସରୋଜ ପଟ୍ଟନାୟକ, ଦୀପ୍ତି ରଞ୍ଜନ ସେଠୀ, ମଧୁ ସୂଦନ ଭୋଳ ପ୍ରମୁଖ ଯୋଗଦେଇ ଚାଷୀଙ୍କ ହକ୍ ପାଇଁ ସରକାର ମତ ପରିବର୍ତ୍ତନ ନକଲେ ଆଗାମୀ ଦିନରେ ଲଢ଼େଇ ଜାରି ରହିବ ବୋଲି ଆଲୋକପାତ କରିଥିଲେ ଓ ଏହି ସମାବେଶରେ ୪ଶହରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ ।

## ଜଙ୍ଗଲ ଅଧିକାର ଆଇନକୁ କାର୍ଯ୍ୟକାରୀ କରିବାକୁ ଦାବି



**ଯାଜପୁର,୨୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଜଙ୍ଗଲ ଅଧିକାର ଆଇନକୁ ଠିକ୍ ଢ଼ଙ୍ଗରେ କାର୍ଯ୍ୟକାରୀ କରି ଜଙ୍ଗଲ ଜମି ଉପରେ ନିର୍ଭର କରୁଥିବା ପରିବାରକୁ ଜମି ଅଧିକାର ସ୍ୱୀକୃତି ପ୍ରଦାନ କରିବା ଦାବି ନେଇ ବୁଧବାର ଦିନ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । କୋରେଇ ବ୍ଲକ ବ୍ୟାସନଗର ତହସିଲ ଅଧିନ ଗହିରାଗାଡ଼ିଆ (ଭାଲୁକାହୁଡ଼ି) ଗ୍ରାମର ଅନୁସୂଚୀତ ଜନଜାତି ଶାନ୍ତାଳ ସମାଜ ଓ ସିଭିଲ ସୋସାଇଟି ସଭ୍ୟ/ସଭ୍ୟା ଏକ ପାରମ୍ପାରିକ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଜଙ୍ଗଲ ଜମି ଉପରେ ନିର୍ଭର କରି ବସତି ସ୍ଥାପନ କରିବା ସହ ଧାନ ଚାଷ ଠାରୁ ଆରମ୍ଭ କରି ବିଭିନ୍ନ ଚାଷ କରୁଥିଲେ ମଧ୍ୟ ଅଦ୍ୟାବଧି ପଟା ମିଳିନାହିଁ । ଏ ନେଇ ୨୦୨୩ ମସିହା ସେପ୍ଟେମ୍ବର ୨୨ ତାରିଖରେ ଜମି ଅଧିକାର ସ୍ୱୀକୃତି ପତ୍ର (ପଟା) ଆବେଦନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଏ ନେଇ ସ୍ଥାନୀୟ ଆରଆଇ, ତହସିଲଦାର, ସମାଜ ମଙ୍ଗଳ ବିଭାଗ ଓ ଜଙ୍ଗଲ ବିଭାଗକୁ ପତ୍ର ମାଧ୍ୟମରେ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଜଙ୍ଗଲ ଅଧିକାର ଆଇନର ନିର୍ଦ୍ଦେଶାବଳୀ ଆଧାରରେ ଜଙ୍ଗଲ ଜମି ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା ପରିବାରକୁ ଚିହ୍ନଟ କରି ଦାଖଲ ଜମି ଅଧିକାର ସ୍ୱୀକୃତି (ପଟା) ଦେବାକୁ ନିୟମ ରହିଛି । ଦୁଇ ଦୁଇଥର ଆବେଦନ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ପ୍ରତି ପରିବାରକୁ ଆଇନ ଅନୁଯାୟୀ ଜମି ପଟା ଯୋଗାଇ ଦିଆଯିବାର ନିୟମ ଥିଲେ ମଧ୍ୟ ତାହା କରାଯାଇନାହିଁ । ଗୋହିରାଗଡ଼ିଆ, ଭାଲୁକାହୁଡ଼ି ଗ୍ରାମର ୯୦ରୁ ଊର୍ଦ୍ଧ୍ୱ ପରିବାର ପଟା ପାଇବାରୁ ବଞ୍ଚିତ ହୋଇ କାଳାତିପାତ କରୁଛନ୍ତି । ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ଅନୁସୂଚୀତ ଜନଜାତି ଶାନ୍ତାଳ ସମାଜ ସଭାପତି ଚୁଡ଼ାମଣି ସୋରେନ, ସିଭିଲ ସୋସାଇଟି ଫୋରମ ସମ୍ପାଦକ ବିଶ୍ୱନାଥ ପାତ୍ର, ଧନେଶ୍ୱର କିସ୍କୁ ସମେତ ଶତାଧିକ ଅନୁସୂଚୀତ ଜନଜାତି ଓ ଶାନ୍ତାଳ ସମାଜର ସଭ୍ୟ/ସଭ୍ୟା ଉପସ୍ଥିତ ଥିଲେ ।

## ଦୁଇଦିନିଆ ବୃତ୍ତିଗତ ମାର୍ଗ ଦର୍ଶନ ପ୍ରଶିକ୍ଷଣ

**ବେତନଟୀ,୨୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ସହ ଭାଗିତାରେ ବେତନଟୀ ବ୍ଲକ ହେଡ କ୍ୱାଟାର ରେ ଅବସ୍ଥିତ ସଠିଲୋ ଉଚ୍ଚ ବିଦ୍ୟାଳୟରେ ବେତନଟୀ ଓ ବଡ଼ସାହି ଦୁଇଟି ବ୍ଲକ ଅଧିନସ୍ଥ ମାଧ୍ୟମିକ ଓ ଉଚ୍ଚ ବିଦ୍ୟାଳୟମାନଙ୍କର ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ନେଇ ବୃତ୍ତି ଗତ ମାର୍ଗ ଦର୍ଶନ (କ୍ୟାରିଅର ଗାଇଡେନ୍ସ) ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ବୃତ୍ତିଗତ କର୍ମଶାଳାକୁ ବେତନଟୀ ବ୍ଲକ୍ ବିଇଓ ବିପ୍ଳବ କର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିବା ବେଳେ ଏବିଇଓ ଅପର୍ଣ୍ଣା ସାହୁ ଏବଂ ସଠିଲୋ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନରହରି ମହାନ୍ତ ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଏହି କର୍ମଶାଳାର ଆଭିମୁଖ୍ୟ ସଂପର୍କରେ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ସୂଚନା ପ୍ରଦାନ ସହିତ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତ କର୍ମ ପନ୍ଥା



ନେଇ ରୁଚି ଅନୁସାରେ ନିଜର ବୃତ୍ତି ଚୟନ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ । ରାଷ୍ଟ୍ର ନିର୍ମାଣରେ ଦେଶର ଛାତ୍ରଛାତ୍ରୀମାନଙ୍କରେ ଗୁରୁ ଦାୟିତ୍ୱ ଥିବା ବେଳେ କେବଳ ପୁସ୍ତକଗତ ଜ୍ଞାନ ସେମାନଙ୍କ ଭବିଷ୍ୟତ ଗଠନରେ ସହାୟକ ହୋଇ ପାରିବ ନାହିଁ ବୋଲି କହିବା ସହିତ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ଶିକ୍ଷକ ଶିକ୍ଷୟତ୍ରୀମାନେ ସେ ବିଷୟରେ ସଚେତନ ହୋଇ ମାର୍ଗ ଦର୍ଶନ ଦେଲେ ଛାତ୍ରଛାତ୍ରୀମାନେ ସଫଳତା ହାସଲ କରି ପାରିବେ । ଏହି ବୃତ୍ତିଗତ ମାର୍ଗ ଦର୍ଶନ କର୍ମଶାଳାରେ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୁବୋଧ କୁମାର ସାହୁ ତାଳପଦା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ଶିକ୍ଷକ ଦେବରାଜ ନାୟକ ଏବଂ ପଦ୍ମଲୋଚନ ଉଚ୍ଚ ବିଦ୍ୟାଳୟ ବଡ ଛତ୍ରୁଣୀର ଶିକ୍ଷୟତ୍ରୀ ମଲ୍ଲିକା କିସ୍କୁ ପ୍ରମୁଖ ତାଲିମଦାତା ଭାବେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବଡ଼ସାହି ବେତନଟୀ ଦୁଇଟି ବ୍ଲକରୁ ୫୪ଜଣ ଶିକ୍ଷକ ଶିକ୍ଷୟତ୍ରୀ ଅଂଶଗ୍ରହଣ କରିଥିଲେ । ଉଦଯାପନ ଦିବସରେ ସଠିଲୋ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରହରି ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୂଚନା ଅଧିକାର ଆଇନକୁ ବେଖାତିର

**ଭୁବନେଶ୍ୱର,୨୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସୂଚନା ଆୟୋଗ ନିକଟରେ ସୂଚନା ଅଧିକାର ଆଇନ, ଧାରା ୨୦୦୫ର ଧାରା ୧୯(୧)ର ଅନୁସରଣ ନ କରିଥିବା ଅଭିଯୋଗରେ ସମବାୟ ନିବନ୍ଧକ, ଓଡ଼ିଶାଙ୍କ ଅଧୀନସ୍ଥ କାର୍ଯ୍ୟାଳୟର ସଂଯୁକ୍ତ ସମବାୟ ନିବନ୍ଧକ ପ୍ରମୋଦ କୁମାର ସାହୁଙ୍କ ବିରୋଧରେ ଏକ ଅଭିଯୋଗ ଆରଟିଆଇ କମିସନ ପାଖରେ ଦାଖଲ କରାଯାଇଛି । ଆରଟିଆଇ ଆଇନ ସମ୍ପର୍କରେ ପ୍ରଯାପ୍ତ ଜ୍ଞାନ ଓ ଅଭିଜ୍ଞତା ନଥିବା ଏକ ବ୍ୟକ୍ତିଙ୍କୁ ଜେଆର୍‌ସିଏସ୍ ଭଳି ଆଇନଗତ ଓ ସାମ୍ବିଧାନିକ ଦାୟିତ୍ୱ ଅର୍ପଣ କରାଯିବା ଉପରେ ଗୁରୁତର ଆଇନଗତ ପ୍ରଶ୍ନ ଉଠାଯାଇଥିବା ଜଣାପଡିଛି । ସୂଚନା ଅନୁସାରେ ପ୍ରମୋଦ କୁମାର ସାହୁ ଜେଆର୍‌ସିଏସ୍ ନିର୍ଦ୍ଧାରିତ ତାରିଖ ଓ ସମୟ ଅନୁସାରେ ଲୁଚିଗଲେ ବୋଲି ଗୁରୁତର ଅଭିଯୋଗ କରିଛନ୍ତି ନିଖିଳ ଓଡ଼ିଶା ସମବାୟବିତ ସଂଘର ଅଧକ୍ଷ ରଞ୍ଜନ କୁମାର ଦାସ । ଜେଆର୍‌ସିଏସ୍‌ଙ୍କ ପକ୍ଷରୁ ଘଟିଥିବା ଅକାରଣ ନିଷ୍କ୍ରିୟତା, ଆର୍‌ଟିଆଇ ଆବେଦନ ଓ ମାମଲାରେ ପାରଦର୍ଶିତାର ଅଭାବ ଯୋଗୁ ଏହା ହୋଇଛି ବୋଲି ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ଦାସ । ଏହି ଘଟଣାକୁ ଅତ୍ୟନ୍ତ ଗୁରୁତର ସହ ବିଚାର କରି ତୁରନ୍ତ ତାଙ୍କ ପଦବୀରୁ ବହିଷ୍କୃତ କରିବା ପାଇଁ ଦାସ ସମବାୟ ନିବନ୍ଧକ, ଓଡ଼ିଶାଙ୍କ ଠାରେ ମଧ ଏକ ଲିଖିତ ଅଭିଯୋଗ କରିଛନ୍ତି । ଏହାକୁ ତୁରନ୍ତ ତଦନ୍ତ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି । ଓଡ଼ିଶାର ସାଧାରଣ ଜନତା ସୂଚନା ଅଧିକାର ଆଇନ ଅନୁଯାୟୀ ଦାୟିତ୍ୱବୋଧ, ପାରଦର୍ଶିତା ଓ ଆଇନଗତ କାର୍ଯ୍ୟାନୁଷ୍ଠାନ କ’ଣ ହୋଉଛି ତାହା ଏବେ ସମସ୍ତଙ୍କ ନଜର ।

## ଏନ୍‌ଆରଟିଏସ୍ ପରୀକ୍ଷା ଫଳ ପ୍ରକାଶ

**ବୁଗୁଡ଼ା,୨୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଜାତୀୟ ଗ୍ରାମୀଣ ମେଧାବୃତ୍ତି (ଏନ୍‌ଆରଟିଏସ୍) ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ବୁଗୁଡା ଅଞ୍ଚଳର କୃତି ଛାତ୍ରଛାତ୍ରୀମାନେ ଉତ୍ସାହିତ ହୋଇ ଉଠିଛନ୍ତି । ପ୍ରକାଶିତ ୧୦ ଜଣିଆ କୃତି ଛାତ୍ରଛାତ୍ରୀଙ୍କ ତାଲିକା ମଧ୍ୟରେ ଖୋଳଖାଳି ହାଇସ୍କୁଲର ସ୍ମୃତି ଶ୍ରୀୟା ନାୟକ-୧ମ, ଗାୟତ୍ରୀ ନାଇକ-୬ଷ୍ଠ ଓ ସୁଇଟି ନାଇକ-୮ମ, ସୋରଡ ହାଇସ୍କୁଲର ରାହୁଲ ସେଠୀ-୨ୟ ଓ ଦିତିକୃଷ୍ଣ ବଡ଼େଇ-୧୦ମ, ବି.କରଡ଼ାବାଡ଼ି ହାଇସ୍କୁଲର ହିମାଂଶୁ ଶେଖର ପ୍ରଧାନ-୩ୟ, ମୋଟାବାଡ଼ି ହାଇସ୍କୁଲର ସ୍ମୃତି ରଞ୍ଜନ ବିଷୋୟୀ-୪ର୍ଥ , ବିରଞ୍ଚିପୁର ହାଇସ୍କୁଲର ଶୁଭମ୍ କୁମାର ପାତ୍ର-୫ମ ଓ ରୁଦ୍ର ସେଠୀ-୭ମ, ସଙ୍କୁରୁ ହାଇସ୍କୁଲର ଆଦର୍ଶୀ ରାଣୀ ପାତ୍ର-୯ମ ସ୍ଥାନରେ ରହିଛନ୍ତି ।

## ଖୋଲିଲା ଧାନମଣ୍ଡି

**ଢେଙ୍କାନାଳ,୨୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଗଦାଶିଳା ପଞ୍ଚାୟତରେ ଅଦ୍ୟ ଗଦାଶିଳା ପ୍ରାଥମିକ କୃଷି ସମବାୟ ସମିତି ଲିଃ ପକ୍ଷରୁ ଧାନମଣ୍ଡି ଖୋଲାଯାଇଛି । ଏଥିରେ ଓଡାପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡି.କେ. ଷଡଙ୍ଗୀ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଫିତା କାଟି ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତଥି ଭାବେ ଅନୁଗୁଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ନିର୍ଦ୍ଦେଶକ ନରୋତମ ସାହୁ, ଜିଲ୍ଲାପରିଷଦ ସଭ୍ୟ ବାଳକୃଷ୍ଣ ସାହୁ, ସମିତି ସଭାନେତ୍ରୀ ଅନୁସୟା ସାହୁ ଓ ସଂପାଦକ ଶ୍ରୀକାନ୍ତ ବେହେରା ସଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ନଡିଆ ଭାଙ୍ଗି ଶୁଭାରମ୍ଭ କରିଥିଲେ । ଗଦାଶିଳା ପ୍ରାଥମିକ କୃଷି ସମବାୟ ସମିତି ଲିଃର ସମସ୍ତ ପରିଚାଳନା ପରିଷଦର ସଭ୍ୟ/ସଭ୍ୟା ଉପସ୍ଥିତ ରହି ସହଯୋଗ କରିଥିଲେ । ଆଜି ପ୍ରାୟ ୨୭ଜଣ ଚାଷୀଙ୍କ ଠାରୁ ୮୦୦ କ୍ୱିଂଟାଲ୍ ଧାନ କିଣାଯିବାର ଧାର୍ଯ୍ୟ ରଖାଯାଇଛି । ବହୁଦିନ ପରେ ଧାନମଣ୍ଡି ଖୋଲା ଯାଇଥିବାରୁ ଚାଷିମାନେ ଧନ ବିକ୍ରି କରି ବହୁତ ଆନନ୍ଦ ପ୍ରକଟ କରିଛନ୍ତି ।

## କିସ୍‌ରେ ପ୍ରୌଢ଼ ଶିକ୍ଷା ସମ୍ମିଳନୀ




**ଭୁବନେଶ୍ୱର,୨୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

କିସ୍‌ରେ ଆଜି ସର୍ବଭାରତୀୟ ପ୍ରୌଢ଼ ଶିକ୍ଷା ସମ୍ମିଳନୀ ଆରମ୍ଭ ହୋଇଛି । ସାମଗ୍ରିକ ଜାତୀୟ ବିକାଶରେ ପ୍ରୌଢ଼ ଶିକ୍ଷାର ଭୂମିକା ଉପରେ ଆଲୋଚନା ନିମନ୍ତେ ଏହି ସମ୍ମିଳନୀରେ ଶିକ୍ଷାବିତ୍, ନୀତି ନିର୍ଦ୍ଧାରକ ଏବଂ ପ୍ରୌଢ଼ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଏଥିରେ ଯୋଗ ଦେଇଛନ୍ତି । ଏହି ସମ୍ମିଳନୀ ଭାରତୀୟ ପ୍ରୌଢ଼ ଶିକ୍ଷା ସଂଘ ଓ କିସ୍‌ର ମିଳିତ ସହଯୋଗରେ ଅନୁଷ୍ଠିତ ହେଉଛି । ଏହି ଅବସରରେ ଭାରତୀୟ ପ୍ରୌଢ଼ ଶିକ୍ଷା ସଂଘ ପକ୍ଷରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନୀତ କରାଯାଇଥିଲା । ପ୍ରୌଢ଼ ଶିକ୍ଷା କ୍ଷେତ୍ରରେ ଶ୍ରୀ ସାମନ୍ତଙ୍କ ଅବଦାନ ନିମନ୍ତେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ସାମନ୍ତ କହିଲେ, ଶିକ୍ଷା ମାଧ୍ୟମରେ ସାମାଜିକ ପରିବର୍ତ୍ତନକୁ ଗୁରୁତ୍ୱ ଦେଇ ସେ ଦୀର୍ଘ ୩୦ବର୍ଷ ହେଲା ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରିଆସୁଛନ୍ତି । ଆନୁଷ୍ଠାନିକ ଶିକ୍ଷା ସହ ପ୍ରୌଢ଼ ଶିକ୍ଷା କ୍ଷେତ୍ରରେ କିଟ୍ ଓ କିସ୍‌ର ଉଲ୍ଲେଖନୀୟ ଯୋଗଦାନ ରହିଛି ବୋଲି ସେ କହିଥିଲେ । ଏ ନେଇ ଶ୍ରୀ ସାମନ୍ତ କିସ୍‌ରେ ଅନୁସୃତ ମଡ଼େଲ୍ ସମ୍ପର୍କରେ ଉଲ୍ଲେଖ କରି କହିଥିଲେ, ଶ୍ରେଣୀଗୃହ ବାହାରେ ଶିକ୍ଷାକୁ ପହଞ୍ଚାଇବା ପାଇଁ କିସ୍‌ର ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରାଯାଇଥାଏ । ପ୍ରତିବର୍ଷ ବିଦ୍ୟାଳୟ ଛୁଟି ସମୟରେ ଛାତ୍ରଛାତ୍ରୀମାନେ ନିଜ ନିଜ ଗାଆଁକୁ ଫେରିବା ବେଳେ ସେମାନଙ୍କୁ ନିଜ ଗାଁରେ ଅତିକମ୍‌ରେ ୧୦ଜଣ ନିରକ୍ଷରଙ୍କୁ ସାକ୍ଷର କରିବା ପାଇଁ ପରାମର୍ଶ ଦିଆଯାଇଥାଏ । ତୃଣମୂଳ ସ୍ତରରେ ଯେତେବେଳେ ଶିକ୍ଷା ପହଞ୍ଚେ ଏହା ବହୁ ଗୁଣିତ ହୋଇଥାଏ ବୋଲି ସେ କହିଥିଲେ । ଏଥିସହ ଶ୍ରୀ ସାମନ୍ତ ଜନଜାତି ଶିକ୍ଷା, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟ ସେବା, ବୃତ୍ତିଗତ ଶିକ୍ଷା କ୍ଷେତ୍ରରେ କିଟ୍ ଓ କିସ୍‌ର ଉଲ୍ଲେଖନୀୟ ଯୋଗଦାନ ଉପରେ ଆଲୋକପାତ କରିଥିଲେ । ପ୍ରୌଢ଼ ଶିକ୍ଷା ସାମାଜିକ ପରିବର୍ତ୍ତନର ଏକ ପ୍ରମୁଖ ମାଧ୍ୟମ ବୋଲି ସେ କହିଥିଲେ । ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ପ୍ରୌଢ଼ ଶିକ୍ଷା ସଂଘର ସଭାପତି ପ୍ରଫେସର ଏଲ୍. ରାଜା, ସାଧାରଣ ସମ୍ପାଦକ ସୁରେଶ ଖଣ୍ଡେଲ୍‌ୱାଲ, ଆଇଏଇଏର ନିର୍ଦ୍ଦେଶକ ପ୍ରଫେସର ରାଜେଶ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ ପ୍ରମୁଖ ଉପସ୍ଥିତ ଥିଲେ । ସାଧାରଣ ଲୋକଙ୍କ ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା, ଅଜ୍ଞତା ଓ ନିରକ୍ଷରତା ଦୂରକରିବା, ଆନ୍ତଃ ରାଜ୍ୟ ସହଯୋଗକୁ ପ୍ରୋତ୍ସାହିତ କରିବା, ସାଧାରଣ ଲୋକଙ୍କ ପାଇଁ ପଠନ ସାମଗ୍ରୀ ପ୍ରସ୍ତୁତ ଓ ବଣ୍ଟନ ଏବଂ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ପ୍ରୌଢ଼ ଶିକ୍ଷା କ୍ଷେତ୍ରରେ ପ୍ରତ୍ୟକ୍ଷ ଭାବେ ଅଂଶ ଗ୍ରହଣ କରିବା ପାଇଁ ଉତ୍ସାହିତ କରିବା ହେଉଛି ଭାରତୀୟ ପ୍ରୌଢ଼ ଶିକ୍ଷା ସଂଘର ପ୍ରମୁଖ କାର୍ଯ୍ୟ ।

## ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା



**ମାହାଙ୍ଗା,୨୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ହଳଦିଆ ପଞ୍ଚାୟତସ୍ଥିତ ସରକାରୀ ।ପ୍ରାଥମିକ ବିଦ୍ୟାଳୟ ନାରୀଜଙ୍ଗର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ।ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦ୍ୟୁମ୍ନ ବାରିକଙ୍କ ଅଧକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ମା’ସାରଳା ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଚିତରଞ୍ଜନ ନାୟକ, ସମ୍ମାନିତ ଅତିଥିଭାବେ ସିଆରସିସି ଦିଲ୍ଲିପ କୁମାର ଜଟ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଣ୍ଟୁ ମଲିକ ପ୍ରମୁଖ ଯୋଗଦେଇ କ୍ରୀଡା ହେଉଛି ଶିକ୍ଷାର ଏକ ଅଙ୍ଗ । ତେଣୁ ପ୍ରତ୍ୟେକ ଛାତ୍ରଛାତ୍ରୀମାନେ କ୍ରୀଡାରେ ଭାଗ ନେବା ଉଚିତ । ଏହାଦ୍ୱାରା ପ୍ରତିଯୋଗୀମାନଙ୍କର ଅର୍ନ୍ତନିହିତ ଗୁଣାବଳୀର ପରିପ୍ରକାଶ ହୋଇଥାଏ ବୋଲି କହି ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ । କ୍ରୀଡାବିତ ରମେଶ ଚନ୍ଦ୍ର ସାହୁ ଖେଳ ପରିଚାଳନା କରିଥିଲେ । ବରିଷ୍ଠ ଶିକ୍ଷକ ଭାଗ୍ୟଧର ରାଉତ ଅତିଥି ପରିଚୟ ଓ ସ୍ୱଗତ ଭାଷଣ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜୟନ୍ତୀ ପ୍ରଧାନ, ଗୀତାଞ୍ଜଳି ମଲିକ, ରମା ମଲିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା ।

# କଇଁଛଙ୍କ ସୁରକ୍ଷା ନାଁରେ ବନ ବିଭାଗ ମାଲାମାଲ୍ !

**କେନ୍ଦ୍ରାପଡ଼ା,୨୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଅଲିଭ ରିଡଲେ କଇଁଛଙ୍କ ପ୍ରଜନନକୁ ସୁରକ୍ଷିତ କରିବା ପାଇଁ ନଭେମ୍ବର ମାସ ପହିଲାରୁ ଆସନ୍ତା ମଇ ମାସ ଶେଷ ପର୍ଯ୍ୟନ୍ତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳକୁ ନିଷେଧାଞ୍ଚଳ ଭାବେ ଘୋଷଣା ହୋଇଛି । ଫଳରେ ତଟରୁ ୨୦କିମି ପର୍ଯ୍ୟନ୍ତ ସମୁଦ୍ର ଭିତରରେ ମାଛଧରାକୁ ସଂପୂର୍ଣ୍ଣ ବନ୍ଦ କରାଯାଇଛି । ହେଲେ ଏହି କଟକଣା କେବଳ କାଗଜପତ୍ରରେ ରହିଛି । ବରଂ ଏହାଦ୍ୱାରା ମହାକାଳପଡ଼ା ବନ ବିଭାଗ ଯାହା କଟେପୁଅବାର ସ୍ଥିତି ହୋଇଛି । ଅବକାରୀ ବିଭାଗ ଚୋରା ମଦ କାରବାର ଉପରେ ନଜର ରଖିବାଭଳି ବନ ବିଭାଗ ବୋଟ୍ ଓ ଟ୍ରଲରମାନଙ୍କର ମାଛଧରା ଉପରେ ନଜର ରଖି ଯାହା ମାଲାମାଲ ହେବା ହିଁ ସାର ହୋଇଛି । ଏହି ନିଷେଧାଦେଶ କାଳରେ ମହାକାଳପଡ଼ାର ଲାଇସେନ୍ସପ୍ରାପ୍ତ ୧୬୫୬ମୋଟର ବୋଟ୍ ୪୪୭ଟି ଦେଶୀ ଡ଼ଙ୍ଗା ମଧ୍ୟରୁ କାଁ ଭାଁ ଛାଡ଼ିଦେଲେ ଅଧିକାଂଶ ବୋଟ୍ କୌଣସି ଜେଠି ନିକଟରେ ଦେଖିବାକୁ ନମିଳିବା ଲୁଚୁଛି ନା ଗୋଡ଼ ଦୁଇଟା ଦିଶୁଛି ଭଳି ବନ ବିଭାଗର ଅସଲି ସ୍ୱରୂପକୁ ପଦାରେ ପକାଇ ଦେଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବତୀଘରର ୩୬୭ଟି ମୋଟର ଚାଳିତ ଡ଼ଙ୍ଗା ଓ ୯୦ଟି ଦେଶୀ ଡ଼ଙ୍ଗାକୁ ମାଛ ମାରିବା ପାଇଁ ଲାଇସେନ୍ସ ମିଳିଥିବାବେଳେ ଖରିନାସୀର ୫୦୩ଟି ମୋଟର ଚାଳିତ ଡ଼ଙ୍ଗା ଓ ୫୬ଟି ଦେଶୀ ଡ଼ଙ୍ଗା, ଜମ୍ବୁର ୭୩୪ଟି ମୋଟର ଚାଳିତ ଡ଼ଙ୍ଗା ଓ ୩୦୦ଟି ଦେଶୀ ଡ଼ଙ୍ଗା, ତନ୍ତିଆପାଳର ୩୪ମୋଟର ଚାଳିତ ଡ଼ଙ୍ଗା ଏବଂ କଣ୍ଡରାପାଟିଆର ୧୮ଟି ମୋଟର ଚାଳିତଡ଼ଙ୍ଗାକୁ ମାଛ ମାରିବା ପାଇଁ ଲାଇସେନ୍ସ ମିଳିଛି । ସଂପ୍ରତି ମାଛ ଧରା ଉପରେ କଟକଣା ଥିବାରୁ ଏହି ସବୁ ଡ଼ଙ୍ଗା ଜେଠିରେ ରହିବା କଥା । କିନ୍ତୁ ବନ ବିଭାଗର ଜ୍ଞାତସାରରେ ମୋଟର ଚାଳିତ ଡ଼ଙ୍ଗା ଗୁଡ଼ିକ ସମୁଦ୍ରକୁ ଯାଇ ନିୟମିତ ମାଛ ମାରୁଛନ୍ତି । ଏପରିକି ସାଧାରଣ ଭାବେ ଏଗୁଡ଼ିକ ୪ଦିନରୁ ୭ଦିନ ସମୁଦ୍ର ଭିତରରେ ରହି ମାଛ ମାରିବା ସହିତ ପାରାଦ୍ୱୀପ ଦେଇ ବାହାରକୁ ମାଛ ଚାଲାଣ କରୁଛନ୍ତି । ଆଉ ଦେଶୀ ଡ଼ଙ୍ଗା ଗୁଡ଼ିକ ପୂର୍ବପରି ତଟାଞ୍ଚଳରେ ବୁଲି କଙ୍କଡ଼ା ଧରିବା ସହିତ ବେଡ଼ଜାଲ ଦେଇ ମାଛ ଧରୁଛନ୍ତି । ସେହିପରି ସ୍ଥାନୀୟ ଟ୍ରଲର ଗୁଡ଼ିକ ସହିତ ଭଦ୍ରକ ଜିଲ୍ଲାର ଶହ ଶହ ଟ୍ରଲର ଗଭୀର ସମୁଦ୍ରରେ ପଶି ମାଛ ଧରୁଛନ୍ତି । ସମୁଦ୍ର ମଧ୍ୟରେ ମାଛର କାରବାର ହେଉଛି । ହୁକିଟୋଲା ଓ ମାଦେଳୀ ଦ୍ୱୀପ ଏମାନଙ୍କ ମାଛ କାରବାରର ପେଣ୍ଠ ପାଲଟିଛି । କଟକଣା ଲାଗୁ ହେବା ହେବା ପୂର୍ବରୁ ପ୍ରତିବର୍ଷ ଭଳି ଉଚ୍ଚସ୍ତରରେ ହେଉଥିବା ଡ଼ିଲ୍ କ୍ରମେ ବହୁ ଟ୍ରଲର ନିଷିଦ୍ଧାଞ୍ଚଳରେ ଅନାୟସରେ ମାଛମାରୁଛନ୍ତି । ଆଉ ମୋଟର ବୋଟ୍ ଓ ଦେଶୀ ଡ଼ଙ୍ଗାମାନେ ସ୍ଥାନୀୟ ବନବିଭାଗ ପଦାଧିକାରୀ କର୍ମଚାରୀଙ୍କୁ ମାସିକିଆ ପାଉଣା ଦେଇ ମାଛ ମାରୁଛନ୍ତି । ସାମୁଦ୍ରିକ ପୋଲିସର ମଧ୍ୟ ଏହାଦ୍ୱାରା ହାତ ଚିକ୍କଣ ହେଉଛି । ନିହାତି ଅକଳିରେ ପଡ଼ିଲେ କିମ୍ବା ଡ଼ିଲ୍‌ରେ ନଥିବା ଜାଣିଲେ ବନ ବିଭାଗ କାଁ ଭାଁ ଟ୍ରଲର ଓ ବୋଟ୍‌କୁ ଜବତ କରିବା ସହିତ ତାଙ୍କୁ ବଞ୍ଚାଇବା ପାଇଁ ସାମାନ୍ୟ କିଛି ମାଛଦେଖାଇ କ୍ୱିଣ୍ଟାଲ କ୍ୱିଣ୍ଟାଲ ମାଛ ଖସେଇ ଦେଉଛନ୍ତି । ଆଉ ଦିନ କେଇଟାରେ ଜବତ ଟ୍ରଲର ଓ ବୋଟ୍ ରିଲିଜ୍ ହୋଇ ପୁଣି ମାଛଧରାରେ ଲାଗିପଡୁଛନ୍ତି । ଅତଏବ ନିଷେଧାଦେଶ ପ୍ରହସନରେ ପରିଣତ ହୋଇଛି । ଅଧିକନ୍ତୁ ବନ ବିଭାଗ ଅଧିକାରୀ ଓ ସାମୁଦ୍ରିକ ଥାନା ପୋଲିସ କଇଁଛଙ୍କ ସୁରକ୍ଷା କଥାକୁ ଭୁଲି ଟ୍ରଲର ଓ ବୋଟ୍ ଗୁଡ଼ିକୁ ସୁରକ୍ଷିତ ମାଛ ଧରିବା ପାଇଁ ଯାହା କରିବା କଥା କରୁଥିବା ଅଭିଯୋଗ ହେଉଛି । ତେବେ କଇଁଛଙ୍କ ସୁରକ୍ଷା ନେଇ ବନ ବିଭାଗ ପକ୍ଷରୁ କୁହାଯାଉଛି ଯେ, ବନ୍ୟଜନ୍ତୁ ସଂରକ୍ଷଣ ଆଇନ-୧୯୭୨ ଓ ଓଡିଶା ମେରାଇନ ଫିସର ରେଗୁଲେସନ ଆକ୍ଟ -୧୯୮୨ ଅନୁଯାୟୀ ନିଷେଧାଞ୍ଚଳ କଟକଣାକୁ ଚଳିତ ବର୍ଷ କଡାକଡି କରାଯାଇଛି ।

## କ୍ୟାସଲେସ ହେଲା ସିଡ଼ିଏ




**କଟକ,୨୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଡିଜିଟାଲ ପ୍ରଶାସନକୁ ପ୍ରୋତ୍ସାହିତ କରିବା ଏବଂ ଜନସାଧାରଣଙ୍କ ସୁବିଧା ବୃଦ୍ଧି ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡ଼ିଏ) ସ୍ଥାନୀୟ ଲିଙ୍କରୋଡ଼ ସ୍ଥିତ ଅରୁଣୋଦୟ ଭବନର କାର୍ଯ୍ୟାଳୟ ପରିସରରେ ପଏଣ୍ଟ ଅଫ ସେଲ (ପିଓଏସ) ମାଧ୍ୟମରେ ଏକ ଡିଜିଟାଲ ପେମେଣ୍ଟ ସୁବିଧା ଆରମ୍ଭ କରିଛନ୍ତି । ଆର୍ଥିକ କାରବାରରେ ସ୍ୱଚ୍ଛତାକୁ ମଜବୁତ କରିବା, କାରବାରକୁ ତ୍ୱରାନ୍ୱିତ କରିବା ଏବଂ ନଗଦ ଟଙ୍କାର କାରବାରକୁ ହ୍ରାସ କରିବା ପାଇଁ ଜନସ୍ୱାର୍ଥରେ ପ୍ରାଥମିକତା ଭିତ୍ତିରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଅର୍ଥଶାଖାର ସିଙ୍ଗଲ ୱିଣ୍ଡୋ କାଉଣ୍ଟରରେ ଏକ ସମର୍ପିତ ‘ଡିଜିଟାଲ ପେମେଣ୍ଟ ସେଲ’ କାର୍ଯ୍ୟକ୍ଷମ କରାଯାଇଛି । ଏହାଦ୍ୱାରା ଆବଣ୍ଟନକାରୀ, ଲାଇସେନ୍ସଧାରୀ ଏବଂ ଆବେଦନକାରୀମାନେ କ୍ୟୁଆର କୋର୍ଡ଼, ୟୁପିଆଇ ଏବଂ କାର୍ଡ ସ୍ୱାଇପ ମୋଡ଼ ମାଧ୍ୟମରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୈଠ କରିପାରିବେ । ଏଭଳି ଦେୟ ପାଇଁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନଗଦ ଜମା ଆଉ ଗ୍ରହଣ କରାଯିବ ନାହିଁ । ଉତ୍ତର ଦାୟିତ୍ୱ ଏବଂ ସ୍ୱଚ୍ଛତା ନିଶ୍ଚିତ କରିବାକୁ ପ୍ରତ୍ୟେକ ଡିମାଣ୍ଡ ଲେଟରର ଗୋଟିଏ ନକଲ ଡିଜିଟାଲ ପେମେଣ୍ଟ ସେଲରେ ଦାଖଲ କରିବାକୁ ସମସ୍ତ ଶାଖା ଅଧିକାରୀଙ୍କୁ କୁହାଯାଇଛି । ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାର କାର୍ଯ୍ୟାଳୟର କାର୍ଯ୍ୟଶୈଳୀରେ ଅଧିକ ସ୍ୱଚ୍ଛତା ଏବଂ ଦକ୍ଷତା ଆଣିବା ସହ ପୈଠ ପ୍ରକ୍ରିୟାକୁ ଯଥେଷ୍ଟ ତ୍ୱରାନ୍ୱିତ କରିବ ଏବଂ ଆବଣ୍ଟନକାରୀଙ୍କ ମୂଲ୍ୟବାନ ସମୟ ବଞ୍ଚାଇବ ବୋଲି ସିଡ଼ିଏ ଉପାଧକ୍ଷା କିରଣଦୀପ କୌର ସହୋତା ସୂଚନା ଦେଇଛନ୍ତି ।

## ନୈତିକ ଓ ମୂଲ୍ୟବୋଧକ ଶିକ୍ଷା ଉପରେ ଗୁରୁତ୍ୱାରୋପ

**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଷଣ୍ଢପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦିଲ୍ଲୀପ କୁମାର ବେଉରା ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ସଂପାଦିକା ତଥା ପ୍ରଧାନ ଆଚାର୍ଯ୍ୟା ଗୀତାଞ୍ଜଳି ସ୍ୱାଇଁ ବିବରଣୀ ପାଠ କରିବା ସହ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ସମାଜସେବୀ ତଥା କଟକ ଜିଲ୍ଲା ବିଜେପି ସଂପାଦକ ଅଶୋକ କୁମାର ସାହୁ ଯୋଗଦାନ କରି ଭଲ ପାଠ ପଢ଼ି ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ସୁନାମ ରଖିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଲେଖକ ତଥା ଗୀତିକାର ଅଜୟ କୁମାର ସେଠୀ କବିତା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ମୂଲ୍ୟବାନ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦାନ କରି ନୈତିକ ଓ ମୂଲ୍ୟବୋଧକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ ଓ ଦିଲ୍ଲୀପ କୁମାର ବେଉରା ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିସ୍ମିତା ସ୍ୱାଇଁ, ଲକ୍ଷ୍ମୀପ୍ରିୟା ଜେନା, ଦେବଜାନୀ ବେହେରା, ଶ୍ରଦ୍ଧାଞ୍ଜଳି ବେହେରା, ଝରାମଣି ସ୍ୱାଇଁ, ପୂଜାଶ୍ରୀ ପ୍ରିୟଦର୍ଶିନୀ ଦାସ, ରାଜା ସ୍ୱାଇଁ, ବିକ୍ରମ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ପରେ ପୁରସ୍କାର ବିତରଣ କରାଯିବା ସହିତ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଗୀତାଞ୍ଜଳି ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜେକେ ପେପର୍ ମିଲ୍ସରେ ଜାତୀୟ ସଡ଼କ ସୁରକ୍ଷା ମାସ




**ରାୟଗଡା:ଏକ୍ସପ୍ରେସ୍ ନ୍ୟୁଜ୍**

ସଡ଼କ ସୁରକ୍ଷା ସଚେତନତା ବୃଦ୍ଧି ଏବଂ ସଡ଼କ ବ୍ୟବହାରକାରୀଙ୍କ ମଧ୍ୟରେ ଦାୟିତ୍ୱବୋଧ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଜେକେପୁରସ୍ଥିତ ଜେକେ ପେପର୍ ମିଲ୍ସରେ ୩୭ତମ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରାଯାଇଛି। ଏହି ମାସବ୍ୟାପୀ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା ସଡ଼କ ଦୁର୍ଘଟଣା କମାଇବା, ମୃତ୍ୟୁହାର ରୋକିବା ଏବଂ ଯାତାୟାତ ନିୟମ ପାଳନ ପ୍ରତି ସଚେତନତା ବୃଦ୍ଧି କରିବା।

ଏହି ଅବସରରେ ସଡ଼କ ସୁରକ୍ଷା ରାଲି, ଯାତାୟାତ ନିୟମ ସମ୍ବନ୍ଧୀୟ ଡେମୋନଷ୍ଟ୍ରେସନ୍ ସହ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ହେଲମେଟ୍ ଓ ସିଟ୍‌ବେଲ୍ଟ ବ୍ୟବହାର, ମଦ୍ୟପାନ କରି ଯାନ ଚଳାନ ନ କରିବା, ଗତିସୀମା ପାଳନ ଏବଂ ପାଦଚାରୀ ଓ ସାଇକେଲ୍ ଚାଳକଙ୍କ ପ୍ରତି ସମ୍ମାନ ଦେବା ଉପରେ ବିଶେଷ ଜୋର ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଜେକେ ପେପର୍ ମିଲ୍ସର ବାଣିଜ୍ୟ ଉପାଧ୍ୟକ୍ଷ ବିଶ୍ୱଜିତ ଦ୍ୱିବେଦୀ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ସଭାକୁ ସମ୍ବୋଧନ କରିଥିଲେ। ସେ ସ୍କୁଲ୍ ଛାତ୍ରଛାତ୍ରୀମାନଙ୍କୁ ସଡ଼କ ସୁରକ୍ଷା ନିୟମ କଠୋର ଭାବେ ପାଳନ କରିବାକୁ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ଜଗନ୍ନାଥ ନାଟ୍ୟ କଳା ପରିଷଦ, ଜେକେପୁର ପକ୍ଷରୁ ସଡ଼କ ସୁରକ୍ଷା ଉପରେ ଆଧାରିତ ଏକ ଷ୍ଟ୍ରିଟ୍ ପ୍ଲେ ମଧ୍ୟ ପ୍ରଦର୍ଶିତ କରାଯାଇଥିଲା। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟିକୁ ସତ୍ୟଜିତ ମହାନ୍ତି, ଜେନେରାଲ୍ ମ୍ୟାନେଜରଙ୍କ ନେତୃତ୍ୱରେ ସମନ୍ୱୟ କରାଯାଇଥିଲା। ସେଥିରେ ସୁରକ୍ଷା ବିଭାଗର ରାମାରଞ୍ଜନ ବିଶ୍ୱାଳ, ଏସ୍.କେ. ପଟ୍ଟନାୟକ ଓ ହର୍ଷରାଜ ସାହୁ ସକ୍ରିୟ ସହଯୋଗ ଦେଇଥିଲେ।

## ବେଆଇନ ପଥର ଜବତ



**ସୋର:ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଖଞ୍ଜାମାହାଲ ପଥର ଖାଦାନରୁ ବେଆଇନ ପଥର ଉତ୍ତୋଳନ ବେଳେ ସୋର ତହସିଲ ଓ ଖଣି ବିଭାଗ ତରଫରୁ ମିଳିତ ଚଢ଼ାଉ କରାଯାଇ ଜବତ ପଥରକୁ ୧୨ ଲକ୍ଷ ୬୫ ହଜାର ଟଙ୍କାରେ ନିଲାମ କରାଯାଇଛି। ଦୀର୍ଘଦିନ ହେଲା ବେଆଇନ ଭାବେ ଏହି ଖଞ୍ଜାମାହାଲ ପଥର ଖାଦାନମାନଙ୍କରୁ ବେଆଇନ ଭାବେ କୋଟିକୋଟି ଟଙ୍କାର ପଥର ଲୁଟ ହେଉଥିବା ନେଇ ଅଭିଯୋଗ ହେବା ପରେ ପ୍ରଶାସନ ତରଫରୁ ଏହି ସବୁ ଖାଦାନ ଅଞ୍ଚଳରେ ୧୬୩ ଧାରା ଜାରିକରି ପୁଲିସ୍ ମୁତୟନ କରିଥିଲା। ଏହା ସତ୍ତ୍ୱେ ବି ପଥର ଚୋରି ଜାରି ରହିଥିବା ବେଳେ ଆଜି କେତୋଟି ଖାଦାନରେ ଭୋର ପଥର ବ୍ଲାଷ୍ଟିଂ ହେବା ଖବା ପାଇଁ ସୋର ଅତିରିକ୍ତ ତହସିଲଦାର ଦୈତାରୀ ମଲ୍ଲିକ ଏବଂ କନିଷ୍ଠ ଖଣି ଅଧିକାରୀ ପୁଲିସ୍ ସହଯୋଗରେ ୬୦ ନମ୍ବର ଖାଦାନରେ ଜବତ ପଥରକୁ ୬ ଲକ୍ଷ ୩୨ ହଜାର ଏବଂ ୮୫ ନମ୍ବର ଖାଦାନରୁ ଜବତ ପଥରକୁ ୬ ଲକ୍ଷ ୩୩ ହଜାର ଟଙ୍କରେ ନିଲାମ କରିଥିଲେ।

## ଓଡ଼ିଆ ପ୍ରାଣ ପ୍ରବୋଧ ମିଶ୍ରଙ୍କ ପରଲୋକ

**ଭୁବନେଶ୍ୱର/ଚକ୍ରଧରପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶାର ବିଚ୍ଛିନ୍ନାଞ୍ଚଳ ସିଂହଭୂମ, ଷଢେଇକଳା ଖରସୁଆଁରେ ଓଡିଆ ଭାଷା, ପରମ୍ପରା ଓ ଜଗନ୍ନାଥ ସଂସ୍କୃତିର ପ୍ରସାର, ପ୍ରଚାର ଦିଗରେ ଜୀବନସାରା ସଂଗ୍ରାମ ଓ ପ୍ରୟାସ ଜାରି ରଖିଥିବା ଓଡିଆପ୍ରାଣ ପ୍ରବୋଧ କୁମାର ମିଶ୍ରଙ୍କର ୨୧ ତାରିଖରେ ଦେହାନ୍ତ ହୋଇଯାଇଛି।



ଓଡିଶାର ବିଚ୍ଛିନ୍ନାଞ୍ଚଳରେ ଓଡିଆମାନେ ଯେପରି ଓଡିଆ ମାତୃଭାଷା ଶିକ୍ଷାରୁ ବଞ୍ଚିତ ନହେବେ, ସେଥିପାଇଁ ସେ ଅହରହ ତତ୍କାଳୀନ ବିହାର ଓ ଅଧୁନା ଝାଡଖଣ୍ଡ ସରକାରଙ୍କ ସହ ପତ୍ରାଳାପ, ସାକ୍ଷାତକାର ତଥା ଚାପ ପ୍ରୟୋଗ କରିବା ସହ ବିଭିନ୍ନ ସମ୍ବାଦପତ୍ରମାନଙ୍କରେ ଓଡିଆମାନଙ୍କ ବିଭିନ୍ନ ସମସ୍ୟା ଓ ସେମାନଙ୍କର ସାମୂହିକ ବିକାଶ ଦିଗରେ ଲେଖନୀ ଚାଳନା କରୁଥିଲେ। ତାଙ୍କର ନିଷ୍ଠାପର ଉଦ୍ୟମ ଫଳରେ ସିଂହଭୂମ, ଷଢେଇକଳା ଖରସୁଆଁ, ମନୋହରପୁର ଅଞ୍ଚଳରେ ଓଡିଆ ମାଧ୍ୟମ ଶିକ୍ଷା ଏ ପର୍ଯ୍ୟନ୍ତ ବଳବତ୍ତର ରହିଛି।

ସ୍ୱର୍ଗତଃ ମିଶ୍ର ମାଟ୍ରିକ୍ ପାଶ୍ କରି ଦକ୍ଷିଣ ପୂର୍ବ ରେଲଓ୍ୱେରେ ଚାକିରି କରିଥିବାବେଳେ ଓଡିଆ ମାତୃଭାଷା ଓ ଜଗନ୍ନାଥ ସଂସ୍କୃତିର ସେବାରେ ନିଜକୁ ନିୟୋଜିତ କରିଥିଲେ। ତତ୍‌ସହିତ ଚକ୍ରଧରପୁର ରେଲଓ୍ୱେ ଡିଭିଜନରେ ଓଡିଆମାନଙ୍କ ନିଯୁକ୍ତି ଦିଗରେ ସେ ସର୍ବଦା ଚେଷ୍ଟିତ ଥିଲେ। ଚାକିରିରୁ ଅବ୍ୟାହତି ନେବା ପରେ ମଧ୍ୟ ରେଲଓ୍ୱେ କର୍ମଚାରୀମାନଙ୍କର ସୁବିଧା ଅସୁବିଧା ତଥା ଅବସରକାଳୀନ ପ୍ରାପ୍ୟ ପାଇବା ଦିଗରେ ତାଙ୍କର ଅବିରତ ଉଦ୍ୟମ ଜାରି ରହିଥିଲା। ଚକ୍ରଧରପୁରଠାରେ ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସ ଓ ପଣ୍ଡିତ ଗୋଦାବରୀଶ ମିଶ୍ର ପ୍ରତିଷ୍ଠା କରିଥିବା ଓଡିଆ ଉଚ୍ଚ ବିଦ୍ୟାଳୟର ପୁନରୁଦ୍ଧାରଣ ନିମନ୍ତେ ତାଙ୍କର ବହୁବିଧ ଉଦ୍ୟମ କରିବା ଫଳରେ ଆଜି ସେ ବିଦ୍ୟାଳୟ ଚାଲୁଛି। ସ୍ୱର୍ଗତଃ ମିଶ୍ର ପୂର୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳର ସିଂହଭୂମ ଶାଖାର ଆଜୀବନ ସଭାପତି ଓ ଉତ୍କଳ ସମ୍ମିଳନୀ ପୂର୍ବ ସିଂହଭୂମ ଶାଖାର ସଭାପତି ଥିଲେ। ଏପରି ଜଣେ ନିରଳସ, କର୍ମଯୋଗୀ ତଥା ଓଡିଆ ପ୍ରାଣ ବ୍ୟକ୍ତିଙ୍କ ମୃତ୍ୟୁରେ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଗଲା।

## କିଡନୀ ରୋଗରେ ଆକ୍ରାନ୍ତ ଟୁଟୁଙ୍କ ପାଇଁ ଆବାସ ସାତ ସପନ

**ଗୋପ:ଏକ୍ସପ୍ରେସ୍ ନ୍ୟୁଜ୍**



ରାଜ୍ୟ ସରକାର ଅନେକ ଯୋଜନା ମଧ୍ୟରୁ ୧୦ କେଜି ଚାଉଳରେ ହିଁ ଦୁଇ ପ୍ରାଣୀ ମାସେ ଚଳୁଛନ୍ତି। ଏମିତି ଏକ ହୃଦୟବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ପୁରୀ ଜିଲ୍ଲାର ଗୋପ ବ୍ଲକ ଅଧିନସ୍ତ ବନ୍ଧୁଲିଗ୍ରାମର ତରଣା ଗାରେ। ଦୀର୍ଘମାସ ହେବ ଟୁଟୁ ନାୟକ ନାମକ ଜଣେ ଯୁବକ କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ବାପା ସୁଦର୍ଶନ ନାୟକଙ୍କ ଅକାଳ ବିୟୋଗରେ ସଂସାର ଉପରେ ସତେ ଯେମିତି କଳା ବାଦଲ ଘେରିଗଲା। ତାର କିଛି ମାସ ପରେ ବଡ଼ ଭାଇଟି ବ୍ଲଡ଼ କ୍ୟାନ୍ସରରେ ମୃତ୍ୟୁ ବରଣ କରିବା ପରେ ଘରର ଏକ ମାତ୍ର ରୋଜଗାରିଆ ପୁଅ ଟୁଟୁ ନାୟକଙ୍କ ଉପରେ ସମସ୍ତ ଦାୟିତ୍ୱ ଆସିଗଲା। ଦୈନିକ ମଜୁରୀ ଲାଗି ବିଧବା ମା'ର ସାହାରା ଥିଲା। ଭଗବାନଙ୍କ କି ବରାଦ ଥିଲା କେଜାଣି ଗତ ୬ ମାସ ହେବ ଟୁଟୁ କିଡନୀ ଫେଲୁଅର ହୋଇ ରୋଗଶଯ୍ୟା। ମାସକୁ ଚାରିଥର ଉପଚାର ପାଇଁ ଭୁବନେଶ୍ୱର ହସ୍ପିଟାଲକୁ ଯାତାୟାତ କରିବାକୁ ପଡୁଛି। ଏଥିପାଇଁ ମା ମନୋରମ ନାୟକ ଗାଁରୁ ମାଗିଯାଚି ଧାର ଉଧାର କରି ପୁଅର ଚିକିତ୍ସା ପାଇଁ ଅର୍ଥ ଯୋଗାଡ଼ କରିବା ଆଉ ସମ୍ଭବ ହେଉନି।

ଏଣୁ ଟୁଟୁ ନାୟକ ସାମାଜିକ ଗଣମାଧ୍ୟମରେ ତାଙ୍କର ସମସ୍ୟା ସମ୍ପର୍କ ସରକାରଙ୍କୁ ନିବେଦନ କରୁଛନ୍ତି କି ତାଙ୍କୁ ଏକ ବାସ ଗୃହ ସହିତ ଚିକିତ୍ସିତ ହେବାପାଇଁ ଅବଶ୍ୟକୀୟ ବନ୍ଦୋବସ୍ତ କଲେ ବିଶେଷ ଉପକୃତ ହେବେ। ଏଥିପାଇଁ ସ୍ଥାନୀୟ ରାଜନେତା ଓ ଲୋକ ପ୍ରତିନିଧିଙ୍କୁ ବାରମ୍ବାର ବିନତି କଲାପରେ ନିରାଶ ହୋଇ ମୃତ୍ୟୁକୁ ଅପେକ୍ଷା କରିଛନ୍ତି। ଯଦି କୌଣସି ଦାତବ୍ୟ ଅନୁଷ୍ଠାନ ଅବା କୌଣସି ସହୃଦୟ ବ୍ୟକ୍ତି ବିଶେଷ କିଛି ସାହାଯ୍ୟ ସହାୟତା ପ୍ରଦାନ କରିବେ ହୁଏତ ଆଉ କିଛି ମାସ ବଞ୍ଚି ପାରନ୍ତା। ଅନ୍ୟଥା ଏ ଶୀତ କାକରରେ ଏକ ଭଙ୍ଗା କୁଡ଼ିଆରେ ବଞ୍ଚିବା ଅପେକ୍ଷା ମୃତ୍ୟୁ ହିଁ ଶ୍ରେୟ ବୋଲି ମା ମନୋରମା କହିଛନ୍ତି। ଗୋପରୁ ମଦରଙ୍ଗ ଦେଇ ପୁରୀ ଅଭିମୁଖେ ଯିବା ବାଟରେ ପଡିବ ଦଳନଇ ବଜାର। ସେଠାରୁ ତରଣା ପ୍ରାୟ ପାଞ୍ଚ କିଲୋମିଟର ଭିତରକୁ ଗଲେ ତରଣା ଗ୍ରାମଦେବୀଙ୍କ ମନ୍ଦିର। ସେହିଁ ମନ୍ଦିର ପାଖରେ ଟୁଟୁଙ୍କ ଏକ ଭଙ୍ଗା କୁଡ଼ିଆ ରହିଛି ସେଥିରେ ହିଁ ଜୀବନ ଯାପନ କରିବାକୁ ପଡୁଛି।

## ସୀମିତ ବିଦ୍ୟାର୍ଥୀଙ୍କୁ ନେଇ ହେଉଛି ପ୍ରତିଯୋଗୀତା

**ହିନ୍ଦୋଳ:ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ସବୁ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପ୍ରଶାସନ ପକ୍ଷରୁ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭ କରି ମହାବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ ପାଇଁ ପ୍ରସ୍ତୁତି ବୈଠକରେ ସ୍ଥିର କରାଯାଇଥିଲା। ଏଥି ନିମନ୍ତେ ଗତ ୧୯ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ସୂଚନା ଲୋକସମ୍ପର୍କ ବିଭାଗ ଓ ପରିଚାଳନା କମିଟି ତତ୍ତ୍ୱାବଧାନରେ ପିଏମ ଶ୍ରୀ ହିନ୍ଦୋଳ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୧୯ ତାରିଖ ଦିନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ସଙ୍ଗୀତ, ବକ୍ତୃତା, ପ୍ରତିଯୋଗିତାମାନ ଜଜ୍‌ମାନଙ୍କ ଉପସ୍ଥିତିରେ ସୁରୁଖୁରୁରେ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ଏନ୍‌ଏସି ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ତେବେ ୨୦ ତାରିଖ ଓ ୨୧ ତାରିଖ ଦିନ ଆୟୋଜିତ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଦେଶାତ୍ମକ ବୋଧକ ସଙ୍ଗୀତ, ଓଡ଼ିଆ ବକ୍ତୃତା ଓ ଇଂରାଜୀ ବକ୍ତୃତା ପ୍ରତିଯୋଗିତାମାନଙ୍କରେ ଅତି ନଗଣ୍ୟ ଛାତ୍ରଛାତ୍ରୀ ଉପସ୍ଥିତ ରହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ହିନ୍ଦୋଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲେ ମଧ୍ୟ ଉଚ୍ଚ ବିଦ୍ୟାଳୟ ସ୍ତରରେ କୌଣସି ଜଣେ ବି ଇଂରାଜୀ ଓ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିବାର ଦେଖାଯାଇନଥିଲା। ପ୍ରଧାନ ଶିକ୍ଷକଙ୍କୁ ଫୋନ୍ ଯୋଗେ ପଚାରିବାରେ ସେ ପ୍ରତିଯୋଗିତା କକ୍ଷକୁ ଜଣେ ଶିକ୍ଷୟତ୍ରୀଙ୍କୁ ପଠାଇ ଥିଲେ ସେ ଆସି ୧୦ମ ଶ୍ରେଣୀ ପିଲାମାନେ ପରୀକ୍ଷା ପାଇଁ ପ୍ରତିଯୋଗିତାରେ ଭାଗ ନେଉ ନଥିବା ପ୍ରକାଶ କରିବା ସହ ନବମ ଶ୍ରେଣୀର ଛାତ୍ରଛାତ୍ରୀ ଏଥି ପାଇଁ ଆଗ୍ରହ ଦେଖାଇ ନଥିବା କହିଥିଲେ। ମାତ୍ର କେତେକ ୯ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ପଚାରିବାରେ ସେମାନେ ବିଷୟ ବସ୍ତୁ ସମ୍ପର୍କରେ ଜାଣି ନଥିବା କହିଥିଲେ। ଏଥିରୁ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଏନେଇ ଉତ୍ସାହିତ କରାଯାଉ ନଥିବା ଜଣାପଡିଥିଲା। ସେହିଭଳି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଇଓଙ୍କୁ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଏ ସଂପର୍କରେ ଚିଠି ମାଧ୍ୟମରେ ଅବଗତ କରିବା ପାଇଁ ଜଣାଯାଇଥିବା ବେଳେ ଉପଖଣ୍ଡର ପାଟଲା ପଞ୍ଚାୟତ ହାଇସ୍କୁଲର ମାତ୍ର ଜଣେ ଛାତ୍ରୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେହିଭଳି ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ନାମକୁ ମାତ୍ର ୩ /୪ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିବାର ଦେଖାଯାଇଥିଲା। ପରବର୍ତ୍ତୀ ବର୍ଷମାନଙ୍କରେ ଏଥିରେ ସୁଧାର ଆଣିବାକୁ ସମସ୍ତେ ଚେଷ୍ଟିତ ହେବାକୁ ଆହ୍ୱାନ ଦିଆଯାଉଛି।

## ଅଙ୍ଗନବାଡ଼ି କେନ୍ଦ୍ରରେ ଖାଦ୍ୟର ମାନ ଯାଞ୍ଚ

**ଅସ୍ତରଙ୍ଗ:ଏକ୍ସପ୍ରେସ୍ ନ୍ୟୁଜ୍**

ଅଙ୍ଗନବାଡ଼ି କେନ୍ଦ୍ରରେ କୋମଳମତି ଶିଶୁ ଓ ଗର୍ଭବତୀ ମହିଳା, ସ୍କୁଲମାନଙ୍କରେ ଦିଆଯାଉଥିବା ଖାଦ୍ୟର ଗୁଣବତ୍ତା ପରଖୁଛନ୍ତି ରାଜ୍ୟ ଖାଦ୍ୟ ଆୟୋଗ। ଆଜି ରାଜ୍ୟ ଖାଦ୍ୟ ଆୟୋଗର ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ ବୀରଭଦ୍ର ନୋଡାଲ ୟୁ.ପି ସ୍କୁଲ ବାଙ୍ଗୁରିଗାଁ, ବାହାରପଦା, ବାଣିଆ, ଟିକରପଡ଼ା, ଅଙ୍ଗନବାଡ଼ି କେନ୍ଦ୍ର, ବାଣିଆ ପ୍ରାଥମିକ ବିଦ୍ୟାଳୟ, ଗଣିପୁର ପ୍ରୋଜେକ୍ଟ ୟୁପି ସ୍କୁଲ, ଓଥକା ୟୁଜିୟୁପି ସ୍କୁଲ ସମେତ ମା ଭବାନୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ଛତୁଆ କେନ୍ଦ୍ର ଅଚାନକ ପରିଦର୍ଶନ କରି ଖାଦ୍ୟର ମାନ ଓ ବଣ୍ଟନ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ପରିଦର୍ଶନର ମୁଖ୍ୟ ଦିଗ ଥିଲା ଖାଦ୍ୟର ଗୁଣବତ୍ତା କେନ୍ଦ୍ରରେ ରନ୍ଧାଯାଉଥିବା ଖାଦ୍ୟ ସ୍ୱାସ୍ଥ୍ୟପ୍ରଦ କି ନୁହେଁ ଏବଂ ଏଥିରେ ସଠିକ୍ ପରିମାଣର ପୋଷକ ତତ୍ତ୍ୱ ରହୁଛି କି ନାହିଁ, ସେ ନେଇ ସଦସ୍ୟ ନିଜେ ଯାଞ୍ଚ କରିଥିଲେ। ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇ ରୋଷେଇ ଶାଳର ପରିବେଶ ଏବଂ ଖାଦ୍ୟ ସଂରକ୍ଷଣ ବ୍ୟବସ୍ଥାକୁ ଅନୁଧ୍ୟାନ କରି ସ୍ୱଚ୍ଛତା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ରକୁ ଆସୁଥିବା ଶିଶୁଙ୍କ ଅଭିଭାବକ ଓ ମହିଳାମାନଙ୍କ ସହ ଆଲୋଚନା କରି ସେମାନେ ନିୟମିତ ଓ ସଠିକ୍ ପରିମାଣର ଖାଦ୍ୟ ପାଉଛନ୍ତି କି ନାହିଁ, ସେ ନେଇ ପଚାରି ବୁଝିଥିଲେ। ପରିଦର୍ଶନ ପରେ ଶ୍ରୀ ସାମନ୍ତରାୟ କହିଛନ୍ତି ଯେ, ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ କୌଣସି ପ୍ରକାର ଅବହେଳାକୁ ସହ୍ୟ କରାଯିବ ନାହିଁ। ଯଦି କୌଣସି ସ୍ଥାନରେ ନିମ୍ନମାନର ଖାଦ୍ୟ କିମ୍ବା ବଣ୍ଟନରେ ଅନିୟମିତତା ଦେଖାଯାଏ, ତେବେ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନା ଥାଉକି ଗତ କିଛି ଦିନ ତଳେ ବିଭିନ୍ନ ଗଣମାଧ୍ୟମରେ ଫଟୋ ସହ ଟେକ୍ ହୋମ ରେସନର ମାନ, ମାପରେ ବ୍ୟାପକ ଅନିୟମିତତା ହୋଇଥିବା ଖବର ପ୍ରସାରିତ ହୋଇଥିଲା।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-APPROACH WARNING-537, ତା.17.01.2026ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଲେଭେଲ କ୍ରସିଙ୍ଗ୍ ଫାଟକଗୁଡ଼ିକ ଠାରେ ୱ୍ୟାରଲେସ୍ IOT ଭିତ୍ତିକ ଆଭିମୁଖ୍ୟ ସତର୍କୀକରଣ ପ୍ରଣାଳୀ (Approach warning system)ର ବ୍ୟବସ୍ଥା।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 1,07,66,820/-, EMD (ଟଙ୍କାରେ) : 2,03,800/-।

ବିଡ୍ ଆରମ୍ଭ ହେବା ତାରିଖ : ତା.26.01.2026 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.09.02.2026 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍

PR-1038/Q/25-26


## ଏଏସ୍‌ଡି ଉପଭୋକ୍ତାଙ୍କ ଯନ୍ତ୍ରଣାକୁ ବହୁଗୁଣିତ କରିଛି: ମହାସଂଘ




**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ବିଦ୍ୟୁତ୍ ବିତରଣ ଓ ବିଲ୍ ଆଦାୟ ଜନିତ ସମସ୍ୟାରେ ରାଜ୍ୟର ସାଧାରଣ ଜନତା ଜର୍ଜରିତ। ଉପଭୋକ୍ତାଠାରୁ ଅତ୍ୟଧିକ ବିଦ୍ୟୁତ୍ ବିଲ୍ ଆଦାୟ, ସ୍ମାର୍ଟ ମିଟର ସଂଯୋଗ ସାଙ୍ଗକୁ ଅତିରିକ୍ତ ସିକ୍ୟୁରିଟି ଜମାରାଶି ଆଦାୟ ଭଳି ଟିପିସିଓଡିଏଲ୍‌ର ନିଷ୍ପତ୍ତି ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ଯନ୍ତ୍ରଣାକୁ ବହୁଗୁଣିତ କରିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଗଣସଂଗଠନ, କୃଷକ ଓ ଶ୍ରମିକ ସଂଗଠନ ତଥା ଛାତ୍ର ଓ ଯୁବ ସଂଗଠନ ଓ ବୁଦ୍ଧିଜୀବୀମାନଙ୍କ ଏକ ଗଣ ସମ୍ମିଳନୀ ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘର ଅଧ୍ୟକ୍ଷ ପଞ୍ଚାନନ କାନୁନ୍‌ଗୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟୁତ୍ ଦର କମାଇବା, ସମସ୍ତ ଉପଭୋକ୍ତାଙ୍କୁ ମାସିକ ୩୦୦ ୟୁନିଟ୍ ବିଦ୍ୟୁତ୍ ଛାଡ଼, ଚାଷ ଓ ଚାଷୀଙ୍କୁ ମାଗଣା ବିଦ୍ୟୁତ୍ ଯୋଗାଇବା, ସମସ୍ତ ମଧ୍ୟମ, କ୍ଷୁଦ୍ର ଓ ଗୃହ ଶିଳ୍ପକୁ ୫୦% ବିଦ୍ୟୁତ୍ ଛାଡ଼, ପର୍ଯ୍ୟଟନ ଶିଳ୍ପ ସହିତ ସମ୍ପର୍କିତ ସମସ୍ତ ସଂସ୍ଥାରୁ ବିଦ୍ୟୁତ୍ ଛାଡ, ସ୍ମାର୍ଟ ମିଟର ଉଚ୍ଛେଦ କରାଇଧବା, ଇଚ୍ଛାଧୀନ କରାଇବା ତତ୍‌ସହ ସ୍ୱତନ୍ତ୍ର ଅତିରିକ୍ତ ସୁରକ୍ଷା ଅର୍ଥ ଦାଖଲକୁ ବନ୍ଦ, ବିଦ୍ୟୁତ୍ ଅଡିଟ୍‌କୁ ସର୍ବସାଧାରଣ କରାଇବା ପ୍ରଭୃତି ବିଷୟବସ୍ତୁକୁ ନେଇ ଆଲୋଚନା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏହି ଗଣ ସମ୍ମିଳନୀରେ ବିଜୁ ଜନତା ଦଳ, ଭାରତୀୟ ଜାତୀୟ କଂଗ୍ରେସ, ସିପିଆଇ, ସିପିଆଇ (ଏମ୍), ସି.ପି.ଆଇ (ଏମ୍-ଏଲ୍) ଲିବରେସନ୍, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ, ସିପିଆଇ (ଏମ୍-ଏଲ୍) ରେଡ୍ ଫ୍ଲାଗ୍, ଏନ୍‌ସିପି (ଶରତ ପାୱାର), ରାଷ୍ଟ୍ରୀୟ ଜନତା ଦଳ, ଅଲ ଇଣ୍ଡିଆ ଇଲେକ୍ଟ୍ରି କଞ୍ଜୁମର ଆସୋସିଏସନ୍, ଆଇଏନ୍‌ଟିୟୁସି, ସିଟୁ, ଏଆଇଟିୟୁସି, ଏଆଇସିଟିୟୁ। ଏହି ଗଣ ସମ୍ମିଳନୀରେ ନିରଞ୍ଜନ ପଟ୍ଟନାୟକ, ଦେବୀ ପ୍ରସାଦ ମିଶ୍ର, ବ୍ରଜ କିଶୋର ତ୍ରିପାଠୀ, ଜଗନ୍ନାଥ ପଟ୍ଟନାୟକ, ବିଜୟ କୁମାର ପଟ୍ଟନାୟକ, ଅନନ୍ତ ପ୍ରସାଦ ସେଠୀ, ରବି ଦାସ, ଜ୍ୟୋତିରଂଜନ ମହାପାତ୍ର, ଅଳିକିଶୋର ପଟ୍ଟନାୟକ, ଯୁଧିଷ୍ଠିର ମହାପାତ୍ର, ସୁରେଶ ପାଣିଗ୍ରାହୀ, ମହେନ୍ଦ୍ର ପରିଡ଼ା, ଆଶିଷ କାନୁନ୍‌ଗୋ, ପ୍ରମିଳା, ରାଧାକାନ୍ତ ସେଠୀ, ଅଶୋକ ପ୍ରଧାନ, ବାଳଗୋପାଳ ମିଶ୍ର, ହେମନ୍ତ କୁମାର, ପୂର୍ଣ୍ଣଚନ୍ଦ୍ର ପାଢୀ, କିଶୋର ଜେନା, ବିକ୍ରମ ସ୍ୱାଇଁ, ମାନସ ଜେନା, ଚିନ୍ମୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଏଏସଜି ପକ୍ଷରୁ 'ଡ୍ରାଇଭର୍ ଦୃଷ୍ଟି' କାର୍ଯ୍ୟକ୍ରମ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଲିଙ୍କ ରୋଡ୍ ସ୍ଥିତ ଏଏସଜି ଚକ୍ଷୁ ଚିକିତ୍ସା ଳୟ ପକ୍ଷରୁ ରାଜ୍ୟରେ କାର୍ଯ୍ୟରତ ଗାଡି ଚାଳକମାନଙ୍କ ପାଇଁ ଏକ ନିଆରା ତଥା ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ଥିମ ଅନୁସାରେ ଯେଉଁ ଗାଡି ଚାଳକମାନେ ଜନସାଧାରଙ୍କ ସେବାରେ ନିଜକୁ ନିୟୋଜିତ କରିଛନ୍ତି ସେମାନଙ୍କ ଚକ୍ଷୁର ଯତ୍ନ ନେବାପାଇଁ 'ଡ୍ରାଇଭର ଦୃଷ୍ଟି' ନାମକ ଅଭିଯାନ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ କଟକ ଏଏସଜି ଚକ୍ଷୁ ଚିକିତ୍ସାଳୟରେ ଡ୍ରାଇଭରମାନଙ୍କ ମାଗଣା ଚକ୍ଷୁ ପରୀକ୍ଷା ପରାମର୍ଶ ସହିତ ଆବଶ୍ୟକ ସ୍ଥଳେ ମାଗଣା ଚକ୍ଷୁ ଅସ୍ତ୍ରୋପଚାରର ସୁବିଧା ଯୋଗାଇଦିଆଯିବ ବୋଲି ଏଏସଜି କର୍ତ୍ତୃପକ୍ଷ କହିଛନ୍ତି। ତେବେ ଆଗାମୀ ଦିନରେ ସାଧାରଣ ଲୋକଙ୍କୁ ଉନ୍ନତ ଚକ୍ଷୁ ଚିକିତ୍ସା ଯୋଗାଇବା ଆମର ଲକ୍ଷ୍ୟ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି।


**OFFICE OF THE REGULATED MARKET COMMITTEE, PATNAGARH**

**AT/PO- JOGIMUNDA, DIST-BALANGIR-767027**
**EMAIL : rmcpatnagarh123@gmail.com**

**No.215/ Date: 16.01.2026**

**INVITATION OF BIDS THROUGH e-PROCUREMENT**
Bid Identification No. 01/ of 2025-26

| Sr. No. | Item | Details |
|---|---|---|
| 1. | The Sub-Collector-cum-Chairman, RMC Patnagarh, invites percentage rate bids in Double cover system in ONLINE MODE only for work as detailed given bellow: | |
| 2. | Nature of the work | Construction of development work at Luhasinga market yard, Gambhari market yard under RMC Patnagarh. |
| 3. | No of work | 01 Nos |
| 4. | Bid Cost | Rs. 10000.00 online transfer |
| 5. | Value of Tender | Rs. 405.98 lakhs |
| 6. | Class of Contractor | "A" Class |
| 7. | Availability of BID Documents in the website | Dt.21.01.2026 to 04.02.2026 |
| 8. | Last date / time of Receipt of bids in the portal | Dt.04.02.2026 up to 5 P.M. |
| 9. | Date of opening of bid | Dt.05.02.2026 at 11.00 A.M |
| 10. | The Bidders have to participate in ONLINE bidding only. Further details can be seen from the website : https://tendersorissa.gov.in. Any Addendum/Corrigendum/Cancellation of the Tender etc can also be seen in the website : https://tendersorissa.gov.in | |

*(Ref- TCN No. 212 / Dated : 16.01.2026)*

Sub-Collector Patnagarh-cum-Chairman,
RMC, Patnagarh


## ରେଳ ସାଇଡିଂରେ ଭୟଙ୍କର ପ୍ରଦୂଷଣ: ଦୁଇ ଦିନରେ ୩ ମୃତ !

**କଳିଙ୍ଗନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ସୁକିନ୍ଦା ମାନପୁର ରେଳ ସାଇଡିଂ ଅଞ୍ଚଳରେ ଚରମ ସୀମାକୁ ପହଞ୍ଚିଥିବା ପ୍ରଦୂଷଣ ଏବେ ମାନବ ଜୀବନକୁ ନେଇ ଭୟଙ୍କର ସଙ୍କଟ ସୃଷ୍ଟି କରିଛି। ଗତ ଦୁଇଦିନ ମଧ୍ୟରେ ପ୍ରଦୂଷଣ ଜନିତ ରୋଗରେ ତିନି ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ଉଠିଛି, ଯାହା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି। ପ୍ରକାଶ ଥାଉକି, ଗତ ଡିସେମ୍ବର ମାସରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପକ୍ଷରୁ ସୁକିନ୍ଦା ମାନପୁର ରେଳ ସାଇଡିଂକୁ କାରଣ ଦର୍ଶାଅ ନୋଟିସ ଜାରୀ କରାଯାଇଥିଲା। ସେଥିରେ ସମସ୍ତ ପ୍ରଦୂଷଣ ନିୟମକୁ ଉଲ୍ଲଘନ କରାଯାଉଥିବା ଉଲ୍ଲେଖ ଥିଲା। ଏହାର ପ୍ରଭାବ ରେଲୱେ କର୍ତ୍ତୃପକ୍ଷ, ପରିବହନ ଠିକାଦାର ଓ ଜିଲ୍ଲା ପ୍ରଶାସନ ଉପରେ ପଡ଼ିଥିଲେ ମଧ୍ୟ, ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ କେବଳ କାଗଜରେ ସୀମିତ ରହିଛି ବୋଲି ଅଭିଯୋଗ। ମଙ୍ଗଳବାର ମାନପୁର ମୁଣ୍ଡା ସାହିର ବୈରାଗୀ ମୁଣ୍ଡାଙ୍କ ୩୫ ବର୍ଷୀୟ ପୁଅ ସିଦୁଙ୍କ ମୃତ୍ୟୁ ହୋଇଥିବା ବେଳେ ବୁଧବାର ସକାଳୁ ଗୁଳା ସାହିର ସ୍ୱର୍ଗତ ବିଷ୍ଣୁ ନାଏକଙ୍କ ୨୧ ବର୍ଷୀୟ ପୁଅ ମିଟୁ ଓ ନୀଳମଣି ସମସ୍ତଙ୍କର ୬୦ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସମସ୍ତଙ୍କର ଶେଷ କ୍ରିୟା ନିଜ ଗାଁ ଶ୍ମଶାନରେ ସମ୍ପନ୍ନ ହୋଇଥିବା ବେଳେ ଗାଁ ଗାଁରେ ଶୋକ ଓ ଆତଙ୍କ ଛାଇଯାଇଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଏହି ଅଞ୍ଚଳର ବାୟୁ ଗୁଣମାନ ସୂଚକାଙ୍କ (ଏକ୍ୟୁଆଇ) ୩୦୦ ଉପରେ ରହୁଥିବାରୁ ଏଠାରେ ମଣିଷ ବସବାସ କରିବା ପର୍ଯ୍ୟନ୍ତ ଯୋଗ୍ୟ ନୁହେଁ। ଧୂଳି, ଧୂଆଁ ଓ ବିଷାକ୍ତ ଗ୍ୟାସରେ ଶ୍ୱାସକଷ୍ଟ, ହୃଦ୍‌ରୋଗ, କ୍ୟାନ୍‌ସର୍ ଭଳି ମାରାତ୍ମକ ରୋଗ ବ୍ୟାପକ ଭାବରେ ବୃଦ୍ଧି ପାଇଛି। ଦାନଗଦି ବ୍ଲକ ଅନ୍ତର୍ଗତ ଧୂଳିଗଡ଼ ପଞ୍ଚାୟତର ମାନଗୋବି ବିନ୍ଦପୁର ଓ ସୁଆଁଲ ଗାଁ ସୁକିନ୍ଦା ରୋଡ଼ ରେଳ ସାଇଡିଂକୁ ଲାଗି ରହିଛି। ବିଭିନ୍ନ ଖଣିଜ ଦ୍ରବ୍ୟ ଖଲାସ ଓ ଲୋଡିଂ–ଅନଲୋଡିଂ କାର୍ଯ୍ୟ ଦିନରାତି ୨୪ ଘଣ୍ଟା ଚାଲିଥିବାରୁ ମାତ୍ରାଧିକ ବାୟୁ ଓ ଜଳ ପ୍ରଦୂଷଣ ହେଉଛି। ସ୍ଥାନୀୟ ତଥ୍ୟ ଅନୁସାରେ, ଗତ ଦୁଇବର୍ଷ ମଧ୍ୟରେ ଏହି ଦୁଇ ଗାଁରେ ୧୭୦ରୁ ଅଧିକ ଲୋକ ବିଭିନ୍ନ ଗୁରୁତର ରୋଗରେ ପଡ଼ି ମୃତ୍ୟୁ ବରଣ କରିଛନ୍ତି। ଅକାଳରେ ରୋଜଗାରିଆ ପୁଅକୁ ହରାଇ ମା ମୁଣ୍ଡ ପିଟୁଛନ୍ତି, କେଉଁଠି ସ୍ୱାମୀଙ୍କୁ ହରାଇ ସ୍ତ୍ରୀ ଅସହାୟ ହୋଇପଡ଼ିଛନ୍ତି। ଛୋଟଛୋଟ ପିଲା ଅନାଥ ହୋଇଯାଇଛନ୍ତି। ଶିଶୁମାନଙ୍କ ଅନିଶ୍ଚିତ ଭବିଷ୍ୟତ ଦେଖି ମା'ଙ୍କ ଆଖିରୁ ଅଶ୍ରୁ ଝରୁଛି। ଏତେ ସବୁ ସତ୍ତ୍ୱେ ମଧ୍ୟ ଜିଲ୍ଲା ପ୍ରଶାସନ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପକ୍ଷରୁ କେବଳ କାରଣ ଦର୍ଶାଅ ନୋଟିସ ଜାରୀ କରି କାର୍ଯ୍ୟ ସାରିଦିଆଯାଉଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରୁଛନ୍ତି। ଏବେ ପ୍ରଶ୍ନ ଉଠୁଛି, କେବେ ଭାଙ୍ଗିବ ପ୍ରଶାସନର ନିଦ ? କେବେ ମିଳିବ ଏହି ଗାଁବାସୀଙ୍କୁ ପ୍ରଦୂଷଣମୁକ୍ତ ଜୀବନର ଅଧିକାର ?

ଓଡ଼ିଶା ଏକ୍ସପ୍ରେସ୍
କେନ୍ଦ୍ରାପଡ଼ା | 23rd January, 2026 Friday | RNI Regd. No. ODIODI/2009/28880

## ହେଲ୍ଥ ଟନିକ୍



### ମଦ୍ୟପ ଜ୍ୱାଇଁ

ଶାଶୁ ସେଦିନ ଖୁବ୍ ବିରକ୍ତ ହୋଇ ଜ୍ୱାଇଁଙ୍କୁ ପଚାରିଲେ- ତୁମେ ମଦ ପିଅ ବୋଲି ତ କେବେ କାହିଁ କହିନ ତ ଆମକୁ ? ଏକଥା ଜାଣିଥିଲେ ଆମେ କେବେ ବି ଝିଅ ଦେଇନଥାନ୍ତୁ।

ଜ୍ୱାଇଁ ମୁହୂର୍ତ୍ତେ ବିଳମ୍ବ ନକରି କହିଲେ- ଆପଣଙ୍କ ଝିଅ ରକ୍ତ ପିଏ ବୋଲି ତ ଆପଣ କେବେ କହିନାହାନ୍ତି ?

### ବନ୍ଦ

କେବେ ଓଡ଼ିଶା ବନ୍ଦ ତ ଭାରତ ବନ୍ଦ। ପୁଣି କେବେ ଦୋକାନ ବନ୍ଦ, ଆଉ କେବେ ଅଫିସ୍ ବନ୍ଦ। ଯଦି ହିମ୍ମତ ଅଛି, ତା’ହେଲେ ସ୍ତ୍ରୀର ମୁହଁ ବନ୍ଦ କରି ଦେଖାଅ, ଜାଣିବା ତମ ଦଳର କେତେ ଦମ୍ ଅଛି।

# ଟି-୨୦ ବିଶ୍ୱକପ ଖେଳିବନି ବାଂଲାଦେଶ: ସ୍କଟଲାଣ୍ଡ ହେବ ସାମିଲ !

**ଦୁବାଇ,୨୨ା୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତ ଓ ଶ୍ରୀଲଙ୍କାରେ ଆୟୋଜିତ ୨୦୨୬ ଟି-୨୦ ବିଶ୍ୱକପରୁ ବାଦ ପଡିଛି ବାଂଲାଦେଶ। ଭାରତରେ ନିଜର ମ୍ୟାଚ୍ ନ ଖେଳିବା ଜିଦରେ ବାଂଲାଦେଶ ଅଟଳ ରହିଥିବାରୁ ଆଇସିସି ପକ୍ଷରୁ ଦଳକୁ ବିଶ୍ୱକପରୁ ବାଦ ଦିଆଯାଇଛି। ଏ ସମ୍ପର୍କରେ ଆଇସିସି ଆସନ୍ତାକାଲି ବିଧିବଦ୍ଧ ଭାବେ ଘୋଷଣା କରିବ।

ବାଂଲାଦେଶ ବିଶ୍ୱକପରୁ ବିଦା ହୋଇଥିବାରୁ ଏବେ ସ୍କଟଲ୍ୟାଣ୍ଡକୁ ଆଇସିସି ଟୁର୍ଣ୍ଣାମେଣ୍ଟରେ ସାମିଲ କରିବ। ବାଂଲାଦେଶ ସ୍ଥାନ ନେବ ସ୍କଟଲ୍ୟାଣ୍ଡ। ବାଂଲାଦେଶ ଯେଉଁ ସବୁ ସ୍ଥାନରେ ମ୍ୟାଚ୍ ଖେଳିବାର ଥିଲା, ସେଠାରେ ସ୍କଟଲ୍ୟାଣ୍ଡ ମ୍ୟାଚ୍ ଖେଳିବ।

ସୁରକ୍ଷାର ଆଳ ଦେଖାଇ ଭାରତ ବାହାରକୁ ନିଜର ଗ୍ରୁପ ମ୍ୟାଚଗୁଡିକ ସ୍ଥାନାନ୍ତର କରିବାକୁ ଆଇସିସିକୁ ଅନୁରୋଧ କରିଥିଲା। ପ୍ରଥମେ ଆଇସିସି ବାଂଲାଦେଶ କ୍ରିକେଟ ବୋର୍ଡ ବା ବିସିବିକୁ ଭାରତରେ ମ୍ୟାଚ୍ ଖେଳିବା ପାଇଁ ବୁଝାଇଥିଲା। ତଥାପି ବିସିବି ନିଜ ଅନ୍ତରୀଣ ସରକାରଙ୍କ ରାଜନୀତିକ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଭାରତରେ ମ୍ୟାଚ୍ ନ ଖେଳିବା ଜିଦରେ ଅଟଳ ରହିଥିଲା।

ଏସବୁ ଭିତରେ ବୁଧବାର (ଜାନୁଆରୀ ୨୧) ଆଇସିସିର ବୈଠକ ବସିଥିଲା। ଏହି ବୈଠକରେ ବାଂଲାଦେଶର ମ୍ୟାଚ୍ ସ୍ଥାନାନ୍ତର ଅନୁରୋଧକୁ ଆଇସିସି ଭୋଟିଂ ଦ୍ୱାରା ଖାରଜ କରିଥିଲା। ମ୍ୟାଚ୍ ସ୍ଥାନାନ୍ତର ସପକ୍ଷରେ ବିସିବି ଓ ପାକିସ୍ତାନ କ୍ରିକେଟ ବୋର୍ଡ ଭୋଟିଂ କରିଥିଲେ। ବାକି ୧୪ ରାଷ୍ଟ୍ର ବାଂଲାଦେଶ ବିଶ୍ୱକପ ମ୍ୟାଚ୍ ଭାରତରେ ଖେଳିବା ଉଚିତ ବୋଲି କହିଥିଲେ। ଏହାପରେ ଆଇସିସି ଚୂଡାନ୍ତ ନିଷ୍ପତ୍ତି ନେବାକୁ ବାଂଲାଦେଶକୁ ୨୪ ଘଣ୍ଟାର ସମୟ ଦେଇଥିଲା।

ଏହାକୁ ନେଇ ଆଜି ବିସିବି ଅଧିକାରୀ, ଜାତୀୟ ଟିମର କ୍ରିକେଟର ଓ ଅନ୍ତରୀଣ ସରକାର ପରାମର୍ଶଦାତା ଆସିଫ ନଜରୁଲ ବୈଠକ କରିଥିଲେ। ବୈଠକରେ ବାଂଲାଦେଶ ନିଜ ପୁରୁଣା ଜିଦରେ ଅଟଳ ରହିଥିବା କହିଛି। ଭାରତରେ ବାଂଲାଦେଶ ଟି-୨୦ ବିଶ୍ୱକପ ଖେଳିବ ନାହିଁ ଓ ଆଇସିସିର ମ୍ୟାଚ୍ ସ୍ଥାନାନ୍ତର ନିଷ୍ପତ୍ତିକୁ ବିସିବି ଅପେକ୍ଷା କରିଥିବା ବୈଠକ ପରେ ନଜରୁଲ ସୂଚନା ଦେଇଛନ୍ତି। ଭରତରେ ବାଂଲାଦେଶ ଖେଳିବାକ



ରାଜି ନଥିବାରୁ ଆଇସିସି ଏହି ଦେଶର ଦଳକୁ ବିଶ୍ୱକପରୁ ବାଦ ଦେବ ବୋଲି ଜଣାପଡିଛି।

ବାଂଲାଦେଶ କ୍ରୀଡା ପରାମର୍ଶଦାତା ଆସିଫ ନଜରୁଲ କହିଛନ୍ତି ଯେ “ଆଇସିସି ବାଂଲାଦେଶ ସହ ନିରପେକ୍ଷ ଭାବେ ବ୍ୟବହାର କରିନାହିଁ। ଆମକୁ ଆଇସିସି ନ୍ୟାୟ ଦେଇନି। ଆମେ କୌଣସି ବି ପରିସ୍ଥିତିରେ ମୁଣ୍ଡ ନୁଆଁଇବୁ ନାହିଁ। ବାଂଲାଦେଶ ବିଶ୍ୱକପ ନ ଖେଳିଲେ, ଏହାର ଅର୍ଥ କ’ଣ ସେକଥା ସମସ୍ତେ ବୁଝନ୍ତୁ। କୌଣସି ବି ପରିସ୍ଥିତିରେ ଆମେ ଆମ ଦେଶର ଖେଳାଳିଙ୍କ ସୁରକ୍ଷାରେ ବୁଝାମଣା କରିପାରିବୁ ନାହିଁ। ବାଂଲାଦେଶ ଟି-୨୦ ବିଶ୍ୱକପକୁ ବୟକଟ କରିବ। ଆମ ଖେଳାଳିମାନେ ପରିଶ୍ରମ କରି ବିଶ୍ୱକପ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ହେଲେ ସେମାନଙ୍କ ସୁରକ୍ଷାକୁ ଆଇସିସି ଗୁରୁତ୍ୱ ଦେଉନାହିଁ।”

ବାଂଲାଦେଶ କ୍ରିକେଟ ବୋର୍ଡ ଉପ ସଭାପତି ଅନିମୁଲ ଇସଲାମ ବୁଲବୁଲ କହିଛନ୍ତି ଯେ ସେମାନେ ଆଇସିସିର ନିଜ ନିଷ୍ପତ୍ତି ପୁନର୍ବିଚାରକୁ ଅପେକ୍ଷା କରିଛନ୍ତ। କିନ୍ତୁ ଆଇସିସି ନିଜ ନିଷ୍ପତ୍ତି ବଦଳାଇବା ସମ୍ଭାବନା କ୍ଷୀଣ। ସେ କହିଛନ୍ତି, “ଆମେ ଆଇସିସିକୁ ଜାନୁଆରୀ ୪ରେ ଯୋଗାଯୋଗ କରିଥିଲୁ ଓ ବିକଳ୍ପ ସ୍ଥାନ ସମ୍ପର୍କରେ ଜଣାଇଥିଲୁ। ଆମେ ସୁରକ୍ଷା ସମ୍ପର୍କିତ ଚିନ୍ତା କଥା ଜଣାଇବା ସହ ୧୯୯୬ ଓ ୨୦୦୩ରେ କ’ଣ ଘଟିଥିଲା, ସେକଥା କହିଥିଲୁ। ଶ୍ରୀଲଙ୍କା ହାଇବ୍ରିଡ ମଡେଲର ଅଂଶବିଶେଷ। ଆମେ ସେଠାରେ ଖେଳିବାକୁ ନିଜର ଇଚ୍ଛା ପ୍ରକାଶ କରିଥିଲୁ।

ଆମେ ଆଇସିସିର ବିଭିନ୍ନ ଫୋରମରେ କେମିତି ନିଜକୁ ଉପସ୍ଥାପନ କରୁବୁ, ସେକଥା ଦେଖୁଛୁ। ଆମ ଭଳି ଗୋଟିଏ ଦେଶ ଯଦି ବାହାରି ଯାଉଛି, ତା’ହେଲେ ସେମାନେ ଗୋଟିଏ ବଡ କ୍ରିକେଟକୁ ଭଲ ପାଉଥିବା ଦେଶକୁ ହରାଇବେ। ଏଭଳି ଗୋଟିଏ ଦେଶର ଅନୁପସ୍ଥିତି ନିଶ୍ଚିତ ଭାବେ ଆୟୋଜକଙ୍କ ବିଫଳତା।

ଆମେ ଆଶା ଛାଡିବୁ ନାହିଁ। ଆମେ ଉଦ୍ୟମ ଜାରି ରଖିବୁ। ଆମେ ବିଶ୍ୱକପ ଖେଳିବାକୁ ଚାହୁଁଛୁ। କିନ୍ତୁ ଆମେ ବିଶ୍ୱକପ ଭାରତରେ ଖେଳିବୁ ନାହିଁ। ଆମେ ଲଢ଼େଇ କରିବୁ। ମୁସ୍ତାଫିଜୁର ରହମାନଙ୍କ ପ୍ରସଙ୍ଗରେ ଏହା ସୀମିତ ନଥିଲେ। ସେମାନେ(ଭାରତ) ସେହି ପ୍ରସଙ୍ଗରେ ଏକାକୀ ସବୁ ନିଷ୍ପତ୍ତି ନେଇଥିଲେ।”

ଟି-୨୦ ବିଶ୍ୱକପ ଆସନ୍ତା ଫେବୃଆରୀ ୭ରୁ ଆରମ୍ଭ ହେବ। ମାର୍ଚ୍ଚ ୮ ଯାଏ ଚାଲିବାକୁ ଥିବା ବିଶ୍ୱକପର ଆୟୋଜନ ଭାରତ ଓ ଶ୍ରୀଲଙ୍କା କରୁଛନ୍ତି। ନଭେମ୍ବର ମାସରେ ଆଇସିସି ଜାରି କରିଥିବା ମ୍ୟାଚ୍ ସୂଚୀ ଅନୁସାରେ ବାଂଲାଦେଶ ତା’ର ଗ୍ରୁପ ପର୍ଯ୍ୟାୟ ମ୍ୟାଚଗୁଡିକ କୋଲକାତା ଓ ମୁମ୍ବାଇରେ ଖେଳିବାକୁ ଧାର୍ଯ୍ୟ ହୋଇଥିଲା।

କିନ୍ତୁ ଭାରତ ସହ ରାଜନୀତିକ ବିବାଦ କାରଣରୁ ବାଂଲାଦେଶ କ୍ରିକେଟ ବୋର୍ଡ ନିଜ ସରକାରଙ୍କ କଥାରେ ପରିଚାଳିତ ହୋଇ ଭାରତକୁ ଟିମ ପଠାଇବ ନାହିଁ ବୋଲି କହିଥିଲା। ଏଥିସହ ଭାରତ ବାହାରକୁ ନିଜର ମ୍ୟାଚଗୁଡ଼ିକୁ ସ୍ଥାନାନ୍ତର କରିବାକୁ କହିଥିଲା। ହେଲେ ଆଇସିସି ଆଜି ବିଧିବଦ୍ଧ ଭାବେ ବାଂଲାଦେଶର ସବୁ ଅନୁରୋଧକୁ ଅଗ୍ରାହ୍ୟ କରି ଦେଇଛି।

ବାଂଲାଦେଶ ବିଶ୍ୱକପ ନ ଖେଳିଲେ ଗ୍ରୁପ ସିରେ ନୂଆଦଳ ଭାବେ ସ୍କଟଲ୍ୟାଣ୍ଡକୁ ସାମିଲ କରାଯିବ। ଏହି ଗ୍ରୁପରେ ପୂର୍ବରୁ ୱେଷ୍ଟଇଣ୍ଡିଜ, ଇଟାଲୀ, ଇଂଲଣ୍ଡ ଓ ନେପାଳ ରହିଛନ୍ତି।

# ୨୬୬ ଲିଟର ଦେଶୀ ମଦ ଜବତ

**କଟକ,୨୨ା୧: ଏକ୍ସପ୍ରେସ୍ ନ୍ୟୁଜ୍**

ଚୋରା ଦେଶୀ ମଦ ଚାଲାଣ ଅଭିଯୋଗରେ କଟକ ଅବକାରୀ ବିଭାଗ ମୋବାଇଲ ୟୁନିଟ ପକ୍ଷରୁ ଗୁରୁବାର ସ୍ଥାନୀୟ କାଜିପାଟଣା ବାଲିକୁଦା ଜଗତପୁର ଗୋଲେଇଛକ ଠାରେ ପୃଥକ ପୃଥକ ଭାବେ ଚଢ଼ାଉ କରାଯାଇ ୪ ଜଣ ଦେଶୀ ମଦ ବେପାରିକୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ, ସ୍ଥାନୀୟ ବିଡ଼ାନାସୀ ଥାନା ଅନ୍ତର୍ଗତ



ଦେଉଳସାହିର ପ୍ରାଣକୃଷ୍ଣ ମୁଦୁଲି, କିଶନନଗର ଥାନା ଅନ୍ତର୍ଗତ ମହୀପୁର ଗ୍ରାମର ସନ୍ତୋଷ ମହାନ୍ତି, ଚନ୍ଦକା ଥାନା ଅନ୍ତର୍ଗତ ଅନ୍ଧାରୁଆ ଗ୍ରାମର ପ୍ରଦୀପ୍ତ ଦାସ ଓ ହେମନ୍ତ ମାଂଝି । ଅଭିଯୁକ୍ତଙ୍କ ନିକଟରୁ ଅବକାରୀ ବିଭାଗ ମୋଟ ୨୬୬ଲିଟର ଦେଶୀ ମଦ ଓ ଗୋଟିଏ ସିଏନଜି ଚାଳିତ ଅଟୋରିକ୍ସା (ଓଡ଼ି୦୨ସିକ୍ୟୁ୯୨୬୦) ଜବତ କରିଛି । ଗିରଫ ଦେଶୀ ମଦର ଆନୁମାନିକ ମୂଲ୍ୟ ୩ଲକ୍ଷ ୫୫ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ଭକ୍ତବତ୍ସଳ ବର୍ମା, ଏସଆଇ ଅକ୍ଷୟ ଜେନା, ଏଏସଆଇ ଜୟପ୍ରକାଶ ବେଉରିଆ, କନେଷ୍ଟବଳ ଅଜୟ ଜେନା, ଦେବବ୍ରତ ଓଝା, ଶଙ୍କର ସିଂ, ଦମୟନ୍ତୀ ନାଥ ପ୍ରମୁଖ ସାମିଲ ହୋଇଥିଲେ । ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ହ୍ୱିସିଲ୍ ଚିହ୍ନରେ ଲଢ଼ିବ ଟିଭିକେ

**ନୂଆଦିଲ୍ଲୀ,୨୨ା୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ନିର୍ବାଚନ ଆୟୋଗ ଗୁରୁବାର ଦକ୍ଷିଣୀ ସୁପରଷ୍ଟାର ବିଜୟଙ୍କ ପାର୍ଟି ତମିଲଗା ୱେଟ୍ରି କଜଗମ (ଟିଭିକେ)କୁ ନିର୍ବାଚନ ଚିହ୍ନ ପ୍ରଦାନ କରିଛନ୍ତି। ଆୟୋଗ ତାମିଲନାଡୁରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ପାର୍ଟି ଏହି ନିର୍ବାଚନ ଚିହ୍ନକୁ ବ୍ୟବହାର କରି ଲଢି ପାରିବ ବୋଲି କହିଛନ୍ତି । ଟିଭିକେ ନେତା ସି.ଟି.ଆର. ନିର୍ମଳ କୁମାର କହିଛନ୍ତି ଯେ ୧୦ ପ୍ରସ୍ତାବିତ ଚିହ୍ନ ମଧ୍ୟରୁ ବିଜୟ ‘ହ୍ୱିସିଲ’କୁ ତାଙ୍କର ପ୍ରଥମ ପସନ୍ଦ ବାଛିଥିଲେ।



ଉଲ୍ଲେଖଯୋଗ୍ୟ ଯେ ଅଭିନେତା ବିଜୟଙ୍କ ଟପ ହିଟ୍ ଗୀତ ମଧ୍ୟରେ ଗୋଟିଏ ‘ହ୍ୱିସିଲ ପୋଡୁ’ ୨୦୨୪ରେ ମୁକ୍ତିଲାଭ କରିଥିବା ଫିଲ୍ମ ‘ଗୋଟ’ର ଲୋକପ୍ରିୟ ଗୀତଥିଲା। ଏଥିରେ ସଂଯୋଗ ବସତଃ ସେ ସମୟରେ ବିଜୟଙ୍କ ରାଜନୈତିକ ଏଣ୍ଟ୍ରିର ପ୍ଲାନ କରାଯାଇଥିଲା। ପାର୍ଟିକୁ ନିର୍ବାଚନ ଚିହ୍ନ ମିଳିବା ଟିଭିକେର ଚେନ୍ନାଇରେ ମଙ୍ଗଳବାର ଅନୁଷ୍ଠିତ ନିର୍ବାଚନ ପ୍ରଚାର ସମିତି ବୈଠକର ୨ ଦିନ ପରେ ମିଳିଛି। ଏହି ବୈଠକରେ ସେଦିନ ସାମାଜିକ ନ୍ୟାୟ ଓ ପାରଦର୍ଶିତା ଆଧାରିତ ଘୋଷଣାପତ୍ରର ରୂପରେଖ ଚୂଡ଼ାନ୍ତ ହୋଇଥିଲା। ତେବେ ଏହା ପୂର୍ବରୁ ଜାନୁୟାରୀ ୧୬ ତାରିଖ ଦିନ ବିଜୟ ତାମିଲନାଡୁ ବିଧାନସଭା ନିର୍ବାଚନ ଲାଗି ପାର୍ଟିର ବିଧାନସଭା ନିର୍ବାଚନ ଗତିବିଦ୍ଧିକୁ ଜିଲ୍ଲା ଓ ନିର୍ବାଚନମଣ୍ଡଳି ସ୍ତରରେ କୋ-ଅର୍ଡିନେଟ କରିବା ପାଇଁ ୧୨ ସଦସ୍ୟୀୟ କମିଟି ଗଠନ କରିଥିଲେ।

ଜନୈକ ବରିଷ୍ଠ ପାର୍ଟି ନେତା କହିଛନ୍ତି ଯେ ତାମିଲନାଡୁରେ ହେବାକୁ ଥିବା ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ପାର୍ଟି ନିଜ ମୁଖିଆ ବିଜୟଙ୍କ ନିର୍ବାଚନ ପ୍ରଚାର ଗସ୍ତ କାର୍ଯ୍ୟକ୍ରମ ଚୂଡ଼ାନ୍ତ କରୁଛି। ପାର୍ଟିର ମୁଖ୍ୟ ସମନ୍ୱୟକ କେ.ଏ.ସେଙ୍ଗୋଟେୟାଁ କହିଛନ୍ତି ଯେ ନିର୍ବାଚନ ପ୍ରଚାର ସ୍ଥାନର ନାମ ସମ୍ପର୍କରେ ଅଧିକାରୀଙ୍କ ସୂଚନା ମିଳିବା ପରେ ଘୋଷଣା କରାଯିବ। କମିଟି ଜାନୁୟାରୀ ୨୬ରେ ସାରା ରାଜ୍ୟ ଗସ୍ତ କରିବ ଓ ତାମିଲନାଡୁର ସମସ୍ତ ୩୨୪ନିର୍ବାଚନ କ୍ଷେତ୍ରରେ ପାର୍ଟି ପଦାଧିକାରୀଙ୍କ ସହିତ ପାରମର୍ଶ ବୈଠକ କରିବ। ତେବେ ପାର୍ଟି ଆଗାମୀ ନିର୍ବାଚନକୁ ଏକାକୀ ଲଢିବ କି ମେଣ୍ଟ କରି ଲଢିବ ସେ ସମ୍ପର୍କରେ ସୂଚନା ଦେବାକୁ ଯାଇ ସେଙ୍ଗୋଟେୟାଁ କହିଛନ୍ତି ଯେ ଏ ନେଇ ପାର୍ଟି ମୁଖ୍ୟ ଦଳର ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ନେବେ।

ତାମିଲନାଡୁ ରାଜନୀତିରେ ସିନେ କଳାକାରଙ୍କ ଦୀର୍ଘ ଇତିହାସ ରହିଛି। ତେବେ ସି.ଏନ. ଆନ୍ନାଦୁରାଇ, ଏମ.ଜି.ରାମଚନ୍ଦ୍ରନ ଓ ଜେ. ଜୟଲଳିତାଙ୍କ ଭଳି କିଛି ଦିଗ୍ଗଜ ହିଁ ରାଜନୀତିରେ ସଫଳ ହୋଇଛନ୍ତି। ଶିବାଜୀ ଗଣେଶନ, ବିଜୟ କାନ୍ତ, ଶରଥ କୁମାର ଓ କମଲ ହାସନଙ୍କ ଭଳି ଅନ୍ୟ ଲୋକଙ୍କୁ ସୀମିତ ସଫଳତା ମିଳିଛି। ତେବେ ରଜନୀ କାନ୍ତ ନିର୍ବାଚନ ଲଢିବା ପୂର୍ବରୁ ନିଜର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେଇଥିଲେ। ହେଲେ ନିର୍ବାଚନ ମାମଲାରେ ବିଜୟ ସମ୍ପୂର୍ଣ୍ଣ ଭିନ୍ନ ବୋଲି ତାଙ୍କ ଦଳୀୟ ଲୋକେ ଦାବି କରନ୍ତି।

# ଚୋରି ସାମଗ୍ରୀ ସହ ୩ ଗିରଫ

**ବାଲିଅନ୍ତା,୨୨ା୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବାଲିଅନ୍ତା ଥାନା ପୁଲିସ ଆଜି ଲୁଟ ମାମଲାରେ ୩ ଚୋରଙ୍କୁ ବାନ୍ଧି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଲିଅନ୍ତା ଥାନା ଟଙ୍କପାଣି ବ୍ରିଜ ନିକଟରେ ରହୁଥିବା ସୂର୍ଯ୍ୟକାନ୍ତ ପାତ୍ର (୨୨), ରବି ନାରାୟଣ ସେଠି (୨୫) ଓ ରାଜା ଗୋଚ୍ଛାୟତ (୧୯)। ସେମାନଙ୍କ ନିକଟରୁ ପୁଲିସ ସିନ୍ଧି ଚୋରିରେ ବ୍ୟବହୃତ ଶାବଳ ସମେତ ଅନ୍ୟାନ୍ୟ ମାରଣାସ୍ତ୍ର, ଗ୍ୟାସ ସିଲିଣ୍ଡର ଏବଂ ଆମ୍ୟାନ୍ୟ ଗୃହ ଉପକରଣ ଜବତ କରିଛି।

ସୂଚନାଯୋଗ୍ୟ ଯେ, ସ୍ଥାନୀୟ ସତ୍ୟଭାପୁର ପଞ୍ଚାୟତ ଅଞ୍ଚଳର ଦୈତାରୀ ଏବଂ ତାଙ୍କ ପରିବାର ସଦସ୍ୟମାନେ ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଗତ ରାତିରେ ଦୁର୍ବୃତ୍ତମାନେ ଘରର ପଛ ପାର୍ଶ୍ୱରୁ ତାଲା ଭାଙ୍ଗି ଘରଭିତରକୁ ପ୍ରବେଶ କରି ସାମଗ୍ରୀ ଚୋରି କରିଥିଲେ। ଚୋରି ସାମଗ୍ରୀ ମଧ୍ୟରେ ତିନୋଟି ଲୁହା ରଡ୍, ଗୋଟିଏ ଗ୍ୟାସ୍ ସିଲିଣ୍ଡର, ୪ ଷ୍ଟିଲ୍ ବେସିନ୍, ତିନୋଟି ରସ ବାଲଟି ଏବଂ ୨ଟି ରସ ଟପ ରହିଛି। ସୂର୍ଯ୍ୟକାନ୍ତ ନାମରେ ନିଶ୍ଚିନ୍ତକୋଇଲି ଥାନାରେ ଅନ୍ୟ ୨ଟି ମାମଲା ରହିଛି।

# ୧୬ ବର୍ଷରୁ କମ୍ ପିଲାଙ୍କ ପାଇଁ ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ଲଗାଇବ ଆନ୍ଧ୍ର !

**ବେଙ୍ଗାଲୁରୁ,୨୨ା୧**
**ଏକ୍ସପ୍ରେସ୍ ନ୍ୟୁଜ୍**

୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ସୋସିଆଲ ମିଡିଆ ବ୍ୟବହାର ଉପରେ ଅଷ୍ଟ୍ରେଲିଆ ଭଳି ପ୍ରତିବନ୍ଧକ ଲଗାଇବ ଆନ୍ଧ୍ରପ୍ରଦେଶ। ଏ ନେଇ ଅଷ୍ଟ୍ରେଲିଆର ନିଷେଧାଦେଶ ଉପରେ ଅଧ୍ୟୟନ କରାଯାଉଛି ବୋଲି ମଙ୍ଗଳବାର ଆନ୍ଧ୍ର ପ୍ରଯୁକ୍ତିବିଦ୍ୟା ଓ ମାନବ ସମ୍ବଳ ମନ୍ତ୍ରୀ ନାରା ଲୋକେଶ କହିଛନ୍ତି।

ଡାଭୋସରେ ବିଶ୍ୱ ଅର୍ଥନୈତିକ ଫୋରମ୍ ଅବସରରେ ନାରା ଲୋକେଶ କହିଛନ୍ତି, ଏକ ନିର୍ଦ୍ଦିଷ୍ଟ ବୟସରୁ କମ୍ ବୟସର ପିଲାମାନେ ସୋସିଆଲ ମିଡିଆରେ ରହିବା ଉଚିତ ନୁହେଁ କାରଣ ସେମାନେ ଯାହା ଦେଖୁଛନ୍ତି ତାହା ବୁଝନ୍ତି ନାହିଁ। ସୋସିଆଲ ମିଡିଆରେ ପ୍ରବେଶ କରୁଥିବା ନାବାଳକମାନଙ୍କ ପାଇଁ ଭାରତ ପିତାମାତାଙ୍କ ନିୟନ୍ତ୍ରଣ ଲାଗୁ କରିଛି, କିନ୍ତୁ ବ୍ୟାପକ ପ୍ରତିବନ୍ଧକ ଉପରେ କେନ୍ଦ୍ର ସରକାର ଏପର୍ଯ୍ୟନ୍ତ କୌଣସି ମତ ପ୍ରକାଶ କରିନାହାନ୍ତି।

ସୋସିଆଲ ମିଡିଆ ପ୍ଲାଟଫର୍ମ ଓ କ୍ଷତିକାରକ ଅନଲାଇନ୍ ବିଷୟବସ୍ତୁ ଉପରେ କଠୋର ନିୟନ୍ତ୍ରଣ ପାଇଁ କୋର୍ଟରେ ପିଟିସନ ଦାଖଲ କରାଯାଇଥିବାବେଳେ ରାଜ୍ୟ ସରକାର ଏପରି ବିଚାର କରୁଛନ୍ତି। ସାଇବର ସୁରକ୍ଷା ଓ ସାର୍ବଜନୀନ ନୀତିରେ ବିଶେଷଜ୍ଞ ଓକିଲ କର୍ଣ୍ଣିକା ସେଠ୍ କହିଛନ୍ତି, ଆଇପି ଚିହ୍ନଟକୁ ଏଡ଼ାଇବା ପାଇଁ ଉପାୟ ଓ ମାଧ୍ୟମ ଅଛି। ସମ୍ପୂର୍ଣ୍ଣ ନିଷେଧାଦେଶ ଉପରେ ଦୃଷ୍ଟି ଦେବାକୁ ପଡିବ।

# ଉପରାଷ୍ଟ୍ରପତିଙ୍କ କଟକ ଗସ୍ତ ପାଇଁ କାରକେଡ଼ ରିହର୍ସାଲ

**କଟକ,୨୨ା୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ମହାନ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଇଁ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ କଟକ ଆସି ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ । ତାଙ୍କ ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ମଧ୍ୟ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଆସିବେ । ଏଥିପାଇଁ ଆଜି କମିଶନରେଟ ପୋଲିସ ପକ୍ଷରୁ ଭୁବନେଶ୍ୱରରୁ କଟକ କାରକେଡ଼ ରିହର୍ସାଲ ଅନୁଷ୍ଠିତ ହୋଇଯାଇଛି । ସୁରକ୍ଷା ଟିମ କାରକେଡ଼ରେ ଆସି ସଂଗ୍ରହାଳୟ ଓ ନେତାଜୀ ସ୍ମାରକୀ ବୁଲି ଦେଖିବା ସହ ପ୍ରତିଟି ବ୍ୟବସ୍ଥାକୁ କିପରି ଶୃଙ୍ଖଳିତ କରାଯିବ ସେ ନେଇ ସମୀକ୍ଷା କରିଥିଲେ । ଭିଭିଆଇପିଙ୍କ କଟକ ଗସ୍ତ ପାଇଁ ଭୁବନେଶ୍ୱରରୁ କଟକ ପର୍ଯ୍ୟନ୍ତ ଟ୍ରାଫିକ କଟକଣା ଲଗାଯାଇଛି । ସୁରକ୍ଷା ବ୍ୟବସ୍ଥା ପାଇଁ ୩୦ ପ୍ଲାଟୁନ ଫୋର୍ସ ମୃତୟନ ହେବେ । ଏଥି ସହିତ କଟକ ସହରର କିଛି ଅଂଚଳରେ ଟ୍ରାଫିକ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି ।

ଉପରାଷ୍ଟ୍ରପତିଙ୍କ ଗସ୍ତକୁ ନଜରରେ ରଖି ଆସନ୍ତା କାଲି ସକାଳ ୭ଟାରୁ ଦିନ ୧ଟା ଯାଏ ସାଧାରଣ ଲୋକଙ୍କୁ ନେତାଜୀଙ୍କ ଜନ୍ମସ୍ଥାନ ଓ ସଂଗ୍ରହାଳୟ ବୁଲିବା ପାଇଁ ଅନୁମତି ନାହିଁ। ସେହିପରି ନେତାଜୀ ସ୍ମାରକୀକୁ ସକାଳ ୮ଟା ରୁ ଦିନ ୨ଟା ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ପ୍ରବେଶ ପାଇଁ କଟକଣା ରହିଛି । ୧ଟା ପରଠାରୁ ଛାତ୍ରଛାତ୍ରୀ ଓ ସାଧାରଣ ଲୋକ ଆସି ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଓ ଦିନ ୨ଟା ପରେ ନେତାଜୀ ସ୍ମାରକୀ ବୁଲି ଦେଖିପାରିବେ । ଏଥିସହିତ ପେଣ୍ଟିଂ ପ୍ରଦର୍ଶନୀରେ ହୋଇଥିବା ସୁନ୍ଦର ସୁନ୍ଦର ପେଣ୍ଟିଂକୁ ମଧ୍ୟ ଦେଖିପାରିବେ।

# ନାଏବ ସରପଞ୍ଚ ଭୋଟ: ଜିତିଲେ ଦୀନବନ୍ଧୁ

**କେନ୍ଦ୍ରାପଡ଼ା,୨୨ା୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବ୍ଲକ ଧୁମାତ ପଂଚାୟତର ୧୪ ନଂ ୱାର୍ଡ ସଭ୍ୟ ଦୀନବନ୍ଧୁ ମଲ୍ଲିକ ନାଏବ ସରପଂଚ ଭାବେ ନିର୍ବାଚିତ ହୋଇଛନ୍ତି । ଆଜି ଅନୁଷ୍ଠିତ ଉପ ନିର୍ବାଚନ ରେ ସେ ଏକମାତ୍ର ପ୍ରାର୍ଥୀ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଥିବାରୁ ତାଙ୍କୁ ବିଜୟୀ ଘୋଷଣା କରାଯାଇଛି । ଏହି ପଦରେ ଥିବା ସୁନାକର ମଲ୍ଲିକଙ୍କ ଇସ୍ତଫା ଯୋଗୁ ଏହା ଖାଲି ରହିଥିଲା । ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏହି ନିର୍ବାଚନ ହୋଇଥିଲା । ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ ଏହି ନିର୍ବାଚନ ପରିଚାଳନା କରୁଥିଲେ । ପଂଚାୟତ ସଂପ୍ରସାରଣ ଅଧିକାରୀ ଶୁଭ୍ରଜିତ ରାଉତ, ସରପଂଚ ମଂଜୁଲତା ସେଠୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପରିଡା ପ୍ରମୁଖ ଏଠାରେ ଉପସ୍ଥିତ ଥିଲେ ।

# ଯୁବକଙ୍କ ନିଖୋଜକୁ ଗୁରୁତ୍ୱ ଦେଉନି ପୋଲିସ

**କେନ୍ଦ୍ରାପଡ଼ା,୨୨ା୧: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ସହର ଫକିରାବାଦର ସେକ ଜଇନୁଲ ଆବେଦିନଙ୍କ ପୁଅ ସେକ ମହସମ ଖାନ ଗତ ଡିସେମ୍ବର ୮ ତାରିଖରୁ କେଉଁଆଡ଼େ ନିଖୋଜ ଅଛନ୍ତି । ଏନେଇ ଟାଉନ ଥାନାରେ ଅଭିଯୋଗ କରାଯାଇଛି । ହେଲେ ମହସନଙ୍କ ନିଖୋଜ ଘଟଣାକୁ ପୋଲିସ ଗୁରୁତ୍ୱ ଦେଉନି । ମହସନଙ୍କ ମାଆ ଖତିବା ବିବି ଏହି ଅଭିଯୋଗ ଆଣି ଏସପିଙ୍କ ଉଦେଶ୍ୟରେ ଲିଖିତ ଅଭିଯୋଗ ପତ୍ର ବୁଧବାର ଦେଇଛନ୍ତି । ଏସମ୍ପର୍କରେ ସେ କହିଛନ୍ତିଯେ ପୁଅ ମହସମ ୨୮ ବର୍ଷର ଯୁବକ । ଡିସେମ୍ବର ୮ ତାରିଖ ପୂର୍ବାହ୍ନରେ ଘରକୁ ଶୀଘ୍ର ଫେରିବ କହି ବାହାରକୁ ଯାଇଥିଲା । ତେବେ ସେ ଘରକୁ ଫେରି ନଥିଲା । ବିଭିନ୍ନ ସ୍ଥାନରେ ଖୋଜାଖୋଜି ପରେ ମଧ୍ୟ ପତା ମିଳନାହିଁ । ଏନେଇ ଥାନା ପୋଲିସରେ ଅଭିଯୋଗ ପରେ ମିସିଂ କେସ ନଂ ୧/ ୨୬ରେ ପଂଜିକରଣ କରି ଚୁପ ହୋଇ ବସିଛନ୍ତି ବୋଲି ସେ କହିଛନ୍ତି ।

# ଆଦର୍ଶ ବିଦ୍ୟାଳୟର ୨ ହଜାର ପଦବୀ ପୂରଣ କେବେ ?

**ଭୁବନେଶ୍ୱର,୨୨ା୧**
**ତଥ୍ୟ**

ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନରେ ଦୁଇ ହଜାରରୁ ଅଧିକ ଶିକ୍ଷକ ଶିକ୍ଷୟତ୍ରୀ ପଦବୀ ଖାଲି ପଡିଛି । ଶିକ୍ଷକ ପଦବୀ ସହିତ ଏହିସବୁ ବିଦ୍ୟାଳୟରେ ଅଧକ୍ଷ ଏବଂ ଉପାଧକ୍ଷ ପଦବୀରେ ବି ଗୁରୁତର ସ୍ଥିତି ।

ମିଳିଥିବା ସୂଚନା ଅନୁଯାୟୀ ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ଅଧିରେ ରାଜ୍ୟର ୩୦ଟି ଜିଲ୍ଲାରେ ୩୧୫ଟି ଆଦର୍ଶ ବିଦ୍ୟାଳୟ ରହିଛି । ଏଥି ମଧ୍ୟରେ ୩୧୪ଟି ବ୍ଲକରେ ଗୋଟିଏ କରି ବିଦ୍ୟାଳୟ ଥିବାବେଳେ ରାଜଧାନୀରେ ସ୍ୱତନ୍ତ୍ର ଆଇକନିକ୍ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହୋଇଛି । ଏହିସବୁ ବିଦ୍ୟାଳୟ ପାଇଁ ୭ହଜାର ମଞ୍ଜୁରୀପ୍ରାପ୍ତ ଶିକ୍ଷକ ପଦବୀ ଥିବାବେଳେ ଏଥିରୁ ପାଖପାଖି ଅଢେଇ ହଜାର ପଦବୀ ଖାଲି ପଡିଛି ।




ଏହି ସୂଚନା ଅନୁଯାୟୀ ପ୍ରତ୍ୟେକ ବିଦ୍ୟାଳୟ ପାଇଁ ଜଣେ କରି ଅଧକ୍ଷ ପଦବୀ ଥିବାବେଳେ ଏଥିରୁ ମାତ୍ର ୫୪ଟି ବିଦ୍ୟାଳୟରେ ଅଧକ୍ଷ ପଦବୀ ପୂରଣ ହୋଇ ପାରିଛି । ସେହିଭଳି ୩୧୫ଟି ଉପାଧକ୍ଷ ପଦବୀ ମଧ୍ୟରୁ ୧୩୦ଟି ପୂରଣ ହୋଇଛି । ଉଭୟ ଅଧକ୍ଷ ଓ ଉପାଧକ୍ଷ ପଦବୀ ପାଇଁ ୩୧୫ଟି କରି ମୋଟ୍ ୬୩୦ ପଦବୀ ଥିବାବେଳେ ଏଥିରୁ ୪୪୬ ଟି ପଦବୀ ଖାଲି ପଡିଛି ।

ଅନ୍ୟ ଶିକ୍ଷକ ପଦବୀ ମଧ୍ୟରେ ୨୦୦୯ଟି ପିଜିଟି ଶିକ୍ଷକ ପଦବୀ ମଧ୍ୟରୁ ୮୮୩ଟି ଖାଲି ପଡିଥିବାବେଳେ ୩୧୪୦ଟି ଟିଜିଟି ଶିକ୍ଷକ ପଦବୀ ମଧ୍ୟରୁ ୬୫୫ଟି ଖାଲି ରହିଛି । ଅନ୍ୟ ଶିକ୍ଷକ ସ୍ତରରେ ୧୨୫୭ଟି ପଦବୀ ଥିବାବେଳେ ଏଥିରୁ ୪୮୩ଟି ପଦବୀ ଖାଲି ପଡିଥିବା ଜଣାଯାଇଛି ।

ଆଦର୍ଶ ବିଦ୍ୟାଳୟଗୁଡିକରେ ଇଂରାଜୀ ମାଧ୍ୟମ ଢାଞ୍ଚାରେ ପାଠପଢା ସହିତ ଏଠାରେ ହଷ୍ଟେଲ ସୁବିଧା ଥିବାରୁ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଏହି ସରକାରୀ ବିଦ୍ୟାଳୟରେ ପଢାଇବାପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । ହେଲେ ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲି ପଡିବା ଏବେ ସେମାନଙ୍କୁ ଚିନ୍ତାରେ ପକାଇ ଦେଇଛି ।

ସମସ୍ତ ଉପାଧକ୍ଷ ପଦବୀଗୁଡିକରେ ନିଯୁକ୍ତି ପଦୋନ୍ନତି ଭିତ୍ତିକ ହୋଇଥିବା ବେଳେ ଟିଜିଟି ପଦବୀଗୁଡିକରେ ପ୍ରତ୍ୟକ୍ଷ ନିଯୁକ୍ତି ପ୍ରଦାନ କରାଯାଉଛି । ଅଧକ୍ଷ ଓ ପିଜିଟି ଶିକ୍ଷକ ପଦବୀଗୁଡିକ ଉଭୟ ପଦୋନ୍ନତି ଓ ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା ପୂରଣ ହୋଇଥାଏ । ଆବଶ୍ୟକତା ଅନୁଯାୟୀ କାଳି ପଡିଥିବା ଶିକ୍ଷକ ପଦବୀଗୁଡିକ ପୂରଣ ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଥିବା ବାରମ୍ବାର କହୁଥିବାବେଳେ ଏହା କେବେ ପୂରଣ କରାଯିବ ତାହାକୁ ଏବେ ଉଭୟ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଚାହିଁ ବସିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ସରକାରୀ ଭାଷଣ...

କ୍ୟାବିନେଟ ଅନୁମୋଦିତ ଭାଷଣ ପଢ଼ି ନାହାନ୍ତି। ଏହା ବଦଳରେ ସେ ନିଜେ ପ୍ରସ୍ତୁତ କରିଥିବା ଭାଷଣକୁ ପଢ଼ିଛନ୍ତି। ସେ ଏପରି କରି ସାମ୍ବିଧାନିକ ନିୟମର ଉଲ୍ଲଙ୍ଘନ କରିଛନ୍ତି। ସାମ୍ବିଧାନିକ ନିୟମ ଅନୁସାରେ ସେ କ୍ୟାବିନେଟ ଦ୍ୱାରା ପ୍ରସ୍ତୁତ ଭାଷଣ ପଢ଼ିବା କଥା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟପାଳଙ୍କ କାର୍ଯ୍ୟାଳୟ ବିଜେପି କାର୍ଯ୍ୟାଳୟ ପାଲଟିଛି ବୋଲି କର୍ଣ୍ଣାଟକ ମନ୍ତ୍ରୀ ପ୍ରିୟଙ୍କ ଖଡଗେ କହିଛନ୍ତି।

### ଖାଇକୁ ଖସିଲା...

ଗଭୀର ଘାଟି ତଳକୁ ଖସି ପଡ଼ିଯାଇଥିଲା। ଜମ୍ମୁ ଏବଂ କାଶ୍ମୀରର ଡୋଡା ଜିଲ୍ଲାର ସୁରକ୍ଷା ପରିସ୍ଥିତି ବର୍ତ୍ତମାନ ସମ୍ବେଦନଶୀଳ ରହିଛି। ଦୁର୍ଘଟଣା ଘଟିବା ପରେ ଆତଙ୍କବାଦୀ କାର୍ଯ୍ୟକଳାପ ଏବଂ ସୁରକ୍ଷା ବାହିନୀର ଅପରେସନ ବୃଦ୍ଧି ପାଇଛି। ଡୋଡା ଜିଲ୍ଲାରେ ବିଶେଷକରି ପାର୍ବତ୍ୟ ଏବଂ ଜଙ୍ଗଲ ଅଞ୍ଚଳଗୁଡ଼ିକରେ ଆତଙ୍କବାଦୀଙ୍କ ଉପସ୍ଥିତିକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି। ଗୁଇନ୍ଦା ରିପୋର୍ଟ ଅନୁଯାୟୀ ଡୋଡା ଏବଂ ପଡ଼ୋଶୀ କିସ୍ତୱାର ଜିଲ୍ଲାରେ ୩୦ରୁ ୩୫ ଜଣ ପାକିସ୍ତାନୀ ମୂଳ ଆତଙ୍କବାଦୀ ସକ୍ରିୟ ହୋଇ ଜଙ୍ଗଲରେ ଲୁଚି ରହିପାରନ୍ତି।

### ଦଳ ବିରୋଧୀଠୁ...

ସାଂସଦ ପ୍ରାର୍ଥୀଙ୍କ ୪୦ ଭୋଟ ମାଇନସ ହୋଇଥିଲା ମହାକାଳପଡ଼ାରେ। ତା’ହେଲେ ଷଡଯନ୍ତ୍ର କିଏ କରିଥିଲା ? ଅଂଶୁମାନ ମହାନ୍ତିଙ୍କ ସହିତ ମୋର ପାରିବାରିକ ସମ୍ପର୍କ। ସେ ମୋର ଭଲ ବନ୍ଧୁ।

ମୋ ବିରୋଧରେ ରାଜନୈତିକ ଷଡଯନ୍ତ୍ର ନେଇ ମୁଁ ଦୃଢ଼ ନିଶ୍ଚିତ ଏଥିପାଇଁ ଯେ ବାରମ୍ବାର ଅଭିଯୋଗ ବଦଳୁଛି। ପାଟକୁରାବାସୀ ମୋତେ ତାଙ୍କ ପ୍ରତିନିଧି ଭାବେ ବାଛିଛନ୍ତି। ଆଗକୁ କାହାକୁ ବାଛିବେ ସେ ନିଷ୍ପତ୍ତି ପାଟକୁରାବାସୀଙ୍କର ବୋଲି ସେ ସ୍ପଷ୍ଟ ଭାବେ କହିଥିଲେ। ଏଥିସହିତ ସେ ଆଉ ଏକ ସୂଚନା ଦେଇଥିଲେ ଯେ ଗତ ନିର୍ବାଚନରେ ପାଟକୁରାରୁ ବିଜେଡି ପ୍ରାର୍ଥୀ ହେବା ଲାଗି ନବୀନବାବୁଙ୍କ ତରଫରୁ ଆମକୁ ପ୍ରଥମେ ପ୍ରସ୍ତାବ ଆସିଥିଲା। **ମୁଁ ନିର୍ବାଚିତ ହେବା ପରେ ପାଟକୁରାରେ ପିସି କଲଚର ବନ୍ଦ କରିଦେଇଛି।**

ଅରବିନ୍ଦ ମହାପାତ୍ର ଏକଥା ମଧ୍ୟ କହିଛନ୍ତି, ନିଲମ୍ବନ ଆଗରୁ କ’ଣ ପାଇଁ ମୋତେ କାରଣ ଦର୍ଶାଅ ନୋଟିସ୍ ଦିଆଗଲା ନାହିଁ ବା ପକ୍ଷ ରଖିବାକୁ ସୁଯୋଗ ଦିଆଗଲା ନାହିଁ ?

### ହାତୀକୁ ଅନ୍ୟ...

ପୋତାଯାଇଥିବା ସ୍ଥାନ ଚିହ୍ନଟ କରିଥିଲେ। ଏହି ଅପରେସନକୁ ସମ୍ପୂର୍ଣ୍ଣ ଗୁପ୍ତ ରଖିବା ପାଇଁ ମିଳିଥିବା ସ୍ଥାନରେ ଗ୍ରୀନ୍ ବ୍ୟାରିକେଡ୍ କରି ରଖିଥିଲେ। ଜେସିବି ଦ୍ୱାରା ମାଟି କଢ଼ାଯାଇ ୭ ଫୁଟ ତଳୁ ହାତୀ ଶରୀରର ବିଭିନ୍ନ ଅଂଶ ପାଇଥିଲେ। ହାତୀକୁ ଟିକିଟିକି କରି କାଟି ପୋତା ଯାଇଥିବା ଅନୁମାନ କରାଯାଉଛି । ତେବେ ଦେହାଂଶର ଅଧିକାଂଶ ପଚିସଢି ଯାଇଥିବା ବେଳେ ଶୁଣ୍ଢ, ଗୋଡ଼, ମୁଣ୍ଡ ଆଦି ମିଳିଥିଲା।

### ସବୁଥିରେ କେନ୍ଦ୍ରାପଡ଼ା...

ପ୍ରଥମ ମୁନିସିପାଲିଟିବାସୀଙ୍କ ପାଇଁ ହାତପାହାନ୍ତାରେ ଚିକିତ୍ସା ସୁବିଧା ନାହିଁ। ଚିକିତ୍ସା ସୁବିଧା ଟିକେ ପାଇଁ ଦେଢ ମାସରୁ ଊର୍ଦ୍ଧ୍ୱ କାଳ ଧରି ମୁନିସିପାଲଟିରେ ସିଟି ହସ୍ପିଟାଲଟିଏ ପ୍ରତିଷ୍ଠା ସକାଶେ ଲୋକେ ଆନ୍ଦୋଳନ ଚଳାଇଥିଲେ ମଧ୍ୟ ଏହାକୁ ସମସ୍ତେ ଆଖି ବୁଜି ଦେଇଛନ୍ତି । ପ୍ରସିଦ୍ଧ ଶ୍ରୀବଳଦେବଜୀଉଙ୍କ ମନ୍ଦିର ସହିତ ଏଠାରେ ଥିବା ବହୁ ଐତିହ୍ୟସ୍ଥଳ ର ପ୍ରକୃତ ବିକାଶ ଜରିଆରେ କେନ୍ଦ୍ରାପଡ଼ାକୁ ରାଜ୍ୟ ଓ ରାଜ୍ୟ ବାହାରେ ପ୍ରସିଦ୍ଧି ଦେବାର ସୁଯୋଗ ପ୍ରତି କାହାରି ସାମାନ୍ୟତମ ଦୃଷ୍ଟି ନାହିଁ। ସେହିପରି କେନ୍ଦ୍ରାପଡ଼ାକୁ ଏକ ସଂପ୍ରସାରିତ ଓ ବିକଶିତ ମୁନିସିପାଲଟି କରି ଗଢି ତୋଳିବାର ସାଂପ୍ରତିକ ଆବଶ୍ୟକତାକୁ ପ୍ରଶାସନ ଓ ସରକାର ଅଣଦେଖା କରିଚାଲିଛନ୍ତି। ତେବେ କେବେ ସୁଧୁରିବ ରାଜ୍ୟର ଏହି ପ୍ରଥମ ପୌରାଂଚଳର ଭାଗ୍ୟ ତାହା ସାଧାରଣରେ ପ୍ରଶ୍ନବାଚୀ ହୋଇ ରହିଛି ।

### ବଜ୍ରକାପ୍ତା କାଟି...

ଜବତ କରି ରାଜନଗର ରେଂଜ କାର୍ଯ୍ୟାଳୟକୁ ଆଣିଥିଲେ । ପଟ୍ଟାମୁଣ୍ଡାଇ ଗାଁର ଏସକେ ବାରାକତୁଲ୍ଲା, ଷଣ୍ଢପଲୀ ଗାଁର ଅଭିରାମ ମଳିକ ଓ ରାଜକିଶୋର ମଳିକଙ୍କ ସହ ସେମାନେ ବ୍ୟବହାର କରୁଥିବା ଓଡି-୨୯-ଜେ- ୨୯୭୧ ହିରୋ ସ୍ପେଣ୍ଡର ପ୍ଲସ ବାଇକ ଓ ହୋଣ୍ଡା ଭେଲୋ ବାଇକ ନଂ- ଓଡି-୨୯-ଜେ- ୫୫୧୬କୁ ଜବତ କରିଥିଲେ । ଗିରଫ ଆସାମୀମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବନବିଭାଗ ସୂତ୍ରରୁ ଜଣାପଡିଛି ।

Printed & Published by **Gyanaranjan Behera** on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at **Janachetana Parisad Bhawan, At-Kajala, P.O/Dist -Kendrapara**, Pin-754211, Ph. : 9439698412, 9583706460
Editor : **Ambika Prasad Das** ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ
Chief Editor : **Umapada Bose** ମୁଖ୍ୟ ସମ୍ପାଦକ : ଉମାପଦ ବୋଷ